


ଅଜୟ ଆଣିବେ 'ଦୃଶ୍ୟମ୍-୩'

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-337 ◆BHUBANESWAR ◆THURSDAY ◆5 JUNE 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୭ ◆ଭୁବନେଶ୍ୱର ◆ଗୁରୁବାର ◆୫ ଜୁନ୍ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଇପିଏଲ୍ ବିଜୟ ଉତ୍ସବରେ ଦଳାଚକଟା; ୧୧ ମୃତ

## ବେଙ୍ଗାଲୁରୁ ଷ୍ଟାଡିୟମ୍‌ରେ ଶୋକାକୁଳ ପରିବେଶ

## ଘଟଣାର ତଦନ୍ତ ନିର୍ଦ୍ଦେଶ

■ **ବେଙ୍ଗାଲୁରୁ, ୪।୬ (ଏଜେନ୍ସି):** ଭାରତରେ କ୍ରିକେଟ ପ୍ରେମୀଙ୍କ ଏମିତି ପାଗଳାମୀ କେବେ ଦେଖିବାକୁ ମିଳିନଥିଲା। ବେଙ୍ଗାଲୁରୁରେ ଆଜି ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ କ୍ରିକେଟ ପ୍ରେମୀଙ୍କ ଅସମ୍ଭବ ଭିଡ଼ ଯୋଗୁଁ ଦଳାଚକଟା ଘଟିଛି। ଏଥିାରେ ୧୧ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ୫୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିମାନଙ୍କ ବୟସ ୧୩ରୁ ୩୫ ବର୍ଷ ମଧ୍ୟରେ ହେବ। ଏଥିରେ ଉଭୟ ଯୁବକ ଓ ଯୁବତୀ ଅଛନ୍ତି।

ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷା ପରେ ବେଙ୍ଗାଲୁରୁ ଦଳ ଗତକାଲି ପ୍ରଥମ ଥର ଲାଗି ଆଇପିଏଲ ଚାମ୍ପିଅନ୍ ହୋଇଥିଲା। ଏହି ଅବସରରେ ବିଜୟ ଉତ୍ସବ ପାଳନ ଲାଗି ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରାଜ୍ୟ କ୍ରିକେଟ ଆସୋସିଏସନ ପକ୍ଷରୁ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ଷ୍ଟାଡିୟମରେ ଉତ୍ସବ ଦେଖିବାଲାଗି ଟିକଟ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଷ୍ଟାଡିୟମ ଜନସମୁଦ୍ର ପାଲଟିଥିଲା। ଆଇପିଏଲ୍ ଟ୍ରଫି ଏବଂ ଏହାକୁ ଜିତାଇଥିବା କ୍ରିକେଟ ତାରକାଙ୍କୁ ଦେଖିବା ଲାଗି ହଜାର ହଜାର ଲୋକ ମାଡ଼ି ଆସିଥିଲେ। ସେଠାରେ ବ୍ୟାପକ ପୁଲିସ ମୁତୟନ ସତ୍ତ୍ୱେ ଭିଡ଼କୁ ନିୟନ୍ତ୍ରଣ କରିବା ସେମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। କେତେକ ସୂତ୍ରରୁ ପ୍ରକାଶ ଯେ ବର୍ଷା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସର ଲାଠିମାଡ଼ ଯୋଗୁଁ ଦଳାଚକଟା ଘଟିଲା ବୋଲି କୁହାଯାଉଥିବା ବେଳେ ପ୍ରାଥମିକ ରିପୋର୍ଟ କିନ୍ତୁ ଭିନ୍ନ ତଥ୍ୟ ଦେଉଛି। ପ୍ରାଥମିକ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ ଷ୍ଟାଡିୟମ ପରିସରରେ ନିର୍ମିତ ଡ୍ରେନ ଉପରେ ଏକ ଅସ୍ଥାୟୀ ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ଏଭଳି ଅଘଟଣ ଘଟିଥିଲା। ଡ୍ରେନ ଉପରେ ଲୋକଙ୍କ ଭିଡ଼ ଯୋଗୁଁ ଏହି ସ୍ଲାବ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକ ଡ୍ରେନ ଭିତରେ ପଡ଼ିଯାଇଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ଦଳାଚକଟା। ବିଜୟ ପାଳନ ପାଇଁ ଆୟୋଜିତ ଏହି ଉତ୍ସବ ଶୋକାକୁଳ ହୋଇପଡ଼ିଥିଲା। ଫଳରେ ଏହି କାର୍ଯ୍ୟକ୍ରମକୁ ୧୫ ମିନିଟ ଭିତରେ ସାରି ଦିଆଯାଇଥିଲା। ▶ପୃଷ୍ଠା-୭



# ଭୁଲ୍ ଇଞ୍ଜେକ୍‌ସନ୍ ନେଲା ୬ ଜୀବନ !

## କୋରାପୁଟ ବଡ଼ ମେଡିକାଲରେ ଅଘଟଣ

■ **କୋରାପୁଟ, ୪।୬ (ସମିସ):** ମାତ୍ର ଅଳ୍ପ ସମୟ ବ୍ୟବଧାନରେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ମଙ୍ଗଳବାର ରାତିରେ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଭୁଲ୍ ଇଞ୍ଜେକସନ ଯୋଗୁଁ ରୋଗୀମାନଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଘଟଣାକୁ ଅଧିକ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମେଡିକାଲ କଲେଜ ଫାଟକ ଆଗରେ ଧାରଣା ଦେବା ସହ ମେଡିକାଲ କଲେଜ ଡିନ୍‌କୁ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଶାନ୍ତ ହୋଇଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହି ଘଟଣା ନେଇ ବିଜୁ ଜନତା ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସରକାର ଏହି ଘଟଣାରେ ଶ୍ୱେତପତ୍ର ପ୍ରକାଶ କରିବା ସହ



### ଫାଟକ ଆଗରେ ଉତ୍ତ୍ୟକ୍ତ ଲୋକଙ୍କ ଧାରଣା

### ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ

ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି।

ସୂଚନା ଅନୁଯାୟୀ, ବାଇକ୍ ଦୁର୍ଘଟଣାରେ ଗୁରୁତର ଭଗବାନ ପରଜା (୩୮), ଅଟୋ ଦୁର୍ଘଟଣାରେ ଆହତ ଜଗନ୍ନାଥ ପୂଜାରୀ, ଛୁରା ମାଡ଼ରେ ଆହତ ରୁକୁଣି ପେଣ୍ଟିଆ(୪୭) ଓ ସୁଖରାମ ମାଝୀ, କ୍ୟାନ୍ସର ଆକ୍ରାନ୍ତ ବତି ଖରା ଓ ଦୁର୍ଘଟଣାରେ ଆହତ ▶ପୃଷ୍ଠା-୭

## ତଦନ୍ତ ପାଇଁ ୫ ଜଣିଆ ଟିମ୍ ଗଠନ କଲେ ଡିଏମ୍‌ଇଟି

■ **ଭୁବନେଶ୍ୱର, ୪।୬(ସମିସ):** କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭୁଲ୍ ଇଞ୍ଜେକସନ୍ ଯୋଗୁ ୫ଜଣଙ୍କ ମୃତ୍ୟୁ ଅଭିଯୋଗ ଘଟଣାର ଡାକ୍ତରୀ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ (ଡିଏମ୍‌ଇଟି) ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ବ୍ରହ୍ମପୁର ଏମ୍‌କେସିଜିରୁ ୩ ଓ କଟକ ଏସସିବିରୁ୨ ଜଣ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ଆସନ୍ତାକାଲି ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏମ୍‌ଇଟି ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଦିଆଯାଇଥିବା ଔଷଧ ଓ ଇଞ୍ଜେକ୍ସନ୍ ପାର୍ଶ୍ୱ ପ୍ରତିକ୍ରିୟା ହୋଇଛି ନା ସ୍ୱାଭାବିକ ମୃତ୍ୟୁ ଘଟିଛି, ସେନେଇ ଟିକିନିଖି ତଦନ୍ତ କରାଯିବା ସହ ରୋଗୀଙ୍କୁ ଦିଆଯାଇଥିବା ଔଷଧଗୁଡ଼ିକର ମାନ ମଧ୍ୟ ଯାଞ୍ଚ କରାଯିବ। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ୨୦୨୬ ଅକ୍ଟୋବରରୁ ଜନଗଣନା

## ଦୁଇଟି ପର୍ଯ୍ୟାୟରେ ହେବ


## ଜନଗଣନାରେ ସାମିଲ ହେବ ଜାତିଭିତ୍ତିକ ତଥ୍ୟ

■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ବହୁ ପ୍ରତିକ୍ଷିତ ୧୬ ତମ ଜାତୀୟ ଜନଗଣନା ସହ ସ୍ୱାଧୀନ ଭାରତର ପ୍ରଥମ ଜାତିଭିତ୍ତିକ ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀର ଓ ଲଦାଖର ପାର୍ବତ୍ୟାଞ୍ଚଳ ଏବଂ ବରଫାବୃତ ଅଞ୍ଚଳଗୁଡ଼ିକରେ ୨୦୨୬ ଅକ୍ଟୋବର ପହିଲାରୁ ଜନଗଣନା ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଏହି ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଦେଶର ଅବଶିଷ୍ଟ ଅଞ୍ଚଳରେ ୨୦୨୭ ମାର୍ଚ୍ଚ ପହିଲାରୁ ଜନଗଣନା କରାଯିବ। ଦେଶର ଏହି ସର୍ବବୃହତ୍ତ ଅଭିଯାନ ତିନି ବର୍ଷ ଧରି ଚାଲିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର କ୍ୟାବିନେଟର ରାଜନୈତିକ ବ୍ୟାପାର କମିଟିରେ ସ୍ଥିର କରାଯାଇଥିଲା। ଏହାର ଗୋଟିଏ ମାସ ପରେ ସରକାର ଜନଗଣନା ପାଇଁ ତାରିଖ ଘୋଷଣା କରିଛନ୍ତି। ଚଳିତ ମାସ ୧୬ ତାରିଖରେ ଏସଂପର୍କରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ଜନଗଣନା ଆଇନ, ୧୯୪୮ ଏବଂ ଜନଗଣନା ନିୟମ, ୧୯୯୦ ଅନୁଯାୟୀ ଏହି ଅଭିଯାନର ଆୟୋଜନ କରାଯାଉଛି। ଶେଷ ଥର ଲାଗି ୨୦୧୧ରେ ଜନଗଣନା କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ହୋଇଥିଲା। ୨୦୨୧ରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ ▶ପୃଷ୍ଠା-୭



# ଜୁଲାଇ ୧୧ରୁ ସଂସଦର ମୌସୁମୀ ଅଧିବେଶନ




■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ସଂସଦର ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨୧ ତାରିଖରୁ ଆରମ୍ଭ ହେବ। ଏହା ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଅଧିବେଶନରେ ସରକାର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିୟମ ଓ ପରଂପରା ଅନୁଯାୟୀ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ସଂସଦର ପ୍ରତ୍ୟେକଟି ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ କେଉଁ ପ୍ରସଙ୍ଗରେ କେବେ ଆଲୋଚନା ହେବ, ତାହା ସଂସଦର କାର୍ଯ୍ୟ ଉପଦେଷ୍ଟା କମିଟି ସ୍ଥିର କରିବ। ପହଲଗାମ ଆକ୍ରମଣ ଏବଂ ଏହାପରେ ଅପରେସନ ସିନ୍ଦୂରକୁ ନେଇ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିବା ଲାଗି ବିରୋଧୀ ଦଳ ▶ପୃଷ୍ଠା-୭

# ବଢୁଛି 'ଉଷ୍ମଘାତ' ଆଶଙ୍କା

**୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ ତାପମାତ୍ରା**

■ **ଭୁବନେଶ୍ୱର, ୪।୬ (ସମିସ):** ରାଜ୍ୟରେ ଜାରି ରହିଛି ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି । ଯଦିଓ କିଛି କିଛି ସ୍ଥାନରେ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେଉଛି, ମାତ୍ର ତାପମାତ୍ରାକୁ ରୋକିବାରେ ଏହା ସଫଳ ହୋଇନାହିଁ। ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ସକାଳୁ ପ୍ରବଳ ଗୁଳୁଗୁଳି ଆରମ୍ଭ ହୋଇଯାଉଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିରେ ପରିବର୍ତ୍ତନ ଆସିବାର ସମ୍ଭାବନା ନାହିଁ ଓ ୭ ତାରିଖରୁ ୧୦ ତାରିଖରୁ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଯୋଗୁଁ 'ଉଷ୍ମ ଘାତ' ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ସତର୍କତା ଅବଲମ୍ବନ କରିବା ପାଇଁ ପାଣିପାଗ ବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି ।



**୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି**


ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହରେ ଓଡ଼ିଶା ଓ ସଂଲଗ୍ନ ରାଜ୍ୟ ସହିତ ସମସ୍ତ କେନ୍ଦ୍ରୀୟ ଓ ଉତ୍ତର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଜୁନ୍ ୭ରୁ ଜୁନ୍ ୧୦ ମଧ୍ୟରେ ଚଳିତ ବର୍ଷର ସବୁଠାରୁ ଉତ୍ତପ୍ତ ▶ପୃଷ୍ଠା-୭

# ୨୭ ରାଜ୍ୟକୁ ବ୍ୟାପିଛି କରୋନାର ନୂଆ ପ୍ରଜାତି

**୪୩୦୨ ରୋଗୀ ଚିକିତ୍ସାଧୀନ; ୪୪ ମୃତ**

**ହିମାଚଳରେ ମାସ୍କ ବାଧ୍ୟତାମୂଳକ**

■ **ନୂଆଦିଲ୍ଲୀ, ୪।୬ (ଏଜେନ୍ସି):** ଦେଶରେ କରୋନା ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୩୦୦ ରୋଗୀ ଚିହ୍ନଟ ହୋଇଛନ୍ତି। ଗୁଜରାଟରୁ ସର୍ବାଧିକ ୧୦୮, ମହାରାଷ୍ଟ୍ରରୁ ୮୬ ମାମଲା ସାମ୍‌ନାକୁ ଆସିଛି। ଏଥିସହିତ




ମୋଟ ରୋଗୀସଂଖ୍ୟା ୪୩୦୨ ରେ ପହଞ୍ଚି ଯାଇଛି। କରୋନାର ଏହି ନୂଆ ପ୍ରଜାତି ୨୭ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବ୍ୟାପି ଗଲାଣି। ତେବେ ୯ ରାଜ୍ୟରୁ ଏ ପର୍ଯ୍ୟନ୍ତ ଗୋଟିଏ ବି ମାମଲା ଆସିନାହିଁ। କେରଳରେ ସର୍ବାଧିକ ୧୩୭୩ ରୋଗୀ ▶ପୃଷ୍ଠା-୭

# ଜୟ 'ହରିକାଠ'

# ଅକଳରେ ରାଜ୍ୟ ବିଜେପି ନେତୃତ୍ୱ

## ଗତ ନିର୍ବାଚନରେ ପ୍ରାର୍ଥୀ ମନୋନୟନରେ ହୋଇଛି ପାତରଅନ୍ତର

■ **ଭୁବନେଶ୍ୱର, ୪।୬ (ସମିସ):** ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷପୂର୍ତ୍ତିକୁ ମହା ଆଡ଼ମ୍ବରରେ ପାଳନ ପାଇଁ ବିଶାଳ ପ୍ରସ୍ତୁତି ଚଳାଇଥିବା ରାଜ୍ୟ ବିଜେପି ନେତୃତ୍ୱକୁ 'ହରିକାଠ'ରେ ଛନ୍ଦି ଦେଇଛନ୍ତି ଦଳର ବରିଷ୍ଠ ନେତା ଜୟନାରାୟଣ ମିଶ୍ର। ଗଲା ନିର୍ବାଚନ ସମୟରେ ପ୍ରାର୍ଥୀ ମନୋନୟନରେ ପାତରଅନ୍ତର କରାଯାଇଥିବା ଉଲ୍ଲେଖ କରି ଜୟନାରାୟଣ ଦଳର ରାଜ୍ୟ ନେତୃତ୍ୱଙ୍କୁ ଅଙ୍ଗୁଳିନିର୍ଦ୍ଦେଶ କରିଛନ୍ତି । ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ମଧ୍ୟ ସେ ସରକାରଙ୍କୁ ତେରଛା ବାଣ ମାରିଛନ୍ତି । ଦଳର



**ସଠିକ୍ ପ୍ରାର୍ଥୀ ଦିଆଯାଇଥିଲେ ୩ ସ୍ୱାଧୀନ ପ୍ରାର୍ଥୀ ଜିତି ନ ଥାନ୍ତେ**

**ଜୟନାରାୟଣଙ୍କ ପଛରେ ଦଳର ଏକ ଶକ୍ତିଶାଳୀ ଗୋଷ୍ଠୀ**

**ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ ଓ ନିଗମକୁ ନେଇ ଅସନ୍ତୋଷ**

ରାଜ୍ୟ ମୁଖ୍ୟ ଓ ଶାସନ ମୁଖ୍ୟଙ୍କ ଉଦ୍ଦେଶ୍ୟରେ ଜୟନାରାୟଣଙ୍କ ଏହି ଶବ୍ଦ ଶର ଶାସକ ଦଳରେ ଆଲୋଡ଼ନ ସୃଷ୍ଟି କରିଛି ।

ଜୟନାରାୟଣ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନରେ ଦଳ ସଠିକ୍ ପ୍ରାର୍ଥୀ ଦେଇନଥିଲା । ଏକଥା ମୁଁ ବାରମ୍ବାର କହିଛି; ହେଲେ କେହି ଶୁଣୁନାହାନ୍ତି । ଜୟଙ୍କ ଏପରି ବୟାନକୁ କାହା ଆଡ଼କୁ ଇଙ୍ଗିତ କରୁଛି ତାହାକୁ ଅଛପା ନ ଥିଲେ ହେଁ, ରାଜନୈତିକ ମହଲରେ ତାଙ୍କର ମନ୍ତବ୍ୟ ଏକ ନୂଆ ସମୀକରଣର ଆଭାସ ଦେଉଛି। ଜୟଙ୍କ ଟିପ୍ପଣୀ ପଛରେ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ଏବେ ଦଳୀୟ ନେତା ତର୍ଜମା ଆରମ୍ଭ କରିଛନ୍ତି। ଦଳର ଅନେକ ନେତା ଓ ବିଧାୟକ ଜୟଙ୍କୁ ସମର୍ଥନ କରୁଥିବା ମଧ୍ୟ ଆଲୋଚନା ▶ପୃଷ୍ଠା-୭


JUPITER
+2 Science Higher Secondary School
BHUBANESWAR
www.jupiter.ac.in
Tested & Trusted since 2002
Celebrating Success year after year...



TOPPER +2 SCIENCE STREAM 2024
Mr. Soumyajit Rout
BIITs, PILANI



TOPPER +2 SCIENCE STREAM 2023
Ms. Aparna Pradhan
St. Stephen's College, New Delhi

Highlights of +2 Sc. Results 2024
5 Ranks Including the No1 Rank among the Best 10
97% FIRST CLASS
100% PASS
78 Students secured more than 500 marks

Highlights of +2 Sc. Results 2025
3 Ranks among the Best 10
98% FIRST CLASS
100% PASS
87 Students secured more than 500 marks

ADMISSION OPEN 9439489157 / 9439489158

JUPITER
PUBLIC SCHOOL
BHUBANESWAR
CBSE- I to XII ( Science & Commerce)
Awarded as No.1
NUMBER ONE SCHOOL IN INTEGRATED TEACHING & COACHING
By Times School Ranking Survey Odisha
THE TIMES OF INDIA

HIGHLIGHTS OF RESULTS 2025
23 STUDENTS Qualified for JEE MAIN in 1st attempt
92% FIRST CLASS



Bishal Ku. Sahu, Phulbani
10th Class - 68%
12th Class - 93.5%
95 other students achieved similar remarkable growth, testament to Jupiter's excellence

FOUNDATION COURSE for JEE, NEET, NDA from Class VIII

ADMISSION OPEN 6371853130 / 6371853132

JUPITER
DEGREE COLLEGE
Affiliated to UTKAL UNIVERSITY
8093052844 / 845
+3 SCIENCE & +3 COMMERCE
with Coaching for IIT-JAM, CUET, CPET, Civil Service, & Banking exams etc...

Day Cum Residential
Separate AC Hostel Facility Available
For Boys and Girls

SPECIAL DISCOUNTS AVAILABLE FOR
Girl Students or Wards of Teachers

Gangapada, Near Old Toll Plaza, Adjacent to NH-16, Bhubaneswar

## ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ

# ସୁଦଶା ବ୍ରତ



ଉତ୍କଳୀୟ ସଂସ୍କୃତିରେ ଓଷା ବ୍ରତର ଖୁବ୍ ଗୁରୁତ୍ୱ ରହିଛି । ଧନଧାନ୍ୟ ଓ ଶ୍ରୀ ବୃଦ୍ଧି ପାଇଁ ସମସ୍ତେ ମାତା ଲକ୍ଷ୍ମୀଙ୍କୁ ଆରାଧନା ତଥା ଉପାସନା କରିଥାନ୍ତି । ମହାଲକ୍ଷ୍ମୀଙ୍କର ବିଭିନ୍ନ ବ୍ରତ ମଧ୍ୟରେ ସୁଦଶା ବ୍ରତ ଅନ୍ୟତମ । ପରିବାର ପାଇଁ ସୁ-ଦଶା ଅର୍ଥାତ୍ ଭଲ ସମୟ କାମନା କରି ଓଡ଼ିଆ ଘରର ସଧବା ମହିଳାମାନେ ମା' ଲକ୍ଷ୍ମୀଙ୍କର ଏହି ବ୍ରତ କରିଥାନ୍ତି । ପଦ୍ମ ପୁରାଣ ଅନୁସାରେ, ଯେକୌଣସି ମାସର ଶୁକ୍ଳପକ୍ଷ ଦଶମୀ ଗୁରୁବାରରେ ପଡ଼ିଲେ ସୁଦଶା ବ୍ରତ ପାଳନ ହୁଏ । ଏ ବ୍ରତ ଥରେ ଆରମ୍ଭ କଲେ ଆଜୀବନ କରିବାକୁ ହୁଏ । ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ଆରାଧନାର ପର୍ବ ସୁଦଶା ବ୍ରତ ନିଷ୍ଠା ଓ ଭକ୍ତିମୟ ପରିବେଶରେ ଆମ ରାଜ୍ୟର ପୁରପଲ୍ଲୀରେ ପାଳିତ ହୋଇଥାଏ । ସୁଦଶାର ଅର୍ଥ ଭଲ ସମୟ କିନ୍ତୁ ପଲ୍ଲୀ ମାନସରେ ସମ୍ଭବତଃ ସୁଦଶା ଶବ୍ଦ ସହିତ ଦଶ ସଂଖ୍ୟାଟି ସଂଯୋଜିତ ହୋଇ ଆସିଅଛି । ସେଥିପାଇଁ ସୁଦଶା ବ୍ରତରେ ଦଶ ପାଖୁଡ଼ା ପଦ୍ମ, ଦଶବର୍ଣ୍ଣ ମୁରୁଜ, ଦଶମୁଖୀ ଦୀପ, ଦଶମୁଠି ଚାଉଳ, ଦଶମେଞ୍ଚା କଦଳୀ, ଦଶଗୋଟି ମଣ୍ଡାରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ଗୋଟିଏ ବ୍ରତ ବା ଡୋରକ ପିନ୍ଧି ଥାଆନ୍ତି । ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ । ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତା ପ୍ରସ୍ତୁତ ହୁଏ । ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ । ପ୍ରଥମେ ଧଳାବ୍ରତକୁ ହଳଦୀ ପାଣିରେ ବୁଡ଼ାଯାଇ ସେଥିରେ ୧୦ଟି ଗଣ୍ଠି ପକାଯାଇଥାଏ । ଏହାର ପ୍ରତ୍ୟେକ ଗଣ୍ଠିରେ ଲକ୍ଷ୍ମୀଙ୍କ ବିଭିନ୍ନ ନାମ ଉଚ୍ଚାରଣ କରାଯାଏ । ତେବେ ୧୦ଟି ଗଣ୍ଠିର ନାମ ହେଲା, ଲକ୍ଷ୍ମୀ ନାରାୟଣୀ, କମଳିନୀ, ଶ୍ରୀହରିପ୍ରିୟା, ପଦ୍ମାଳୟା, କମଳା, ଚଞ୍ଚଳା, ବିଘ୍ନସେନୀ, ସିନ୍ଧୁର ଦୁଲ୍ଲଣୀ, ଦୁର୍ଗତି ନାଶିନୀ, ବିଷ୍ଣୁ ପାଟରାଣୀ । ସେହି ବ୍ରତକୁ ପରବର୍ତ୍ତୀ ସୁଦଶା ବ୍ରତ ପର୍ଯ୍ୟନ୍ତ ବାହୁରେ ଧାରଣ କରାଯାଏ । ଏହି ଦିନ ସକାଳୁ ସକାଳୁ ଉଠି ସଧବା ନାରୀମାନେ ଘର ଦ୍ୱାର ଲିପା ପୋଛା କରନ୍ତି । ଘର ଦୁଆର ମୁହଁରେ ଝୋଟି ଚିତା ଆଙ୍କନ୍ତି । ସମସ୍ତ ରୀତିନୀତି ସହ ବିଭିନ୍ନ ପ୍ରକାରର ପିଠାପଣା କରି ପୂଜା ପାଠ କରିଥାନ୍ତି । ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ । ଲକ୍ଷ୍ମୀଙ୍କୁ ପୂଜା କରିବା ଦ୍ୱାରା ଧନ, ସମ୍ପତ୍ତି, ସୁଖ ସମୃଦ୍ଧିରେ ଘର ପୁରି ଉଠେ ବୋଲି ବିଶ୍ୱାସ ରହିଛି । ପୌରାଣିକ ମତରେ, ଏହି ବ୍ରତ ପ୍ରଥମେ ବିଧର୍ବ ଦେଶର ରାଜା ନଳଙ୍କ ପାଟରାଣୀ ଦମୟନ୍ତୀ ଆରମ୍ଭ କରିଥିଲେ । ସେହିଦିନଠାରୁ ସବୁ ବିବାହିତା ନାରୀମାନେ ଏହି ବ୍ରତ ପାଳନ କରୁଛନ୍ତି । ପୌରାଣିକ କଥା ଅନୁସାରେ, ଦୀକ୍ଷା ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ସମୟରେ ନିଜ ବ୍ରତଟିକୁ ହଜାଇ ଦେଇଛନ୍ତି । ବ୍ରତ ହରାଇ ବିକଳ ଭାବେ କ୍ରନ୍ଦନ କରୁଥିବା ବେଳେ ନଳ ରାଜା ତାଙ୍କର ଦୁଃଖ ଦୂର କରିବା ପାଇଁ ସତ୍ୟବଦ୍ଧ ହୋଇ ନିଜ ରାଣୀଙ୍କ ଠାରୁ ବ୍ରତ ଆଣି ବ୍ରାହ୍ମଣୀଙ୍କୁ ଦେଇଛନ୍ତି । ବ୍ରତଟି ଲକ୍ଷ୍ମୀଙ୍କ ପ୍ରତୀକ ହୋଇଥିବାରୁ ବ୍ରତଦାନ କଲେ ଲକ୍ଷ୍ମୀଛଡ଼ା ହେବାର କଥିତ ଥିବାରୁ ରାଣୀ ଅତ୍ୟନ୍ତ କୁଣ୍ଠାର ସହ ବ୍ରତଟିକୁ ଦେଇଛନ୍ତି । ବ୍ରତଦାନ ପରେ ତାଙ୍କର ସକଳ ସମ୍ପଦ, ସୁଖ, ଐଶ୍ୱର୍ଯ୍ୟ ଅପହୃତ ହୋଇ ରାଜା ଓ ରାଣୀ ଲକ୍ଷ୍ମୀଛଡ଼ା ଓ ଶ୍ରୀହୀନ ହୋଇ ପଡ଼ିଛନ୍ତି । ଯାବତୀୟ ଦୁଃଖ ଦୁର୍ଦ୍ଦଶା ଭୋଗ କଲାପରେ ରାଣୀ ପୁନଶ୍ଚ ଯଥାବିଧି ସୁଦଶା ବ୍ରତ ପାଳନ କରିବାପରେ ସେମାନଙ୍କର ସମସ୍ତ ଅପହୃତ ସୁଖ ସୌଭାଗ୍ୟ ଫେରି ଆସିଛି ।

## ସେଲିବ୍ରିଟି ସୋଫା




ଇଂଲଣ୍ଡର ଲିଡ୍‌ବ୍ରୁକ୍ ଗାଁରେ ଏପ୍ରିଲ ପ୍ରାରମ୍ଭରେ ଏକ ପୁରୁଣା ଦୁଇ ସିଟ୍ ବିଶିଷ୍ଟ ସୋଫାକୁ ଅଳିଆଗଦାରେ ଫିଙ୍ଗି ଦିଆଯାଇଥିଲା । ହେଲେ ଏବେ ଏହି ସୋଫାଟି ଗାଁର ପ୍ରମୁଖ ଆକର୍ଷଣ ପାଲଟିଛି । କହିବାକୁ ଗଲେ ଏହି ସୋଫା ଏବେ ଏକପ୍ରକାର ସେଲିବ୍ରିଟି ପାଲଟିଛି । ଲୋକେ ଏହାସହ ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଛନ୍ତି । ସ୍ଥାନୀୟ ଅଞ୍ଚଳର ଫଟୋଗ୍ରାଫର ଏଲେକ୍ସ ଏଲଟନ ବଲ୍ ଏହି ସୋଫାକୁ ଏମିତି ଏକ ନୂଆ ପରିଚୟ ପ୍ରଦାନ କରିଛନ୍ତି । ସେ ୧୫୦ରୁ ଅଧିକ ଲୋକଙ୍କ ଫଟୋ ଉତ୍ତୋଳନ ଏହି ସୋଫା ସହିତ କରାଇଛନ୍ତି । ଏଲେକ୍ସ କହିଛନ୍ତି, 'ଅଳିଆଗଦାରେ ପଡ଼ିଥିବା ଏହି ସୋଫାଟି ଏବେ ଏକ ମଜାଦାର ଜିନିଷ ପାଲଟିଛି । ଗାଁ ଲୋକଙ୍କଠାରୁ ଆରମ୍ଭ କରି କୁକୁର, ବିଲେଇ ବି ସୋଫାରେ ଫଟୋ ଉଠାଇଥିବାର ଦେଖାଯାଇଛି ।' ସେହିପରି ଏହି ଅବ୍ୟବହୃତ ସୋଫା ସହିତ ଫଟୋ ଉଠାଇବାକୁ ସେ ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ଅନୁରୋଧ କରିଥିଲେ । ଏହି ସୋଫାର ବି ଏକ ନିଜସ୍ୱ ଫେସ୍‌ବୁକ୍ ପେଜ୍ ଅଛି । ଏହାର ନାଁ 'ଲିଡ୍‌ବ୍ରୁକ୍ ଲାଉଞ୍ଜ ।' ତେବେ ଏଲେକ୍ସ ଏସମସ୍ତ ଫଟୋକୁ ଫଟୋବୁକ୍‌ରେ ପ୍ରକାଶିତ କରିବେ । ଫଟୋଗୁଡ଼ିକୁ ଜୁଲାଇରେ ବିକ୍ରି କରାଯିବ । ଏଥିରୁ ଯାହା ରୋଜଗାର ହେବ, ତାହା ଗାଁର ଖେଳ ପଡ଼ିଆରେ ବିଭିନ୍ନ ପ୍ରକାରର ଉପକରଣ ଲଗାଯିବା ପାଇଁ ଖର୍ଚ୍ଚ କରାଯିବ ବୋଲି ଏଲେକ୍ସ କହିଛନ୍ତି । ଏଲେକ୍ସ କହିଛନ୍ତି, 'ସେ ଅଳିଆ ଆବର୍ଜନାକୁ ଏଣେତେଣେ ଫିଙ୍ଗିବା ବିରୋଧୀ । ସୋଫାକୁ ଠିକ୍ ଭାବେ ହଟାଯିବ । କିନ୍ତୁ ଏହି ସୋଫା ଗ୍ରାମବାସୀଙ୍କୁ ଏକଜୁଟ୍ କରିଛି ଏବଂ ସେମାନଙ୍କୁ ଏକ ଅଭୁଲା ସ୍ମୃତି ବି ପ୍ରଦାନ କରିବାରେ ସଫଳ ହୋଇଛି ।'

## ବିଶ୍ୱ ପରିବେଶ ଦିବସ



ପ୍ରକୃତି ବିନା ମାନବ ଜୀବନ ସମ୍ଭବ ନୁହେଁ, କିନ୍ତୁ ଏହା ସତ୍ତ୍ୱେ ବିକାଶ ଆଳରେ ଆମେ ପରିବେଶର କ୍ଷତି କରି ଚାଲିଛୁ । ପ୍ରକୃତିର ସୁରକ୍ଷା ସହିତ ସାରା ଜୀବଜଗତ ପାଇଁ ଏକ ସୁସ୍ଥ ପରିବେଶ ବଜାୟ ରଖିବାକୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି । ପ୍ରକୃତି ଓ ମନୁଷ୍ୟ ପରସ୍ପରର ପରିପୂରକ । ପ୍ରାଣୀଜଗତର ଶ୍ରେଷ୍ଠ ଜୀବ ମନୁଷ୍ୟ ହିଁ ପ୍ରକୃତିର ସୁରକ୍ଷା କରିପାରିବ । ବିଶ୍ୱସ୍ତରରେ ପରିବେଶ ପ୍ରତି ରାଜନୈତିକ ତଥା ସାମାଜିକ ଜାଗରଣ ସୃଷ୍ଟି କରିବା ନିମନ୍ତେ ବିଶ୍ୱ ପରିବେଶ ଦିବସ ପାଳନ କରିବା ପାଇଁ ମିଳିତ ଜାତିସଂଘ ୧୯୭୨ ମସିହାରେ ଘୋଷଣା କରିଥିଲା । ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ୧୯୭୨ ମସିହା ଜୁନ୍ ୫ ତାରିଖରୁ ଜୁନ୍ ୧୬ ଯାଏଁ ଆୟୋଜିତ ବିଶ୍ୱ ପରିବେଶ ସମ୍ମିଳନୀରେ ଆଲୋଚନା ପରେ ଏହା ଘୋଷଣା କରାଯାଇଥିଲା । ୧୯୭୪ ମସିହା ଜୁନ୍ ୫ ତାରିଖରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଓ ପରିବେଶ ସୁସ୍ଥ ରହିଲେ ହିଁ କିପରି ଏ ଜୀବଜଗତ ତିଷ୍ଠି ରହିବ ସେଥିପ୍ରତି ଲୋକଙ୍କୁ ସଚେତନ କରାଇବା ଆଶାରେ ଏହି ଦିବସଟିକୁ ବିଶ୍ୱ ପରିବେଶ ଦିବସ ରୂପେ ପ୍ରତିବର୍ଷ ପାଳନ କରାଯାଏ । ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ । ମାନବ ଜୀବନର ନିରାପତ୍ତା ପାଇଁ ପରିବେଶକୁ ସୁରକ୍ଷିତ ରଖିବା ନିହାତି ଜରୁରୀ । ଆଧୁନିକତା ଆଡ଼କୁ ଗତି କରୁଥିବା ବିଶ୍ୱରେ ବିକାଶର ଦୁହାଇ ଦେଇ ଆମେ ଏପରି ଅନେକ ଜିନିଷ ବ୍ୟବହାର କରିବା ଆରମ୍ଭ କରିଛୁ, ଯାହା ପୃଥିବୀ ଏବଂ ପରିବେଶ ପାଇଁ ଘାତକ ସାଜୁଛି । ମଣିଷ ଏବଂ ପରିବେଶ ମଧ୍ୟରେ ଏକ ଗଭୀର ସଂଯୋଗ ରହିଛି । ପ୍ରକୃତି ବିନା ଜୀବନ ସମ୍ଭବ ନୁହେଁ । କିନ୍ତୁ ଏ ମଣିଷ ହିଁ ଏହି ପ୍ରକୃତିର କ୍ଷତି କରୁଛି । ପରିବେଶ କ୍ରମାଗତ ଭାବରେ ପ୍ରଦୂଷିତ ହେଉଛି, ଯାହା ଜନଜୀବନକୁ ପ୍ରଭାବିତ କରିବା ସହିତ ପ୍ରାକୃତିକ ବିପର୍ଯ୍ୟୟର କାରଣ ପାଲଟିଛି । ଗଛ କାଟିବା, କଳକାରଖାନାରୁ ନିର୍ଗତ ଧୂଆଁ ଓ ଯାନବାହନର ପ୍ରବଳ ବ୍ୟବହାର ଯୋଗୁଁ ପରିବେଶ ପ୍ରଦୂଷଣ ବହୁମାତ୍ରାରେ ବଢ଼ିଛି । ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହିଁ ପରିବେଶ ପ୍ରଦୂଷଣର ଅନ୍ୟ ଏକ କାରଣ ହୋଇ ଛିଡ଼ାହୋଇଛି । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ଆମ ପରିବେଶକୁ ସ୍ୱଚ୍ଛ ଏବଂ ନିର୍ମଳ ରଖିବାକୁ ପଡ଼ିବ । ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସି ଉଠିବ । ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ । ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ । ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ । ବିଶ୍ୱ ପରିବେଶ ଦିବସରେ ଆମେ ଏ ଦିଗଗୁଡ଼ିକୁ ଆଉଥରେ ବିଚାର କରି ପ୍ରକୃତି ଓ ପରିବେଶ ସୁରକ୍ଷିତ ରଖିବା ପାଇଁ ବଦ୍ଧପରିକର ହେବା ଜରୁରୀ । ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି- "ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରିବା ।"

## ଅଜୟ ଆଣିବେ 'ଦୃଶ୍ୟମ୍-୩'




ମାଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ଗତ ଏପ୍ରିଲ୍ ମାସରେ ତାଙ୍କ ଅଭିନୀତ କ୍ରାଇମ୍ ସସ୍‌ପେନ୍ସ ଥ୍ରିଲର୍ 'ଦୃଶ୍ୟମ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବେ ବୋଲି ଘୋଷଣା କରିଥିଲେ । ସେ ଏହାକୁ ମଲାୟାଲମ୍ ସହ ହିନ୍ଦୀରେ ମଧ୍ୟ ରିଲିଜ୍ କରିବାକୁ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଅଜୟ ଦେବଗନ୍ 'ଦୃଶ୍ୟମ୍-୨' ରିଲିଜ୍ ସମୟରେ 'ଦୃଶ୍ୟମ୍-୩' କଥା ଘୋଷଣା କରିଥିଲେ । ଯଦି ମୋହନଲାଲ 'ଦୃଶ୍ୟମ୍-୩'କୁ ହିନ୍ଦୀରେ ରିଲିଜ୍ କରିବେ ତେବେ ଅଜୟଙ୍କ ଫିଲ୍ମକୁ ବଡ଼ ଧରଣର କ୍ଷତି ସହିବାକୁ ହେବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଇତିମଧ୍ୟରେ ଅଜୟ 'ଦୃଶ୍ୟମ୍' ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ଆଣିବା ପାଇଁ ଘୋଷଣା କରିଛନ୍ତି । ଅଜୟ ଓ ପାନାରୋମା ଷ୍ଟୁଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରି ଏବିଷୟରେ ସୂଚନା ଦେଇଛନ୍ତି । ଏଥିରେ ଅଜୟ ଲିଡ୍ ରୋଲରେ ନଜର ଆସିବେ । ଏହାର ରିଲିଜ୍ ଡେଟ୍ ବିଷୟରେ ବି ଘୋଷଣା କରାଯାଇଛି । 'ଦୃଶ୍ୟମ୍-୩' ଆସନ୍ତା ବର୍ଷ ଗାନ୍ଧୀ ଜୟନ୍ତୀ ଅବସରରେ ଆସିବ । ଏଠାରେ ପ୍ରକାଶ ଥାଉ କି, ଅଜୟଙ୍କ ଅଭିନୀତ 'ଦୃଶ୍ୟମ୍' ୨୦୧୫ରେ ଆସିଥିଲା । ୨୦୨୨ରେ 'ଦୃଶ୍ୟମ୍-୨' ଆସିଥିଲା । ତାଙ୍କର ଦୁଇଟି ଫିଲ୍ମ ମୋହନଲାଲଙ୍କ କ୍ରାଇମ୍ ସସପେନ୍ସ ଥ୍ରୀଲର୍ 'ଦୃଶ୍ୟମ୍'ର ହିନ୍ଦୀ ରିମେକ୍ ଥିଲା । ଏବେ ମୋହନଲାଲ୍ 'ଦୃଶ୍ୟମ୍-୩'କୁ ହିନ୍ଦୀରେ ରିଲିଜ୍ କରୁଥିବାରୁ ଏହାର କାହାଣୀରେ ଅଜୟ ପରିବର୍ତ୍ତନ ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

## ଆଜିର ଇତିହାସ

- ୧୬୫୯ - ମୋଗଲ ସମ୍ରାଟ୍ ଔରଙ୍ଗଜେବ ଦିଲ୍ଲୀ ସିଂହାସନ ଆରୋହଣ କଲେ ।
- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା ।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା ।
- ୧୯୮୯ - 'ତ୍ରିଶୂଳ' ମିସାଇଲ୍‌ର ସଫଳ ପରୀକ୍ଷଣ ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା ।
- ୨୦୧୩- ନୱାଜ୍ ସରିଫ୍ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେଲେ ।

## ଠିଆ ଠିଆରେ ସବୁ କାମ | ଅଜବ ଚ୍ୟାଲେଞ୍ଜ



ସ୍ୱଳ୍ପ ସମୟରେ ଲୋକପ୍ରିୟତା ସାଉଁଟିବା ତଥା ଲୋକଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ ଅନେକ ଲୋକ ବିଭିନ୍ନ ପ୍ରକାର ଚ୍ୟାଲେଞ୍ଜକୁ ଆପଣାଉଛନ୍ତି । କିଏ ଅଧିକ ଖାଉଛନ୍ତି ତ ଆଉ କିଏ ଅଧିକ ସମୟ ଭୋକିଲା ରହିବା ଦେଖାଯାଉଛି । ଏହି କ୍ରମରେ ଆମେରିକାର ୟୁଟ୍ୟୁବର୍ ଲୁକାସ ବଲ ଲୋକପ୍ରିୟ ହେବା ଲାଗି ଏକ ଅଜବ ଚ୍ୟାଲେଞ୍ଜକୁ ଆପଣାଇଛନ୍ତି । ସେ ଆଦୌ ବସି ନ ରହି ଛିଡ଼ା ହୋଇ ରହିବା ନିଷ୍ପତ୍ତି ନେଲେ । ତାହା ପୁଣି ସପ୍ତାହେ ପର୍ଯ୍ୟନ୍ତ । ଲୁକାସଙ୍କର ୟୁଟ୍ୟୁବ୍‌ରେ ପିଗ୍‌ମି ନାମକ ଚ୍ୟାନେଲ ଅଛି । ସେ ସ୍ଥିର କରିଥିଲେ ଯେ, ସପ୍ତାହେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୬ ଘଣ୍ଟା ନ ବସି ଛିଡ଼ା ହୋଇ ରହିବେ । ତେବେ କାହିଁକି ସେ ଏ ପ୍ରକାର ନିଷ୍ପତ୍ତି ନେଇଥିଲେ ସେକଥା ମଧ୍ୟ କହିଛନ୍ତି । ତାଙ୍କ କହିବା କଥା, ସାଧାରଣତଃ ଶରୀରକୁ ସକ୍ରିୟ ରହିବା ପାଇଁ ଦିନରେ ଦୁଇରୁ ଚାରି ଘଣ୍ଟା ଛିଡ଼ା ହେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି । ଏହି କଥାକୁ ଦୃଷ୍ଟିରେ ରଖି ଲୁକାସ ଦିନ ତମାମ ଛିଡ଼ା ହେଉଥିଲେ ଏବଂ ରାତିରେ ୮ ଘଣ୍ଟା ଶୋଉଥିଲେ । ତେବେ ଅନ୍ୟ ସମୟରେ ବାଥରୁମ୍ ଯିବା, ଖାଦ୍ୟ ଖାଇବା, ଟିଭି ଦେଖିବା ଆଦି କାମ କେବଳ ସେ ଛିଡ଼ା ହୋଇ କରୁଥିଲେ । ଏପରିକି କାମ ଲାଗି ସେ ଷ୍ଟାଣ୍ଡିଂ ଡେସ୍କ ବ୍ୟବହାର କରୁଥିଲେ । ଏଭଳି କରି ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କୁ ଭଲ ଲାଗିଲା । ଏହି ସମୟ ମଧ୍ୟରେ ତାଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥିବା କଥା ସେ କହିଲେ । ଅବଶ୍ୟ ତୃତୀୟ ଦିନରୁ ତାଙ୍କ ଗୋଡ଼ରେ ଯନ୍ତ୍ରଣା ହେବା ସହ ଥକ୍କା ଅନୁଭବ କଲେ । ଥକ୍କା ପଣରୁ ରକ୍ଷା ପାଇବା ପାଇଁ ବାରମ୍ବାର ଖାଦ୍ୟ ଖାଇଲେ । ଏହାଦ୍ୱାରା ତାଙ୍କର ଓଜନ ବୃଦ୍ଧି ପାଇଲା । ତେବେ ପଞ୍ଚମ ଦିନରେ ତାଙ୍କ ଅବସ୍ଥା ଅତ୍ୟନ୍ତ ବିଗିଡ଼ିଗଲା । ଗୋଡ଼ରେ ଯନ୍ତ୍ରଣା ସାଙ୍ଗକୁ ନିଦ୍ରାହୀନତା ସମସ୍ୟା ସାମ୍ନା କରିବା ସହ ଶରୀରର ଅଙ୍ଗଭଙ୍ଗୀରେ ପରିବର୍ତ୍ତନ ଆସିଲା । ଏହାକୁ ଦୃଷ୍ଟିରେ ରଖି ସେ ଏହି ଚ୍ୟାଲେଞ୍ଜରୁ ଓହରି ଗଲେ । ଏହାସହ ପୂର୍ବ ଭଳି ସେ ଉଠିବା ବସିବା ଭଳି କାର୍ଯ୍ୟକଳାପ କଲେ ।

## ମଣିଷର ଅମରତ୍ୱ ଲାଭ !



ଗୁଗଲର ପୂର୍ବତନ ବୈଜ୍ଞାନିକ ଏବଂ ଲୋକପ୍ରିୟ ଭବିଷ୍ୟବକ୍ତା ରେ କୁର୍ଜୱିଲ ନିକଟରେ ଦାବି କରିଛନ୍ତି ଯେ, ଆଗାମୀ ଦିନରେ ମଣିଷ ଅମରତ୍ୱ ହାସଲ କରିପାରେ । ତେବେ ଏହା ନାନୋରୋବଟ୍ ପାଇଁ ସମ୍ଭବ ହୋଇପାରେ । କୁର୍ଜୱିଲ୍ ଏଯାବତ୍ କରିଥିବା ୧୪୭ରୁ ୮୬% ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଛି । ସେ କହନ୍ତି, ନାନୋରୋବଟ୍ ଅତ୍ୟନ୍ତ ସୂକ୍ଷ୍ମ । ସେମାନଙ୍କ ଆକାର କେବଳ ୫୦ରୁ ୧୦୦ ନାନୋମିଟର । ଆଗାମୀ ଦିନରେ ମଣିଷ ଶରୀରରେ ଏହା ରକ୍ତପ୍ରବାହ ମାଧ୍ୟମରେ ଚାରିଆଡ଼େ ବୁଲିପାରିବ । ଏବେ ଏହି ଟେକ୍ନିକ୍ ଗବେଷଣା କ୍ଷେତ୍ରରେ ଡିଏନ୍‌ଏ ପ୍ରୋବ୍, ସେଲ ଇମେଜିଂ ଏବଂ ଔଷଧ ପହଞ୍ଚାଇବା କାର୍ଯ୍ୟ କରୁଛି । ହେଲେ ଭବିଷ୍ୟତରେ ଏହି ନାନୋରୋବଟ୍ କୋଶିକାଗୁଡ଼ିକୁ ଠିକ୍ କରି ବୁଢ଼ାପା ଏବଂ ରୋଗ ସହ ଲଢ଼ିବାରେ ସକ୍ଷମ ହେବ ବୋଲି କୁହାଯାଉଛି । ସେ ଏକଥା ବି କହିଛନ୍ତି ଯେ, ନାନୋଟେକ୍ନୋଲୋଜି ଶରୀରକୁ ଏପରି ଉନ୍ନତ କରିବେ ଯେ, କୌଣସି ବ୍ୟକ୍ତି କିଛି ବି ଖାଇଲେ ସୁସ୍ଥ ଓ ଉର୍ଜାବାନ ରହିପାରିବେ । ଅନ୍ୟପଟେ କୁର୍ଜୱିଲ ପୂର୍ବରୁ କରିଥିବା ଅନେକ ଭବିଷ୍ୟବାଣୀ ସଠିକ୍ ପ୍ରମାଣିତ ହୋଇଛି ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି । ଆୟ ବ୍ୟୟ ସମାନ ରହିବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ । ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସହକର୍ମୀଙ୍କ ସହଯୋଗ ରହିବ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ପାରିବାରିକ ବିବାଦରୁ ଦୂରେଇ ରହିବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ । ଆଶା କରିଥିବା ଦିଗରୁ ଫଳ ପାଇବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

# ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ଏଏସ୍ଆଇ

ବ୍ରହ୍ମପୁର,୪।୬(ସମିସ): ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ମହିଳା ପୁଲିସ ଅଧିକାରୀ। ଘରୋଇ ମାମଲାର ସମାଧାନ ପାଇଁ ଟଙ୍କା ନେଉଥିବା ମହିଳା କାବୁ କଲା ବ୍ରହ୍ମପୁର ଭିଜିଲାନ୍ସ। ମହିଳା ଅଧିକାରୀ ଜଣକ ହେଲେ ବ୍ରହ୍ମପୁର ମହିଳା ଥାନାର ଏଏସ୍ଆଇ ବବିତା ସୁନା। ସେ କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ

- ଘରୋଇ ମାମଲା ରଫାଦଫା ପାଇଁ ନେଇଥିଲେ ୧୦ହଜାର ଲାଞ୍ଚ
- ଥାନାରେ ଭିଜିଲାନ୍ସ ଚଢ଼ଉ ପରେ ଅନ୍ୟ ଅଧିକାରୀ ଛାନିଆଁ

କୁମାର ନାୟକଙ୍କ ଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କାବୁ କରିଛି ଭିଜିଲାନ୍ସ। ମହିଳା ଥାନାରେ ଭିଜିଲାନ୍ସର ଚଢ଼ଉ ଦେଖି ଅନ୍ୟ ପୁଲିସ ଅଧିକାରୀଙ୍କ ମନରେ ଛନକା ପଶିଛି।

ସୂଚନାଯୋଗ୍ୟ ଯେ, କେ.ନୂଆଗାଁ ଥାନା ଅନ୍ତର୍ଗତ ବଳିୟାରସିଂହପଲ୍ଲୀର ପ୍ରମୋଦ କୁମାର ନାୟକ ଓ ତାଙ୍କ ମା'ଙ୍କ ନାମରେ ପ୍ରମୋଦଙ୍କ ପତ୍ନୀ ଘରୋଇ କଳିକୁ ନେଇ ଅଭିଯୋଗ କରିଥିଲେ। ମାମଲା ରଫାଦଫା କରିବାକୁ ମହିଳା ଥାନା ଏଏସ୍ଆଇ ବବିତା ସୁନା ପ୍ରମୋଦକୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ପ୍ରମୋଦ ରାଜି ହୋଇଥିଲେ। ବୁଧବାର ଟଙ୍କା ଦେବେ ବୋଲି ଏଏସ୍ଆଇ ବବିତାଙ୍କୁ କହିଥିଲେ। ଅନ୍ୟପଟେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ପ୍ରମୋଦ। ଅଭିଯୋଗ ମୁତାବକ ଆଜି ପ୍ରମୋଦ ଏଏସ୍ଆଇ ସୁନାଙ୍କୁ ଟଙ୍କା ଦେଉଥିବା ବେଳେ ସେଠାରେ ଛକି



ରହିଥିବା ଭିଜିଲାନ୍ସ ଟମ୍ ବବିତାଙ୍କୁ କାବୁ କରିଥିଲା। ଲାଞ୍ଚ ଅର୍ଥ ୧୦ହଜାର ଟଙ୍କା ଭିଜିଲାନ୍ସ ଅଧିକାରୀମାନେ ବବିତାଙ୍କ ନିକଟରୁ ଜବତ କରି ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ବବିତାଙ୍କ କାର୍ଯ୍ୟାଳୟ ଓ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଜାରି ରହିଛି। ତେବେ ବବିତା ସୁନା ୨୦୧୬ମସିହାରୁ ଏଏସ୍ଆଇ ଭାବେ ପଦୋନ୍ନତି ପାଇଥିବା ବେଳେ ଗତ ୨ବର୍ଷ ହେଲା ସେ ମହିଳା ଥାନାରେ କାର୍ଯ୍ୟରତ ଥିଲେ।

### ରାଜସ୍ୱ ଆଦାୟ ଆଳରେ ପରିବହନ ବିଭାଗର ଜୁଲୁମ୍

# ଗାଡ଼ିରେ ଲାଗିଲା ପାନିକ୍ ବଟନ; ବାଜିଲାନି ଆଲାର୍ମ

କଟକ,୪।୬(ସମିସ): ପରିବହନ ବିଭାଗରେ ଆଧୁନିକୀକରଣ କରାଯାଇ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏଥିରେ ସୁଧାର ଆସିପାରିନାହିଁ। ସ୍ପଷ୍ଟ ଦିବାଲୋକରେ ଶୋଷଣର ଶିକାର ହେଉଛନ୍ତି ଗାଡ଼ି ମାଲିକମାନେ। ଏହାର ଜ୍ୱଳନ୍ତ ଉଦାହରଣ ହେଲା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ବ୍ୟବହାର।


ଗାଡ଼ି ଚାଳକମାନେ ପୂର୍ବରୁ ଘରୋଇ ଭାବରେ ସୁଲଭ ମୂଲ୍ୟରେ ନମ୍ବର ପ୍ଲେଟ୍ ତିଆରି କରି ଗାଡ଼ିରେ ଲଗାଉଥିଲେ। ଏବେ ପ୍ରଶାସନିକ ସ୍ତରରେ ଅଟୋ ମୋବାଇଲ କମ୍ପାନୀମାନଙ୍କର ସଂଗଠନ 'ସାମ୍' ସଂସ୍ଥାକୁ ସମସ୍ତ ଗାଡ଼ିରେ ନମ୍ବର ପ୍ଲେଟ୍ ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଗଲା। ଦୁଇଚକିଆ ଯାନଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ସବୁଗାଡ଼ିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରଚୁର ଅର୍ଥ ନିଆଯାଇ ସଂପୃକ୍ତ ସଂସ୍ଥା ପକ୍ଷରୁ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଗାଡ଼ିରେ ଯୋଗାଇ ଦିଆଯାଇଥିଲା। ଯେଉଁମାନେ ଏହି ନମ୍ବର ପ୍ଲେଟ୍ ଗାଡ଼ିରେ ଲଗାଇଲେ ନାହିଁ, ସେଇ ଗାଡ଼ି ମାଲିକଙ୍କଠାରୁ ରାସ୍ତାରେ ଚେକିଂ କରାଯାଇ ଜରିମାନା ଆଦାୟ କରାଗଲା। ତେବେ ସାଧାରଣ ନମ୍ବର ପ୍ଲେଟ୍ ଓ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ମଧ୍ୟରେ କୌଣସି ପ୍ରଭେଦ ରହିଲା ନାହିଁ। ଏଥିରୁ ଗାଡ଼ି ମାଲିକମାନଙ୍କୁ ମଧ୍ୟ ସେଭଳି ସୁବିଧା ମିଳିଲାନି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ହେବା ଦ୍ୱାରା କମ୍ପାନୀମାନେ କୋଟି

## ପରିବହନ କମିସନରଙ୍କ ତାଗିଦ ସତ୍ତ୍ୱେ ମିଳିଲାନି ସୁଫଳ

କୋଟି ଟଙ୍କାର ଲାଭ ଉଠାଇଲେ; ଅଥଚ କ୍ଷତିଗ୍ରସ୍ତ ହେଲେ ଗାଡ଼ି ମାଲିକମାନେ। ଅପରପକ୍ଷରେ କମ୍ପାନୀ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ତିଆରି କରୁଥିବାରୁ ଛୋଟଛୋଟ ଦୋକାନୀମାନେ ପରିବାର ପ୍ରତିପୋଷଣ କରି ନପାରି ସର୍ବସ୍ୱାନ୍ତ ହେଲେ।

ସେହିଭଳି ସମସ୍ତ ବସ୍ ଓ ଟ୍ରକରେ ପ୍ୟାନିକ୍ ବଟନ୍ ଲଗାଗଲା। ଗୋଟିଏ ଗୋଟିଏ ଗାଡ଼ିରେ ବଟନ ଲଗାଇବା ପାଇଁ ସରକାରୀ ଲାଇସେନ୍ସପ୍ରାପ୍ତ କମ୍ପାନୀମାନେ ୧୦-୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇଲେ। ଏହି ବଟନ ଲଗାଇବାର ଉଦ୍ଦେଶ୍ୟ ହେଲା, ଗାଡ଼ି ଚାଳକ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି ଯାତ୍ରୀ ବିପଦରେ ପଡ଼ିଲେ ନିକଟସ୍ଥ ଥାନାରେ ଆଲାର୍ମ ବାଜିବା ସହ ପରିବହନ ବିଭାଗ ଦ୍ୱାରା ନିର୍ଦ୍ଧାରିତ କଣ୍ଟ୍ରୋଲରୁମ୍ ରେ ମଧ୍ୟ ଆଲାର୍ମ ବାଜିବ। ବିପଦରେ ପଡ଼ିଥିବା ଯାତ୍ରୀ ବା ଗାଡ଼ି ଚାଳକଙ୍କୁ ତ୍ୱରିତ ପଦକ୍ଷେପ ପୂର୍ବକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦିଆଯିବ। ଭିଏଲଟିଡି ମେସିନ ଲାଗିବା ଦ୍ୱାରା ମାଲିକମାନେ ମଧ୍ୟ ଘରେ ବସି ତାଙ୍କ ଗାଡି କେଉଁଠି ଅଛି ଓ କେତେ ବେଗରେ ଚାଲୁଛି ତାହା ଜାଣିପାରିବେ। ଫଳରେ ସେମାନେ ଗାଡି ଚାଳକଙ୍କ ସହ ଯୋଗାଯୋଗ କରି ଗାଡ଼ିର ବେଗକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ। ଏହା ଏକ ପ୍ରହସନରେ ପରିଣତ ହେଲା। ଗାଡ଼ିଗୁଡ଼ିକରେ ଏହି ଭିଏଲଟିଡ଼ି (ଭେଇକେଲ୍ ଲୋକେସନ୍ ଟ୍ରାକିଂ ଡ଼ିଭାଇସ୍) ନ ଲଗାଇଲେ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ଓ ପରମିଟ୍ ମିଳିବ ନାହିଁ। ଏହାଦ୍ୱାରା ଭିଏଲଟିଡ଼ି କମ୍ପାନୀମାନେ ଗାଡ଼ି ମାଲିକଙ୍କଠାରୁ ପ୍ରଚୁର ଅର୍ଥ ନେବା ଯୋଗୁଁ ସେମାନେ ଶୋଷଣର ଶିକାର ହେଲେ; କିନ୍ତୁ ମେସିନ୍ ବସ୍ ଓ ଟ୍ରକରେ ଲଗାଯିବା ଏବଂ ଏଥିରେ ପ୍ୟାନିକ୍ ବଟନର ବ୍ୟବସ୍ଥା ଥିଲେ ମଧ୍ୟ ନା ଥାନା କିମ୍ବା ପରିବହନ ବିଭାଗର କଣ୍ଟ୍ରୋଲ୍ ରୁମ୍‌ରେ ଆଲାର୍ମର ବ୍ୟବସ୍ଥା କରାଗଲା। ଏହି ବ୍ୟବସ୍ଥା ଫସର ଫାଟିଯିବା ସହ ଗାଡ଼ି ମାଲିକଙ୍କଠାରୁ ଏହି ବାବଦରେ ନିଆଯାଇଥିବା କୋଟି କୋଟି ଟଙ୍କା ପାଣିରେ ପଡିଲା। ଗାଡ଼ିମାଲିକମାନଙ୍କର ଅଯଥା ଆର୍ଥିକ ବୋଝକୁ ପରିବହନ ବିଭାଗ ଭରଣା କରିବ କି ବୋଲି ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସମ୍ପାଦକ ରବି ଶତପଥୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଖବର ମିଳିଛି ଯେ ପରିବହନ କମିସନର ଏ ସମ୍ପର୍କରେ ଏକ ବୈଠକ ଡକାଇ ଭିଏଲଟିଡି କମ୍ପାନୀ ମାନଙ୍କୁ ତାଗିଦ କରିଛନ୍ତି। ହେଲେ କୌଣସି ସୁଫଳ ମିଳିପାରିନାହିଁ।

# ଡ. ଜିଏକେ କୁମାର ଆଇସିଏଆର-ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ



କଟକ,୪।୬(ସମିସ): ଡକ୍ଟର ଜି.ଏ.କେ. କୁମାର କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। କୃଷି ଗବେଷଣା, ସମ୍ପ୍ରସାରଣ ଏବଂ ସାମାଜିକ ବିଜ୍ଞାନରେ ସମୃଦ୍ଧ ଅଭିଜ୍ଞତା ସହ ଡ. କୁମାର ଚାଷୀ-କେନ୍ଦ୍ରିକ ନବସୃଜନ ଏବଂ ନୀତିଗତ ସମର୍ଥନ ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ତାଙ୍କର ନେତୃତ୍ୱରେ, ସଂସ୍ଥାର ଧାନ ଗବେଷଣାକୁ ଆହୁରି ଅଧିକ ମଜବୁତ କରିବା ଓ ପୋଷଣ ସୁରକ୍ଷା ନିମନ୍ତେ ପ୍ରତିବଦ୍ଧତା ଆହୁରି ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ତାଙ୍କ ମାର୍ଗଦର୍ଶନରେ ସିଆରଆରଆଇ ଧାନ ଉତ୍ପାଦନର ସ୍ଥିରତା, ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ପ୍ରଭାବଶାଳୀ ଅଂଶୀଦାରଙ୍କ ସମ୍ପୃକ୍ତିରେ ଏହାର ଅବଦାନ ଜାରି ରଖିବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଜୋର ଦେଉଥିବା ଜଣାପଡ଼ିଛି।

# ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍‌ବେଗଜନକ: ବିଜେଡି

ଭୁବନେଶ୍ୱର,୪।୬(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଗୋଟିଏ ଦିନରେ ୬ଜଣ ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ସରକାରଙ୍କୁ ଘେରିଛି ବିଜେଡି। ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦବେଗଜନକ ବୋଲି ଦଳ ଅଭିଯୋଗ କରିଛି। ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକ୍କା ଓ ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରମୁଖ ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରଙ୍କୁ ଘେରିଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁଁ ଆଇସିୟୁରେ ୫ଜଣ ଓ ୱାର୍ଡରେ ଜଣେ ରୋଗୀ ଅକାଳ ମୃତ୍ୟୁବରଣ କରିବା ଘଟଣା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରିଛି । ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଲୋକମାନେ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ର ମୁହାଁ ହେଉଥିଲେ। ଏହାକୁ ଅନୁଭବ କରି ପୂର୍ବତନ



- ନିରପେକ୍ଷ ତଦନ୍ତ ଓ ଶ୍ୱେତପତ୍ର ଜାରି କରନ୍ତୁ ସରକାର
- ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନର ସରକାର ଏକ ବର୍ଷ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ୍ୟ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ର ପଦାରେ ପକାଇଛି। ଏହି ସମ୍ବେଦନଶୀଳ ଘଟଣା ରୋଗୀ ଓ ତାଙ୍କ ସଂପର୍କୀୟମାନଙ୍କୁ ନିରାଶ କରିବା ସହ ମୃତ୍ୟୁର ପ୍ରକୃତ କାରଣ ସାର୍ବଜନୀନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତୁରନ୍ତ ସରକାର ଏ ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ସେହିପରି କୋରାପୁଟ ଜିଲ୍ଲା ବିଜେଡି ସଭାପତି ଶ୍ରୀ ହିକକ୍କା କହିଥିଲେ ଯେ ଅତୀତରେ କୋରାପୁଟ ଏସ୍ଏଲ୍ଏନ୍ ମେଡିକାଲ କଲେଜ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ବେଳେ ଆଜି ଏଭଳି ସ୍ଥିତି ପାଇଁ ସରକାରୀ ଅବହେଳା ଦାୟୀ। ପୂର୍ବତନ ବିଧାୟକ ଶ୍ରୀ ପୋଡାଲ ମଧ୍ୟ ସରକାରୀ ଅବହେଳାକୁ ଦାୟୀ କରି ପ୍ରବଳ ବର୍ଷିଛନ୍ତି। ଭୁଲ୍ ଚିକିତ୍ସା ପାଇଁ ଦାୟୀ କିଏ, ଏହାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ । ନଚେତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଭରଷା ତୁଟି ଯିବ ବୋଲି ସେ ଚେତାବନୀରେ କହିଛନ୍ତି।

### ବଢୁଛି କରୋନା ସଂକ୍ରମଣ

# ୨୪ ଘଣ୍ଟାରେ ୪ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୪।୬(ସମିସ): ରାଜ୍ୟରେ ୪ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୦୦ ଜଣ ରୋଗୀଙ୍କର ପରୀକ୍ଷା କରାଯାଇଥିବାବେଳେ ୪ଜଣ ନୂଆ ଆକ୍ରାନ୍ତ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହି ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ଆମ ରାଜ୍ୟରେ କରୋନା ସଂପୂର୍ଣ୍ଣ ନିୟନ୍ତ୍ରଣ ଭିତରେ ଅଛି। ଯେଉଁ ହାରରେ ପରୀକ୍ଷା କରାଯାଉଛି, ତା' ତୁଳନାରେ ବହୁ କମ୍ ଲୋକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ଚିକିତ୍ସା ଓ କଟକଣା ନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ଚାଲିଛି। ବର୍ତ୍ତମାନ ସୁଦ୍ଧା କୌଣସି ମାର୍ଗଦର୍ଶିକା ଆସିନି। ପୁରୁଣା ମାର୍ଗଦର୍ଶିକାକୁ ଅନୁପାଳନ କରାଯାଇ ଚିକିତ୍ସା କରାଯାଉଛି। କେନ୍ଦ୍ର ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ଅପେକ୍ଷା କରାଯାଇଛି ବୋଲି ସେ କହିଛନ୍ତି। ଶ୍ରୀ ମିଶ୍ର ଡେଙ୍ଗୁ ସମ୍ପର୍କରେ କହିଛନ୍ତି, ଭୁବନେଶ୍ୱର, କୋରାପୁଟ ଓ ସୁନ୍ଦରଗଡ଼ରେ କିଛି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସବୁ ପୌରାଞ୍ଚଳରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୦୦ ସ୍ୱେଚ୍ଛାସେବୀଙ୍କ ସହ ସର୍ଭେଲାନ୍ସ ୟୁନିଟ୍ କାମ କରୁଛି ବୋଲି ସେ କହିଛନ୍ତି।

# ଜେଇଇ ଆଡଭାନ୍ସଡ୍‌ରେ ଓଏଭିର ୯ ଜଣ କୃତକାର୍ଯ୍ୟ

ଭୁବନେଶ୍ୱର,୪।୬(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ୯ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କଟକ ଜିଲ୍ଲା ଡମପଡ଼ା ବ୍ଲକ୍ ଗୋବିନ୍ଦପୁର ଓଏଭିର ଛାତ୍ର ଜ୍ୟୋତି ପ୍ରକାଶ ସାମନ୍ତରାୟ ସର୍ବଭାରତୀୟସ୍ତରରେ ୧୦୪୬୫ ତମ ସ୍ଥାନରେ ରହି ଆଗରେ ରହିଛନ୍ତି। ତାଙ୍କ ପଛକୁ ବଲାଙ୍ଗୀର ଖପ୍ରାଖୋଲ୍ ଓଏଭିର ଓମ୍ ପ୍ରସାଦ ସାହୁ, ମୟୂରଭଞ୍ଜ କପ୍ତିପଦା ବ୍ଲକ୍ ଭାଲୁବସା ଓଏଭିର ଅଜୟ କୁମାର ମହୁରୀ, କଳାହାଣ୍ଡି କେସିଙ୍ଗା ମଶାଣିମୁଣ୍ଡା ଓଏଭିର ଚନ୍ଦ୍ର ଶେଖର ହରପାଲ, ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ବାହୁପଦର ଓଏଭିର ଭି ଲକ୍ଷ୍ମୀ ରାଜୁ, ଗଞ୍ଜାମ ସୋରଡ଼ା ଓଏଭିର ହରିହର ସେଠୀ ଓ ଆସ୍କା ବ୍ଲକ୍ ନିମିନା ଓଏଭି ସୁଭମ୍ ପାତ୍ର, ଢ଼େଙ୍କାନାଳ କାମାକ୍ଷାନଗର ବ୍ଲକ୍ ଜଣ୍ଟାରିବୋଲ୍ ଓଏଭିର ଶ୍ରୀକୃଷ୍ଣ ଦିବ୍ୟଦର୍ଶିନୀ ବେହେରା ଏବଂ ଗଞ୍ଜାମ ଖଲ୍ଲିକୋଟ୍ ବ୍ଲକ୍ ବାଉରିଗଣ୍ଡପାଲି ଓଏଭିର ସୌମ୍ୟରଞ୍ଜନ ଦାସ୍ ଜେଇଇ ଆଡଭାନ୍ସଡ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ଦେଶର ବିଭିନ୍ନ ଆଇଆଇଟିରେ ପଢ଼ିବା ପାଇଁ କାଉନ୍‌ସେଲିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ।

### ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ

# ତହସିଲଦାରମାନେ ରାଜ୍ୟ ପ୍ରଶାସନର ମେରୁଦଣ୍ଡ

ଭୁବନେଶ୍ୱର,୪।୬(ସମିସ): ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ଏଣୁ ତହସିଲଦାରମାନେ ଲୋକଙ୍କ ଅଭିଯୋଗ ଶୁଣନ୍ତୁ ଓ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଯେଉଁମାନଙ୍କର ୪ ଡେସିମିଲରୁ କମ ଜମି ଅଛି, ସେମାନଙ୍କୁ ବି ଭୂମିହୀନ ଭାବେ ଗଣାହେବେ ଏବଂ ସରକାର ସେମାନଙ୍କୁ ଜମି ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ବାତ୍ୟା 'ଦାନା'ର ସଫଳ ମୁକାବିଲା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ତହସିଲଦାରମାନଙ୍କୁ ପ୍ରଶଂସା କରିଛନ୍ତି। ଏହାସହିତ



ସମୟ ସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିବା ବେଳେ ଜମିଜମା ସଂକ୍ରାନ୍ତ ମାମଲା ବିଚାର କଲାବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ସହିତ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ କ୍ଷେତ୍ରରେ ସରକାରଙ୍କ "ଶୂନ୍ୟ ସହନଶୀଳତା' ଅବଲମ୍ବନ କରୁଛନ୍ତି, ତେଣୁ ତହସିଲଦାରମାନେ କୌଣସି ଅନିୟମିତତାରୁ ବିରତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହ ମୌସୁମୀ ବର୍ଷା ଆସୁଥିବାରୁ ନିଜ ନିଜ ଅଞ୍ଚଳର ପାରିପାଶ୍ୱର୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୂରା ପ୍ରଶାସନକୁ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏଥିପାଇଁ ମାନସିକତା ବଦଳାଇବାକୁ ପଡ଼ିବ। ଆମ ସରକାର ଶାସନକୁ ଆସିବା ପରେ, ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଛନ୍ତି। ରାଜସ୍ୱ ସେବା ଏବେ ଲୋକମାନଙ୍କର ନିକଟତର ହୋଇଛି। ତେଣୁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ଦେଇଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲ୍ଲାର ଉପଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ମାନେ ଅଂଶଗ୍ରହଣ କରିଥିଲେ।

# ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୪।୬(ସମିସ): ରାଜ୍ୟର ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍ (ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍)ରେ ଆଶାୟୀମାନେ ଆବେଦନ କରିବେ। ଇମେଲ୍ ଓ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ୍‌ରେ ଆବେଦନର ଶେଷ ତାରିଖ ଜୁଲାଇ ୫ ରହିଥିବାବେଳେ ଅଫଲାଇନ୍ ପାଇଁ ଜୁଲାଇ ୧୦ ଶେଷ ତାରିଖ ରହିଛି। ଆବେଦନ ପାଇଁ ଶୈକ୍ଷିକ ବା ପ୍ରଶାସନିକ କ୍ଷେତ୍ର କିମ୍ବା ପ୍ରତିଷ୍ଠିତ ଗବେଷଣା ବା ଶିକ୍ଷାନୁଷ୍ଠାନରେ ଅନ୍ୟୂନ ୧୦ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ବୟସ ସୀମା ସର୍ବାଧିକ ୬୬ ବର୍ଷ ରଖାଯାଇଥିବାବେଳେ ନବନିଯୁକ୍ତ କୁଳପତିଙ୍କ କାର୍ଯ୍ୟକାଳ ୪ବର୍ଷ ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

- ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ
- ୪ବର୍ଷ ରହିବ କାର୍ଯ୍ୟକାଳ; ବୟସସୀମା ୬୬ ବର୍ଷ

ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ' ସମେତ ରେଭେନ୍ସା, ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ, ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କେଉଁଝର ଧରଣୀଧର ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବୀର ବିକ୍ରମଦେବ ବିଶ୍ୱବିଦ୍ୟାଳୟ, କଟକର ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡିର ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ପାଇବେ।

ଅନ୍ୟପକ୍ଷରେ ରାଜ୍ୟରେ ଅର୍ଦ୍ଧାଧିକ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଫାଙ୍କା ପଡ଼ିଥିବାବେଳେ ସମସ୍ତ ନୀତିନିୟମକୁ ଜଳାଞ୍ଜଳି ଦେଇ ଅସ୍ଥାୟୀ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠଙ୍କୁ କୁଳପତି ପଦରେ ବସାଯାଇଥିବା ଅଭିଯୋଗ ହୋଇଛି।

### ସିଏମ୍‌ଆର୍‌ଏଫ୍‌ର ନବକଳେବର

# ସାମିଲ ହେବେ ସବୁ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୪।୬(ସମିସ): ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଚିଫ୍ ମିନିଷ୍ଟର୍ ରିସର୍ଚ୍ଚ ଫେଲୋସିପ୍ (ସିଏମ୍‌ଆର୍‌ଏଫ୍)ର ନାମ ପରିବର୍ତ୍ତନ ହୋଇଛି। ସିଏମ୍‌ଆର୍‌ଏଫ୍ ବଦଳରେ ଏହାର ନାମ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ (ଏମ୍‌ଆର୍‌ଏଫ୍) କରାଯାଇଛି। ସେହିପରି, ପୂର୍ବରୁ କେବଳ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀମାନେ ଏଥିରେ ଉପକୃତ ହେଉଥିବା ବେଳେ ଚଳିତବର୍ଷଠାରୁ ବିଭିନ୍ନ ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ପିଲାଙ୍କୁ ସାମିଲ କରାଯାଇଛି। ଏହାସହ ଏକାଧିକ ସଂସ୍କାର ମଧ୍ୟ ଆଣିଛି ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ। ସ୍ନାତକୋତ୍ତର ବଦଳରେ ପିଏଚ୍‌ଡି ପଞ୍ଜୀକରଣକୁ ଆବେଦନ ପାଇଁ ବାଧ୍ୟତାମୂଳକ କରିଛି।

ଏହି ଫେଲୋସିପ୍ ପାଇଁ ପୂର୍ବରୁ ପିଏଚ୍‌ଡି ପିଲାଙ୍କ ସହ ସ୍ନାତକୋତ୍ତର ବା ପିଜି ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଆବେଦନ କରୁଥିଲେ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ୨ବର୍ଷ ମଧ୍ୟରେ ପିଏଚ୍‌ଡି ପଞ୍ଜୀକରଣ କରିବାକୁ ପଡୁଥିଲା। ଅନ୍ୟଥା ସେମାନେ ଫେଲୋସିପ୍ ପାଇପାରୁ ନଥିଲେ। ଏହାକୁ ଦୃଷ୍ଟିରେ ରଖି, ଏଣିକି କେବଳ ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ହିଁ ଆବେଦନ କରିପାରିବେ ବୋଲି କହିଛି ଉଚ୍ଚଶିକ୍ଷା ପରିଷଦ। ସେହିପରି ମେଧାବୀ ଛାତ୍ରଛାତ୍ରୀଙ୍କୁ ଚୟନ କରିବା ପାଇଁ ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଥମଥର ପ୍ରବେଶିକା ପରୀକ୍ଷା ହୋଇଥିଲା। ବହୁ ପିଜି ପିଲା ତହିଁରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ପିଏଚ୍‌ଡି ପଞ୍ଜୀକରଣ କରିବାରେ ସମର୍ଥ ହୋଇନାହାନ୍ତି। ଅପରପକ୍ଷେ, ପିଏଚ୍‌ଡି ପଞ୍ଜୀକରଣ କରିଥିବା ପିଲାମାନେ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଏପରିକି, ଚୟନ ହୋଇଥିବା ମୋଟ ୩ଶହ ପିଲାଙ୍କ ମଧ୍ୟରୁ ମାତ୍ର ୭୦ଜଣ ଫେଲୋସିପ୍ ପାଇଛନ୍ତି। ଫଳରେ ଚଳିତବର୍ଷ ଆବେଦନ ପାଇଁ ପିଏଚ୍‌ଡି ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ସହ ପ୍ରବେଶିକା ପରୀକ୍ଷା ହେବ ନାହିଁ ବୋଲି ପରିଷଦ ପକ୍ଷରୁ ଫେଲୋସିପ୍ ଦାୟିତ୍ୱରେ ଥିବା ଏକାଡେମିକ୍ କନସଲ୍‌ଟାଣ୍ଟ ଡ. ମିହିର କୁମାର ଦାସ ସ୍ପଷ୍ଟ କରିଛନ୍ତି।

ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନେ ହିଁ ଫେଲୋସିପ୍ ପାଇପାରୁଥିଲେ। ସମୁଦାୟ ତିନିଶହ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାର ପ୍ରାବଧାନ ଥିଲେ ମଧ୍ୟ କୌଣସି ବର୍ଷ ଏହି ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଫଳରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟକୁ ଏଥର ସାମିଲ କରାଯାଇଛି। କୃଷି ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଏଟି), ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ) ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ପରି ବିଭିନ୍ନ ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନର

- ପିଏଚ୍‌ଡି ପଞ୍ଜୀକରଣ ବାଧ୍ୟତାମୂଳକ
- ହେବନି ପ୍ରବେଶିକା ପରୀକ୍ଷା
- ୨୦୨୪-୨୫ରେ ବାହାରିନି ବିଜ୍ଞପ୍ତି; ଫେରିଯିବ ୧୦କୋଟି ୮୦ ଲକ୍ଷ

ଗବେଷଣାରତ ଛାତ୍ରଛାତ୍ରୀମାନେ ଏହି ଫେଲୋସିପ୍ ପାଇଁ ଆବେଦନ କରିପାରିବେ।

ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଗବେଷଣା କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିବା ମଧ୍ୟ ଆଶାୟୀମାନେ ଅଭିଯୋଗ କରିଛନ୍ତି। ୨୦୨୩-୨୪ରେ ପ୍ରବେଶିକା ପରୀକ୍ଷା କରିବା ଦ୍ୱାରା ଅନେକ ପିଏଚ୍‌ଡି ଛାତ୍ରଛାତ୍ରୀ ଫେଲୋସିପ୍ ପାଇ ପାରିନଥିଲେ। ହେଲେ ଏହା ପରେ ୨୦୨୪-୨୫ ଶିକ୍ଷାବର୍ଷରେ ଫେଲୋସିପ୍ ପାଇଁ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରାଯାଇ ନାହିଁ। ଗୋଟିଏ ବର୍ଷ ଅନ୍ତରରେ ଚଳିତବର୍ଷ ବିଜ୍ଞପ୍ତି ବାହାରିଛି। ଫଳରେ ୩ଶହ ଛାତ୍ରଛାତ୍ରୀ ଫେଲୋସିପ୍ ପାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ପ୍ରାୟ ୧୦କୋଟି ୮୦ଲକ୍ଷ ଟଙ୍କାର ଅନୁଦାନ ବିନିଯୋଗ ହୋଇପାରିନାହିଁ।

ଅନ୍ୟପଟେ, ପୂର୍ବରୁ ୧୫ଟି ବିଶ୍ୱବିଦ୍ୟାଳୟ ଏଥିରେ ସାମିଲ ହୋଇଥିବା ବେଳେ ଚଳିତଥର ଏହାକୁ ୨୬କୁ ବଢ଼ାଯାଇଛି। ତେଣୁ ସେହି ଅନୁପାତରେ ଅଧିକ ପିଲାଙ୍କୁ ଫେଲୋସିପ୍ ପ୍ରଦାନ କରିବାକୁ ବ୍ୟବସ୍ଥା କରିବା ସହ ଚଳତବର୍ଷ ୬ଶହ ପିଲାଙ୍କୁ ଫେଲୋସିପ୍ ଦେବାକୁ ଦାବି କରିଛନ୍ତି। ପଡ଼ୋଶୀ ଝାଡ଼ଖଣ୍ଡରେ ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପିଲାଙ୍କୁ ମାସକୁ ୨୫ ହଜାର ଲେଖାଏଁ ପ୍ରଦାନ କରାଯାଉଛି। ଫଳରେ ସେମାନେ ଗବେଷଣା କରିବାକୁ ପ୍ରୋତ୍ସାହନ ପାଉଛନ୍ତି। ଓଡ଼ିଶା ସରକାର ମଧ୍ୟ ନେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିବା ପିଲାଙ୍କୁ ୨୫ହଜାର ଲେଖାଏଁ ଅନୁଦାନ ପ୍ରଦାନ କରିବା ସହ ଗବେଷଣା କରୁଥିବା ସମସ୍ତ ପିଲାଙ୍କୁ ଏହି ଫେଲୋସିପ୍ ପ୍ରଦାନ କରାଗଲେ ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶାୟୀମାନେ କହିଛନ୍ତି।

ସୂଚନାଯୋଗ୍ୟ, ମେ ୨୯ ତାରିଖରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆବେଦନ ଆରମ୍ଭ ହୋଇଛି। ଜୁନ୍ ୨୪ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ।

# ନଡ଼ିଆ ବାହୁଙ୍ଗା ପଡ଼ି ରାଜଧାନୀ ଏକ୍ସପ୍ରେସ୍ ଇଞ୍ଜିନରେ ଲାଗିଲା ନିଆଁ



ବସ୍ତା ବ୍ଲକ/ରାଜଘାଟ, ୪।୬ (ସମିସ): ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ୨୨୮୧୧ତେଜସ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନରେ ଲାଗିଲା ନିଆଁ। ଆଜି ଏହି ଟ୍ରେନ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବାବେଳେ ଅପରାହ୍ନ ପ୍ରାୟ ୨ଟାରେ ବସ୍ତା ଷ୍ଟେସନ୍ ପହଞ୍ଚିବାକୁ କିଛି ମିନିଟ ପୂର୍ବରୁ ଏହି ଅଞ୍ଚଳରେ ବର୍ଷା ପବନ ଆରମ୍ଭ ହୋଇଥିଲା। ଜୋର ପବନରେ ଏକ ନଡିଆ ବାହୁଙ୍ଗା ଉଡି ଆସି ଟ୍ରେନ ଇଞ୍ଜିନ ଉପରେ ପଡିଥିଲା। ଫଳରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଟ୍ରେନ ଇଞ୍ଜିନ ଉପରେ ନଡ଼ିଆ ବାହୁଙ୍ଗା ଜଳିବାକୁ ଲାଗିଥିଲା। ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଲୋକୋ ପାଇଲଟ ଟ୍ରେନକୁ କ୍ୟାବିନ ନିକଟରେ ଅଟକାଇ ଥିଲେ। ଏଣେ ଟ୍ରେନରେ ନିଆଁ ଲାଗିଥିବା ଖବର ଜାଣିବାକୁ ପାଇ ଯାତ୍ରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିବାବେଳେ ରେଳ ବିଭାଗ ପକ୍ଷରୁ ଏମିତି ବଡ ଘଟଣା ହୋଇ ନ ଥିବା ବେଳେ ଯାଞ୍ଚ ପରେ ଟ୍ରେନ ପୁଣି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଛଡ଼ାଯିବାର ଘୋଷଣା କରାଯାଇଥିଲା। ରୂପସା ଷ୍ଟେସନରୁ ଟାୱାର ଗାଡ଼ି ଡକାଇ ଟ୍ରେନ ଇଞ୍ଜିନରେ ଥିବା ନଡ଼ିଆ ବାହୁଙ୍ଗାକୁ ସଫା ସହିତ ଟ୍ରେନ ସମସ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ପରେ ଟ୍ରେନ୍ ୩ ଟା ୪୦ରେ ବସ୍ତା ଷ୍ଟେସନ ଛାଡିଥିଲା।

## ଏଡିଟିଏସ୍ ଓ ଏଟିଏସ୍ ବ୍ୟବସ୍ଥାର ଶିଳାନ୍ୟାସ



ବାରିପଦା, ୪।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ଭୁବନେଶ୍ୱର କନଭେନସନ ହଲରେ ଆଭାସୀ ଜରିଆରେ ସମ୍ପନ୍ନ ହୋଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାରେ ସ୍ଥାପିତ ହେଉଥିବା ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର (ଏଡିଟିଏସ) ଓ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥା (ଏଟିଏସ୍) ପାଇଁ ଶିଳାନ୍ୟାସ ହୋଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ହଲରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରାଜ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସଏ ଓ ସମ୍ମାନିତ ଅତିଥି ଭାବେ ଏସପି ବରୁଣ ଗୁଣ୍ଟୁପାଲ୍ଲି ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବାରିପଦା ଏବଂ ରାଇରଙ୍ଗପୁରର ୨ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷା କେନ୍ଦ୍ର ଏବଂ ବାରିପଦାର ଗୋଟିଏ ସ୍ୱୟଂକ୍ରିୟ ପରୀକ୍ଷଣ ବ୍ୟବସ୍ଥାର ଶିଳାନ୍ୟାସ କରିଥିଲେ । ଏହାପରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହି ଫଳକକୁ ଅନାବରଣ କରିଥିଲେ । ବୈଠକରେ ରାଇରଙ୍ଗପୁର ଏଆରଟିଓ ସନ୍ଦୀପ କୁମାର ପାଇକରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ପ୍ରମୁଖ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

## କୁଡୁମୀ ସେନାର ୧୩ତମ ପ୍ରତିଷ୍ଠା ଦିବସ




ବଡସାହି,୪।୬(ସମିସ): ବଡସାହି ବ୍ଲକ ଦୁର୍ଗାପୁର ପଞ୍ଚାୟତ ଟିକରବାଟି ଗ୍ରାମରେ କୁଡୁମୀ ସେନାର ୧୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଦେଶରେ ୨ କୋଟିରୁ ଊର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି । ଏହି ଜାତିକୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା ; କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା । ତେଣୁ ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି କରିଆସୁଛନ୍ତି । ଓଡିଶାରେ ଯୁବ ନେତା ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ରେ ବେତନଟୀଠାରେ କୁଡୁମୀ ସେନା ଗଠନ କରି ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତିର ସୁରକ୍ଷା ଓ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୨ ବର୍ଷ ହେଲା ଆୟୋଜନ କରି ଆସୁଛନ୍ତି । ତେବେ ଏହି ଦିନକୁ ମନେ ରଖିବା ପାଇଁ ଟିକରବାଟିଠାରେ ୧୩ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି । କୁଡୁମୀ ସେନା ପକ୍ଷରୁ ଲିପୁନ୍ ମହାନ୍ତ, ନିଗମାନନ୍ଦ ମହାନ୍ତ, ବୁଲୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ସନ୍ତୋଷ ମହାନ୍ତ, ପ୍ରିୟନାଥ ମହାନ୍ତ, ଝାଡେଶ୍ୱର୍ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଶା ନିବାରଣ ସଚେତନତା ଅଭିଯାନ ଶୁଭାରମ୍ଭ

କରଞ୍ଜିଆ, ୪।୬(ସମିସ): ନିଶା ଏବଂ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଏକ ସଚେତନ ଅଭିଯାନ ଆରମ୍ଭ ହୋଇଛି । ଏହି ଅବସରରେ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିନିମନ୍ତେ ଗତ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୁଧବାର ଅବକାରୀ ବିଭାଗ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ବେଦବ୍ୟାସ ଭୋଇ ଓ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ରଥ ଜିଲ୍ଲାରେ ଯୁବପିଢି ସମେତ ଜନସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି । ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ । ଏହି ରଥ କରଞ୍ଜିଆ ଉପଖଣ୍ଡର ପାଞ୍ଚଟି ବ୍ଲକ ପରିକ୍ରମା କରିବ । ଅବକାରୀ ନିରୀକ୍ଷକ ସଞ୍ଜୟ କାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କରଞ୍ଜିଆ ଅବକାରୀ ଥାନା ସହ ନିରୀକ୍ଷକ ରଶ୍ମିରଂଜନ ନାୟକ, ଯଶିପୁର ଅବକାରୀ ସହ ନିରୀକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲିକ, ଠାକୁରମୁଣ୍ଡା ସହ ନିରୀକ୍ଷକ ଭାରତୀ ନାଏକ, ନାରୀନେତ୍ରୀ ଜ୍ୟୋସ୍ନାରାଣୀ ମହାକୁଡ଼ଙ୍କ ସମେତ ସମସ୍ତ ଅବକାରୀ କର୍ମଚାରୀ ଏବଂ ପୁଲିସ ଯୋଗ ଦେଇଥିଲେ ।



### ପିଆରଏମ୍‌ରେ ସ୍ୱର୍ଗରଥ ସେବା ବ୍ୟାହତ

# ରୋଗୀ ଆତ୍ମୀୟଙ୍କୁ ଘରୋଇ ଗାଡ଼ି ମାଲିକଙ୍କ ଶୋଷଣ



ଗୋଟିଏ ଗାଡ଼ି ଅଚଳ, ଅନ୍ୟଟିରେ ଦେଖାଦେଉଛି ଯାନ୍ତ୍ରିକ ତ୍ରୁଟି

ବାରିପଦା, ୪।୬ (ସମିସ): ସରକାର ବଦଳିବା ପରେ ମୟୂରଭଞ୍ଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ପୂର୍ବ ସରକାରଙ୍କ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ସ୍ୱର୍ଗରଥ ସେବା ଏବେ ବାଧାପ୍ରାପ୍ତ ହୋଇଛି । ଫଳରେ ଜିଲ୍ଲାର ଗରିବ ଜନସାଧାରଣ ଡାକ୍ତରଖାନାରେ ଆତ୍ମୀୟଙ୍କ ମୃତ୍ୟୁ ପରେ ମରଶରୀରକୁ ଘରକୁ ନେବା ପାଇଁ ଶୋଷଣର ଶିକାର ହେଉଛନ୍ତି ।

ଅପରପକ୍ଷରେ ଶବକୁ ମିଳୁନି ସମ୍ମାନ । ଘଣ୍ଟା ଘଣ୍ଟା ଧରି ମେଡିକାଲ ପରିସରରେ ପଡି ରହୁଛି ଶବ । ମେଡିକାଲରେ ଥିବା ୨ଟି ସରକାରୀ ସ୍ୱର୍ଗରଥ ଗାଡି ମଧ୍ୟରୁ ଗୋଟିଏ ବର୍ଷେ ହେଲା ଅଚଳ ହୋଇଥିବାବେଳେ ଅନ୍ୟଟି ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖିବାକୁ ମିଳୁଛି । ଫଳରେ ଲୋକେ ସେବା ପାଇପାରୁନାହାନ୍ତି । ଏହାର ସୁଯୋଗ ନେଇ ଘରୋଇ ଶବବାହାକ ଗାଡି ମାଲିକମାନେ ଲୁଟୁଛନ୍ତି । ବିପତ୍ତି ସମୟରେ ସେମାନେ ଚଢାଦର କହୁଥିବା ବେଳେ ଅଗତ୍ୟା ପରିବାର ଲୋକ ନେବା ପାଇଁ ବାଧ ହେଉଛନ୍ତି । ଗତ ୧୯୬୦ ମସିହାରେ ସ୍ଥାପିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ପିଆରଏମ ମେଡିକାଲ କଲେଜ ତଥା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ମୟୂରଭଞ୍ଜ ଜିଲ୍ଲା ସମେତ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ରୋଗୀ ମେଡିକାଲ ଉପରେ ନିର୍ଭର କରୁଛନ୍ତି । ଏଠାରେ ମୋଟ ୫୬୩ ଶଯ୍ୟା ରହିଛି । ଯାହା ମେଡିସିନ, ସର୍ଜରୀ, ଗାଇନାକୋଲୋଜି, ପିଡିଆଟ୍ରିକ୍ସ ଆଦି ବିଭାଗରେ ସେବା ଯୋଗାଉଛି । ତଥ୍ୟ ଅନୁଯାୟୀ, ଭର୍ତ୍ତି ହୋଇଥିବା ରୋଗୀଙ୍କ ସଂଖ୍ୟା ୨୦୨୨ରେ ୭୪,୫୭୨, ୨୦୨୩ରେ ୭୩,୭୨୯ ଓ ୨୦୨୪ରେ ୭୪,୬୭୭ ଥିଲା । ଓପିଡିରେ ରୋଗୀ ସଂଖ୍ୟା ୨୦୨୨ରେ ୪,୭୩,୭୪୩ ଥିବା ବେଳେ ୨୦୨୩ରେ ୩,୭୬,୬୫୫ ଓ ୨୦୨୪ରେ ୫,୨୩,୯୯୨ରେ ପହଞ୍ଚିଛି । ମୃତ୍ୟୁସଂଖ୍ୟା ମଧ୍ୟ ମ୍ୟୁନିସିପାଲିଟି/ ଗ୍ରାମ ରେଜିଷ୍ଟ୍ରରରେ ୨୦୨୩ରେ ୩,୦୦୪ ଓ ୨୦୨୪ରେ ୨,୯୦୭ ରିପୋର୍ଟ ହୋଇଥିଲା । ସେହିପରି ଦୈନିକ ୮୦୦ରୁ ୧,୦୦୦ ରୋଗୀ ଓପିଡିରେ ଚିକିତ୍ସା ପାଇଁ ଆସୁଛନ୍ତି ଏବଂ ୨୦ରୁ ୩୦ ଜଣ ଗୁରୁତର ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଛି । ସେହିପରି ଗୁରୁତର ରୋଗ, ଦୁର୍ଘଟଣା ଓ ଅନ୍ୟ କାରଣରୁ ମାସିକ ୫୦ରୁ ୬୦ଜଣଙ୍କର ମୃତ୍ୟୁ ଘଟୁଛି । ଏଣୁ ମୃତଦେହ ପରିବହନ ପାଇଁ ସ୍ୱର୍ଗରଥ ସେବା ଅତ୍ୟନ୍ତ ସହାୟକ ହୋଇଥାଏ । ତେବେ ଗୋଟିଏ ଗାଡ଼ି ୬ ମାସ ହେଲା ଅଚଳ ଥିବା ବେଳେ ଅନ୍ୟଟି ରକ୍ଷଣାବେକ୍ଷଣ ଅଭାବରୁ ବାରମ୍ବାର ଖରାପ ହେଉଛି । ଫଳରେ ମୃତକଙ୍କ ଆତ୍ମୀୟମାନେ ଘରୋଇ ଗାଡ଼ି ମାଲିକଙ୍କ ଜୁଲୁମର ଶିକାର ହେଉଛନ୍ତି । ତେଣୁ ସମସ୍ୟା ସମାଧାନ ପାଇଁ ତୁରନ୍ତ ଏକ ନୂଆ ଗାଡ଼ି ଯୋଗାଣ ସହିତ ଅଚଳ ଓ ଅନ୍ୟ ଗାଡି ମରାମତି, ନିୟମିତ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି । ପ୍ରଶାସନ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି । ଏନେଇ ମେଡିକାଲ ସୁପରିଟେଟେଣ୍ଟ ଡକ୍ଟର (ପ୍ରଫେସର) ରବୀନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଏହି ସମସ୍ୟା ଦୀର୍ଘ ସମୟ ହେଲା ଲାଗି ରହିଛି । ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛୁ । ନୂଆ ବାହାନ ପାଇଁ ସେ ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

● ରାଷ୍ଟ୍ରପତିଙ୍କ ଜନ୍ମଭୂମିରେ ସାନ୍ତାଳୀ ଭାଷା ଓ ଅଲଚିକି ଲିପି ଅବହେଳିତ

# ରେଳ ଷ୍ଟେସନ ନାମ ଫଳକରେ ନାହିଁ ଅଲଚିକି ଲିପି




ବହଳଦା, ୪।୬(ସମିସ): ରାଇରଙ୍ଗପୁର ଉପଖଣ୍ଡରେ ସାନ୍ତାଳୀ ଭାଷା ଓ ଅଲଚିକି ଲିପି ଡବଲ ଇଞ୍ଜିନ ସରକାରର ବୈମାତୃକ ମନଭାବ ଯୋଗୁଁ ଅବହେଳିତ ଅବସ୍ଥାରେ ରହିଥିବା ନେଇ ବୁଦ୍ଧିଜୀବି ମହଲରେ ଅଭିଯୋଗ ହେଉଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜେ ଜଣେ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ମହିଳା ହୋଇଥିବା ବେଳେ ସାନ୍ତାଳୀ ଭାଷା ଓ ସଂସ୍କୃତି ସହିତ ଓତଃପ୍ରୋତଭାବେ ଜଡିତ । ସାନ୍ତାଳୀ ଭାଷା ଓ ଲିପିକୁ ମଧ୍ୟ ସେ ବେଶ ଭଲ ପାଉଥିବା ନେଇ ତାଙ୍କ ଅଭିଭାଷଣରେ ଦେଖିବାକୁ ମିଳିଥାଏ । ସୁଯୋଗ ମିଳିଲେ ସେ ସାନ୍ତାଳୀ ଭାଷାରେ ବକ୍ତବ୍ୟ ରଖି ସାନ୍ତାଳୀ ଭାଷାଭାଷୀଙ୍କ ଗରିମାକୁ ଦ୍ୱିଗୁଣିତ କରିଥାନ୍ତି । ନିକଟରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀରେ ଅଲଚିକି ଲିପିର ଶତବାର୍ଷିକୀ ଉତ୍ସବ ଓଡିଶା ସରକାରଙ୍କ ସହଭାଗିତାରେ ପାଳନ କରାଯାଇଥିବାବେଳେ ଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ଅନ୍ତର୍ଜାତୀୟ ସ୍ତରର ଶତବାର୍ଷିକୀ ଉତ୍ସବ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ରାଇରଙ୍ଗପୁର ଉପଖଣ୍ଡ ଅଞ୍ଚଳର ଜନସାଧାରଣଙ୍କ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଟାଟା-ବାଦାମପାହାଡ ରେଳପଥରେ ରାଉରକେଲା ପର୍ଯ୍ୟନ୍ତ ସବୁଦିନିଆ ପାସେଞ୍ଜର ଟ୍ରେନ ଓ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ସହିତ ଟାଟାନଗର ପର୍ଯ୍ୟନ୍ତ ସକାଳୁଆ ଓ ସନ୍ଧ୍ୟା ପାସେଞ୍ଜର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରି ଉପଖଣ୍ଡବାସୀଙ୍କ ଭେଟି ଦେଇଛନ୍ତି । ତେବେ ଆଦିବାସୀ ଅଧ୍ୟୁଷିତ ରାଇରଙ୍ଗପୁର ଉପଖଣ୍ଡରେ ଥିବା ରେଳଷ୍ଟେସନ ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖିତ କରାଯାଇନାହିଁ । ସାନ୍ତାଳୀ ଭାଷାରେ ଟ୍ରେନ ଆଗମନ ଓ ପ୍ରସ୍ଥାନର ଉଦଘୋଷଣା ବ୍ୟବସ୍ଥା କରାଯିବା ନେଇ ବହଳଦା ବ୍ଲକ ଅନ୍ତର୍ଗତ ପାଟ୍ରାମହୁଲପାଣି ସ୍ଥିତ ବାବାତିଲକା ଲାଇବ୍ରେରୀର ପ୍ରତିଷ୍ଠାତା ସମ୍ପାଦକ ରାମଦାସ ମୁର୍ମୁ ରେଳବାଇ ଏବଂ ରାଷ୍ଟ୍ରପତିଙ୍କୁ ଡାକ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଚିଠିର ପ୍ରାପ୍ତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଷ୍ଟ୍ରପତି ଭବନରୁ ଚିଠି ମାଧ୍ୟମରେ ପ୍ରତି ଉତ୍ତର ମଧ୍ୟ ମିଳିଥିଲା । ଏହା ପରେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ଏ ନେଇ ସ୍ୱର ଉତ୍ତୋଳନ ମଧ୍ୟ କରାଯାଇଛି । ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ଫଳ ମିଳିନାହିଁ କି କାର୍ଯ୍ୟକାରୀ ହୋଇନାହିଁ । ଡବଲ ଇଞ୍ଜିନ ସରକାରଙ୍କ ଡବଲ କ୍ଷମତା ସତ୍ତ୍ୱେ ସାନ୍ତାଳୀ ଭାଷାରେ ଉଦଘୋଷଣା ଏବଂ ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖିତ ନ ହେବା ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିବା ସାନ୍ତାଳୀ ଭାଷା ଓ ଅଲଚିକି ଲିପି ପ୍ରତି ସରକାର ଓ ସିଷ୍ଟମର ଚରମ ଅବହେଳା ବୋଲି ବୁଦ୍ଧିଜୀବି ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଆଦିବାସୀ ବହୁଳ ଅଞ୍ଚଳରେ ଏବେ ମଧ୍ୟ ସାନ୍ତାଳୀ ଭାଷାଭାଷୀ ଏପରି ମହିଳା ଓ ପୁରୁଷ ରହିଛନ୍ତି ଯେଉଁମାନେ ନିଜ ମାତୃଭାଷା ଛଡା ଅନ୍ୟ ସ୍ଥାନୀୟ ଭାଷା ଓଡିଆ କିମ୍ବା ହିନ୍ଦୀ ବୁଝିବାରେ ସମ୍ପୂର୍ଣ୍ଣ ସକ୍ଷମ ନୁହନ୍ତି । ସେମାନେ ଓଡିଆ ଓ ହିନ୍ଦୀ ଉଦଘୋଷଣା ବୁଝିବାରେ ଅସମର୍ଥ ଥିବାରୁ ଅସମଞ୍ଜସ୍ୟ ସ୍ଥିତିରେ ରହିଥାନ୍ତି । ଡବଲ ଇଞ୍ଜିନ ସରକାରରେ ସମସ୍ତ ମନ୍ତ୍ରାଳୟ ଓ ବିଭାଗ ନିଜ ପାଖରେ ଥିବା ସତ୍ତ୍ୱେ ଏହି ଦାବି ପୂରଣ ହୋଇପାରୁନାହିଁ । ତେଣୁ ରେଳ ଷ୍ଟେସନର ନାମ ଫଳକରେ ଅଲଚିକି ଲିପିରେ ଉଲ୍ଲେଖ କରାଯିବା ସହିତ ସାନ୍ତାଳୀ ଭାଷାରେ ଉଦଘୋଷଣାର ବ୍ୟବସ୍ଥା କରାଯିବା ନେଇ ସାଧାରଣରେ ଦାବି ହେଉଛି ।

## ପରିଛିପୁର ଓ ଖିରିପଦାରେ ୬ କାମଳ ରୋଗୀ ଚିହ୍ନଟ

କୁଆମରା,୪।୬(ସମିସ): ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତରେ କାମଳ ରୋଗ ବ୍ୟାପିବାରେ ଲାଗିଛି । ଏପ୍ରିଲରୁ ମେ ମଧ୍ୟରେ ୧୦ରୁ ଅଧିକ ରୋଗୀ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଗତ ୨୮ ତାରିଖରେ କାମଳ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ଖବର ପ୍ରକାଶ ପାଇବା ପରେ ଆଜି ଖୁଣ୍ଟା ଓ କୁଆମରା ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏକ ଟିମ୍ ଡା. ଶାନ୍ତନୁ କୁମାର ଜେନା, ଜନସ୍ୱାସ୍ଥ୍ୟ ଅଧିକାରୀ ସତ୍ୟଜିତ ଦାସ, ସୁପରଭାଇଜର ମହେନ୍ଦ୍ରନାଥ ସେଠୀଙ୍କ ସମେତ ସ୍ୱାସ୍ଥ୍ୟ କର୍ମଚାରୀ ପହଞ୍ଚି ୬ କାମଳ ରୋଗୀଙ୍କୁ ଚିହ୍ନଟ କରିଥିଲେ । ଡାକ୍ତରୀ ଟିମ୍ ୨ଟି ନଳକୂପ ଓ ୩ଟି ଗଭୀର କୂପର ଜଳକୁ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି ।

ଏଥିସହିତ ଆବଶ୍ୟକ ଔଷଧ ରୋଗୀଙ୍କୁ ପ୍ରଦାନ କରାଯାଇଛି । ବିଶେଷ କରି ଗ୍ରୀଷ୍ମ ଋତୁ ଓ ବର୍ଷା ଋତୁ ଆରମ୍ଭରେ ଦୂଷିତ ଜଳରୁ ଏହି ରୋଗ ବ୍ୟାପିଥାଏ ବୋଲି ଡାକ୍ତର ଶ୍ରୀ ଜେନା କହିଛନ୍ତି ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାରିପଦା, ୪।୬(ସମିସ): ବାଘୁଆଷୋଳ ନିକଟରେ ଅଜଣା କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ବିଶୋଇ ଥାନା ଅନ୍ତର୍ଗତ ସରଗଡା ଅଞ୍ଚଳର ବିବେକାନନ୍ଦ ବେହେରା । ସେ ସ୍ଥାନୀୟ ଏକ ଘରୋଇ କଲେଜରେ କାର୍ଯ୍ୟ କରୁଥିଲେ । କଲେଜ ନିକଟରେ ରାସ୍ତା କଡରେ ଚାଲିକି ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କାରେ ଭାରସାମ୍ୟ ହରାଇ ରାସ୍ତାରେ ପଡି ଯାଇଥିଲେ । ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ବାରିପଦା, ୪।୬(ସମିସ): ଦ୍ରୁତଗାମୀ ବାଇକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଅଞ୍ଚଳର ବୟାର ସିଂ । ସେ ତାଙ୍କ ପତ୍ନୀଙ୍କ ସହ ହାଟକୁ ଆସିଥିଲେ । ଘରକୁ ବାଇକ ଯୋଗେ ଉଭୟ ଫେରୁଥିବା ବେଳେ ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡିଯାଇଥିଲେ । ଫଳରେ ତାଙ୍କର ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

ଶୁଳିଆପଦା,୪।୬ (ସମିସ): କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ସହଯୋଗରେ ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧୀନ ଅସନବଣି ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ କୃଷି ଅଧିକାରିଣୀ ଜୁନ୍ମୟୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିରୂପେ ବାରିପଦା ଜିଲ୍ଲା କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ୍, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ଜଗନ୍ନାଥ ପାତ୍ର, ଡ.ଗୋବିନ୍ଦ ଚନ୍ଦ୍ର ଧଳ, ବୈଜ୍ଞାନିକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଡ. ଲମ୍ବୋଦର ବେହେରା, ଡ.ରୂପକ ଜେନା, କୁଜିଡିହି ସରପଞ୍ଚ ଖଗେଶ୍ୱର ସିଂ, ନଗର ଉନ୍ନୟନ ଓ ଗୃହନିର୍ମାଣ ବିଭାଗଙ୍କ ପ୍ରତିନିଧି ଭାଗବତ ମାରାଣ୍ଡି, ଉଦ୍ୟାନ କୃଷି ବିଭାଗର କର୍ମକର୍ତ୍ତା ମହେଶ୍ୱର ବେହେରା, ମୃତ୍ତିକା ସଂରକ୍ଷଣ ଅଧିକାରୀ ପରେଶ ଚନ୍ଦ୍ର ରାୟ ମହାପାତ୍ର, ଶ୍ରୀଅନ୍ନ ଅଭିଯାନର ଜିଲ୍ଲା ସଂଯୋଜକ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବୈଜ୍ଞାନିକ କୃଷକ ଆଲୋଚନାଚକ୍ର ମାଧ୍ୟମରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କର ନୂତନ ଯୋଜନା ସଂପର୍କରେ ଏବଂ ନୂତନ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରି ଚାଷୀଙ୍କର ଆୟ କିପରି ବୃଦ୍ଧି ପାଇବ ସେ ନେଇ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା । କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ ବିଭାଗର ସମସ୍ତ କ୍ଷେତ୍ର କର୍ମଚାରୀ, ଏଟିଏମ୍, କୃଷକ ସାଥୀ, ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ପ୍ରମୁଖ ସହଯୋଗ କରିଥିଲେ ।

## ଜେଇଇ ଆଡଭାନ୍ସଡରେ ୧୪ତମ ସ୍ଥାନରେ ଋଷି ଖଣ୍ଡେଲୱାଲ

ବାରିପଦା,୪।୬(ସମିସ): ବାରିପଦାର ଯୁବ ପ୍ରତିଭା ଋଷି ଖଣ୍ଡେଲୱାଲ ଜେଇଇ ଆଡଭାନ୍ସଡ଼ ୨୦୨୫ ପରୀକ୍ଷାରେ ସର୍ବ ଭାରତୀୟ ସ୍ଥାନ (ଏଆଇଆର) ୧୪ତମ ସ୍ଥାନ ହାସଲ କରି ମୟୂରଭଞ୍ଜ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ଅସାଧାରଣ ସଫଳତା ତାଙ୍କର ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଏବଂ ପରିବାରର ଅବିଚଳ ସମର୍ଥନର ଫଳ । ଋଷିଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବାରିପଦା ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ । ସେ ହେଉଛନ୍ତି ଡା ମମତା ଗୁପ୍ତା ଏବଂ ମନୀଷ ଖଣ୍ଡେଲୱାଲଙ୍କ ପୁତ୍ର ଏବଂ ଡା ଶ୍ୟାମସୁନ୍ଦର ଖଣ୍ଡେଲୱାଲ ଓ ପ୍ରେମା ଦେବୀ ଖଣ୍ଡେଲୱାଲଙ୍କ ନାତି । ସେ ନିଜର ଶୈକ୍ଷିକ ଯାତ୍ରାରେ ସର୍ବଦା ଉତ୍କୃଷ୍ଟ ପ୍ରଦର୍ଶନ କରିଆସିଛନ୍ତି । ଦଶମ ଶ୍ରେଣୀରେ ସେ ୯୭.୬% ଏବଂ ଦ୍ୱାଦଶରେ ୯୬.୬% ନମ୍ବର ରଖିଥିଲେ । ଏଥିସହ ଜେଇଇ ମେନ୍ସ ୨୦୨୫ରେ ମଧ୍ୟ ସେ ୧୩୪ ର୍ୟାଙ୍କ ଅର୍ଜନ କରି ନିଜର ଯୋଗ୍ୟତା ପ୍ରମାଣ କରିଥିଲେ । ଋଷିଙ୍କ ଏହି ସଫଳତା ତାଙ୍କ ସହପାଠୀ ଓ ଶିକ୍ଷକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି । ତାଙ୍କର କଠୋର ପରିଶ୍ରମ ତାଙ୍କୁ ଏହି ଉଚ୍ଚମାନର ସ୍ଥାନ ଅର୍ଜନ କରିବାରେ ସହାୟକ ହୋଇଛି । ତାଙ୍କ ପରିବାର ଏବଂ ଶୁଭେଚ୍ଛୁ ଏହି ଅବସରରେ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ତାଙ୍କ ଭବିଷ୍ୟତ ସଫଳତା ପାଇଁ ଶୁଭକାମନା ଜଣାଇଛି ।



### ପ୍ରଶାସନିକ ସ୍ତରରେ ରକ୍ଷଣାବେକ୍ଷଣ ଅଭାବ

# ମହାରାଣୀ ତଖତ କୁମାରୀଙ୍କ ସ୍ମୃତି ଜରାଜୀର୍ଣ୍ଣ



ମହାରାଜାଙ୍କ ମୃତ୍ୟୁପରେ ଏକାନ୍ତବାସରେ ଥିଲେ ମହାରାଣୀ

ଡାକବଙ୍ଗଳା, ପୁଷ୍କରିଣୀ ଓ ବନବିହାରୀ ମନ୍ଦିର ପୁନରୁଦ୍ଧାର ଦାବି

ବାରିପଦା, ୪।୬(ସମିସ): ମୟୂରଭଞ୍ଜ ମହାରାଣୀ ତଖତ କୁମାରୀଙ୍କ ସ୍ମୃତି ଏବେ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ବାରିପଦା ତଖତପୁର ଅଞ୍ଚଳରେ ରହିଛି ଏହି ସ୍ମୃତି । ବନ ବିହାରୀ ରାଧାକୃଷ୍ଣ ମନ୍ଦିର, ଜଳାଶୟ ଓ ଡାକବଙ୍ଗଳା ଏବେ ବି ରାଜାରାଜୁଡା ଅମଳର ସ୍ମୃତି ବଖାଣୁଛି । ଇତିହାସ ଅନୁସାରେ, ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ମହାରାଣୀ ତଖତ କୁମାରୀ ଭଞ୍ଜଦେଓଙ୍କ ଦ୍ୱାରା ଏହି ବନ ବିହାରୀ ମନ୍ଦିରଟି ପୋଖରୀ କୂଳରେ ୧୯୩୬ ମସିହାରେ ନିର୍ମାଣ ହୋଇଥିଲା । ମୟୂରଭଞ୍ଜର ପରାକ୍ରମୀ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ମୁମ୍ବଇଠାରେ ମାତ୍ର ୨୯ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା । ସେ ମୟୂରଭଞ୍ଜ ରାଜ୍ୟକୁ ମାତ୍ର ଆଠରୁ ନଅ ବର୍ଷ ଲାଗି ଶାସନ କରିଥିଲେ । ତାଙ୍କ ମୃତ୍ୟୁପରେ ମହାରାଣୀ ତଖତ କୁମାରୀ ନିଜର ସ୍ୱାମୀଙ୍କ ସ୍ମୃତି ଚାରଣ କରିବା ଏବଂ ଏକାନ୍ତବାସ ଲାଗି ବାରିପଦାରୁ ୬ମାଇଲ ଦୂରରେ ଏକ ସୁନ୍ଦର ବଙ୍ଗଳା ଓ ପୋଖରୀ କୂଳରେ ଏହି ବନବିହାରୀ ମନ୍ଦିରଟି ନିର୍ମାଣ କରିଥିଲେ । ପରବର୍ତ୍ତୀ ସମୟରେ ଏଠାରେ ପୂଜାପାଠ ଭିତରେ ଦିନ କଟାଇଥିଲେ । ଏହି ସ୍ଥାନକୁ ଏବେ ମହାରାଣୀ ତଖତ କୁମାରୀଙ୍କ ନାମରେ 'ତଖତପୁର' ନାମକରଣ କରାଯାଇଛି; ଯାହା ଆଜିବି ତଖତପୁର ନାମରେ ନାମିତ ରହିଛି । ବର୍ତ୍ତମାନ ରାଜ୍ୟରେ ଓଡିଆ ଅସ୍ମିତା ରକ୍ଷା ପାଇଁ ଦର୍ଶନୀୟ ସ୍ଥାନ ଏବଂ ଧର୍ମାନୁଷ୍ଠାନଗୁଡିକର ବିକାଶ କାର୍ଯ୍ୟ ଚାଲିଥିବା ବେଳେ ବୃହତ୍ ଜଳାଶୟଗୁଡିକ ପୁନରୁଦ୍ଧାର ଆରମ୍ଭ ହୋଇଛି । ମାତ୍ର ଏହି ଐତିହ୍ୟ ବହନ କରୁଥିବା ରାଧାକୃଷ୍ଣ ମନ୍ଦିର, ରାଣୀଙ୍କ ପୁଷ୍କରିଣୀ ଓ ଡାକବଙ୍ଗଳା ପରିତ୍ୟକ୍ତ ଅବସ୍ଥାରେ ରହିଛି । ଏହାର ସୁରକ୍ଷା ଓ ଶ୍ରୀବୃଦ୍ଧି ଲାଗି ଜିଲ୍ଲା ପ୍ରଶାସନ କି ଜନ ପ୍ରତିନିଧି କେହି ଦୃଷ୍ଟି ନ ଦେବା ଦୁଃଖର ବିଷୟ ବୋଲି ସ୍ଥାନୀୟ ଅଧିବାସୀ ପ୍ରକାଶ କରିଛନ୍ତି । ତୁରନ୍ତ ସରକାର ତଥା ଜିଲ୍ଲା ପ୍ରଶାସନ ଏଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଏହାର ସୁରକ୍ଷା ଓ ସମୃଦ୍ଧି ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ଦାବି ହେଉଛି ।

### ହାଇକୋର୍ଟ ଆଦେଶକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବମାନନା ଅଭିଯୋଗ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଅବସରପ୍ରାପ୍ତ ଶିକ୍ଷକ



ବାରିପଦା, ୪।୬(ସମିସ): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପାଟଳିପୁରା କୃଷ୍ଣଚନ୍ଦ୍ର ଶିକ୍ଷାନିକେତନର ଅବସରପ୍ରାପ୍ତ ଶିକ୍ଷକ ଡ. ରମାକାନ୍ତ ମହାନ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଗୁରୁତର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ହାଇକୋର୍ଟ ଆଦେଶ ନମ୍ବର ୨୩୪୩/୨୦୧୬/୮.୪. ୨୦୨୪ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନମ୍ବର-୯୦୫୮ ତାରିଖ-୧୭.୭.୨୦୨୪ ଏବଂ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ତାରିଖ-୨.୮.୨୦୧୬ରେ ତାଙ୍କୁ ଦିଆଯାଇଥିବା ଦୁଇଟି ଇନକ୍ରିମେଣ୍ଟ ବନ୍ଦ ଦଣ୍ଡକୁ ରଦ୍ଦ କରି ଦେଇଥିଲେ । ଏଣୁ ବନ୍ଦ ଥିବା ଦୁଇଟି ଇନକ୍ରିମେଣ୍ଟ ତାଙ୍କୁ ପ୍ରଦାନ କରିବା ପାଇଁ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ଅଫିସ ଚିଠି ନମ୍ବର- କେସିଏସ. ନଂ ୨୮/୨୦୨୪/ ୩୦.୪.୨୦୨୪ରେ ଜିଲ୍ଲା ଶିକ୍ଷା ଅଧିକରୀଙ୍କୁ ସେ ନିବେଦନ କରିଥିଲେ । ହାଇକୋର୍ଟଙ୍କ ଆଦେଶ ଦେବାର ଇତିମଧ୍ୟରେ ୧୩ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ଜିଲ୍ଲା ଶିକ୍ଷା ଅଧିକାରୀ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି । ଦୀର୍ଘ ୩୬ ବର୍ଷ ଶିକ୍ଷାଦାନ କରି ଅବସର ନେବା ପରେ ତାଙ୍କର ଦୁଃଖ, କଷ୍ଟ ଏବଂ ମାନସିକ ଯାତନା ଦ୍ୱିଗୁଣିତ ହୋଇଯାଇଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଓଡିଶା ହାଇକୋର୍ଟଙ୍କ ଆଦେଶ ଦେବା ପରେ ବି ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ହାଇକୋର୍ଟର ଆଦେଶ ନମ୍ବର-୨୩୪୩ ତାରିଖ-୮.୪.୨୦୨୪କୁ ତା ୩୦.୪.୨୦୨୪ରେ ଗ୍ରହଣ କରି ଦୀର୍ଘ ୧୩ମାସ ପରେ ମଧ୍ୟ କାର୍ଯ୍ୟ କରି ତାଙ୍କର ଅବସର ପୂର୍ବରୁ ନ୍ୟାଯ୍ୟ ଅଧିକାର ପ୍ରଦାନ କରିନାହାନ୍ତି । ତେଣୁ ଓଡିଶା ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଆଗାମୀ ୭ ଦିନ ମଧ୍ୟରେ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଏ ।

### ବାଲିମାଫିଆଙ୍କୁ ପୁଲିସ ସୁରକ୍ଷା ଦେଉଥିବା ପ୍ରତିବାଦ

# ଥାନା ଘେରିଲେ ବାସିନ୍ଦା ଓ ବିଜେପି କର୍ମୀ

କପ୍ତିପଦା, ୪।୬(ସମିସ): ଦିନକୁ ଦିନ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା ଅଧିକ ଘନାଇବାରେ ଲାଗିଛି। କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ପ୍ରାଣାନ୍ତକ ଆକ୍ରମଣ ଘଟଣାକୁ ୪ ଦିନ ବିତିଥିବା ବେଳେ ଏହାକୁ ନେଇ ପ୍ରତିବାଦ ବଢ଼ିଚାଲିଛି। ଆଜି ପ୍ରତିବଦ ଜଣାଇ ସ୍ଥାନୀୟ ବାସିନ୍ଦା ଏବଂ ବିଜେପି କର୍ମୀ ଥାନାକୁ ଘେରଉ କରିଥିଲେ। ଶତାଧିକ କର୍ମୀ ଏବଂ ସ୍ଥାନୀୟ ବାସିନ୍ଦା ଥାନାରେ ପହଞ୍ଚି ଅଭିଯୁକ୍ତ ମାଫିଆଙ୍କୁ ଗିରଫ କରିବାରେ ପୁଲିସ ଅବହେଳା କରୁଥିବା ଅଭିଯୋଗ କରିଥିଲେ। ପୁଲିସ ମାଫିଆଙ୍କୁ ଆଶ୍ରୟ ଦେଉଥିବା ଏବଂ ସିସିଟିଭି ଫୁଟେଜ ଭିଡିଓ ଭାଇରଆଲ ହେବାପରେ ମଧ୍ୟ ୩୦ରୁ ମାତ୍ର ୩ ଅଭିଯୁକ୍ତଙ୍କୁ ଗିରଫ କରିପାରିଛି। ତେଣୁ ଆଜି ପୁଲିସ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସ୍ଥାନୀୟ ଲୋକେ ଥାନା ଘେରଉ କରିଥିଲେ। ଫଳରେ ଥାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଏଥିସହିତ ତୁରନ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଖବର ପାଇ ଉପଖଣ୍ଡ ପୁଲିସ ଅଧିକାରୀ ପହଞ୍ଚି ଉତ୍ୟକ୍ତଙ୍କୁ ବୁଝାସୁଝା କରିଥିଲେ ବି ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଏ ସମ୍ପର୍କରେ ଥାନା ଅଧିକାରିଣୀ କହିଛନ୍ତି ଯେ, ସେଦିନ ଗେଟରେ ଚାବି ପଡ଼ିନଥିଲା। ରାତି ପ୍ରିୟଗୋଟାଏରେ ମାଙ୍କଡ଼ା ଅଞ୍ଚଳରୁ ପିସିଆର ଭ୍ୟାନ ଫେରିଥିଲା। ଯେହେତୁ ଥାନାରେ ଅଭିଯୁକ୍ତ ଥିଲେ ଏବଂ ଅନେକ ଗାଡ଼ି ଥାନା ପରିସରରେ ରହିଥିଲା ସେଥିପାଇଁ ଗେଟ୍ ବନ୍ଦ ଥିଲା। ଅଭିଯୁକ୍ତ ମାନେ ଫେରାର ଥିବାରୁ ବିଳମ୍ବ ହେଉଛି। ସେମାନଙ୍କୁ ଧରିବାକୁ ସବୁ ପ୍ରକାର ଉଦ୍ୟମ ଚାଲିଛି। ଅଭିଯୁକ୍ତ ଶୀଘ୍ର ଧରାପଡ଼ିବେ ବୋଲି କହିଛନ୍ତି ଥାନା ଅଧିକାରିଣୀ ବବିତା ପୁହାଣ।

# ବିକଶିତ ଗାଁ, ବିକଶିତ ଓଡ଼ିଶା ବୈଠକ



ବଡସାହି, ୪।୬(ସମିସ): ମଙ୍ଗଳବାର ବଡସାହି ବ୍ଲକରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡିଓ ବନଜା ଦାସ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହିତ ବୈଠକର ଆଭିମୂଖ୍ୟ ସମ୍ପର୍କରେ ସୂଚନ ଦେଇଥିଲେ। ବୈଠକରେ ଅଧକ୍ଷା ମିନତୀ ସିଂ ସଭାପତିତ୍ୱ କରିବା ସହିତ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସନାତନ ବିଜୁଳି, ଉପାଧକ୍ଷ କାଞ୍ଚନ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ପ୍ରମୋଦ ସାହୁ, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶିଶେଖର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନାରାୟଣ ପାତ୍ର, ସମସ୍ତ ଯନ୍ତ୍ରୀ, ପି.ଇ.ଓ, ସମିତି ସଭ୍ୟ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ପଞ୍ଚାୟତ ସ୍ତରରୁ ଗ୍ରାମସଭା ମଧ୍ୟମରେ ଆସିଥିବା ସମସ୍ତ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଗ୍ରାମସଭାରେ ୫ ବର୍ଷିଆ ପ୍ରସ୍ତାବ ସବୁ ସ୍ଥାନ ପାଇଥିବା ବେଳେ ୨୦୨୪-୨୫ର ପ୍ରସ୍ତାବ ଅଦ୍ୟାବଧି ଅନୁମୋଦନ ହୋଇ ଆସିନାହିଁ। ସେଥିରୁ ବିଧାୟକ ୪୦ ପ୍ରତିଶତ ଅନୁଦାନର ପ୍ରସ୍ତାବ ଦେଇଥିବା ଜଣାଯାଇଛି। ତେଣୁ ବିଧାୟକ ତାଙ୍କ ପ୍ରସ୍ତାବ ଦେବା ପରେ ଜିଲ୍ଲା ସ୍ତରରେ କେଉଁ ପ୍ରସ୍ତାବ କଟିଛି ଓ କେଉଁ ପ୍ରସ୍ତାବ ରହିଛି ତାହାର ସଠିକ୍ ସୂଚନା ମଧ୍ୟ ବ୍ଲକ ପ୍ରଶାସନ ପାଖରେ ନାହିଁ। ମାତ୍ର ୨୦୨୫-୨୬ ପାଇଁ ପ୍ରସ୍ତାବ ମଗାଯାଇଛି। ଏହାକୁ କେନ୍ଦ୍ର କରି ନିର୍ବାଚିତ ପ୍ରତିନିଧି ଦ୍ୱନ୍ଦ୍ୱରେ ଥିବାର ପ୍ରକାଶ କରିଛନ୍ତି। ୨୦୨୪-୨୫ର ଅନୁମୋଦିତ ପ୍ରସ୍ତାବ ଦେଖିବା ପରେ ୨୦୨୫-୨୬ର ପ୍ରସ୍ତାବ ଦିଆଯିବ ବୋଲି କେତେକ ସରପଞ୍ଚ ଓ ସମିତି ସଭ୍ୟ ପ୍ରକାଶ କରିଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ଏନଜିଟି ମାମଲାକୁ ନେଇ ବାଲି ସମସ୍ୟା ଲାଗି ରହିଥିବା ବେଳେ ଅନୁମୋଦିତ ପ୍ରସ୍ତାବ ଉପରେ ଏବେ କାମ କରିବା କାଠିକର ପାଠ ବୋଲି ମତ ପ୍ରକାଶ ପାଇଥିଲା। ଏଥିପାଇଁ ବିଧାୟକ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ଗଡ଼ିଆ କଲେଜରେ ନୂତନ ଅଧକ୍ଷଙ୍କ ଯୋଗଦାନ



ମୋରଡା, ୪।୬(ସମିସ): ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପିକା ଡ. ସ୍ମିତା ଭଞ୍ଜ ନୂତନ ଅଧକ୍ଷଭାବେ ଯୋଗଦାନ କରିଛନ୍ତି। ସେ ଭାରପ୍ରାପ୍ତ ଅଧକ୍ଷା ଡକ୍ଟର ଜଗନ୍ନାଥ ସାଥୁଆଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଏବଂ କର୍ମଚାରୀମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ମୋରମ ବୋଝେଇ ହାଇୱା ଜବତ

ବେତନଟୀ, ୪।୬(ସମିସ): ବେତନଟୀ ବ୍ଲକ ଭୁଡ୍ଡୁରବଣି-ପୁରୁଣାପାଣି କେନାଲ ରାସ୍ତାରେ ଏକ ମୋରମ ବୋଝେଇ ହାଇୱା ଆସୁଥିବା ଖବର ବନାଞ୍ଚଳ ଅଧିକାରୀ ମନୱାର ଖାଁ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ଏହି ମୋରମ ସମ୍ଭବତଃ ଜଙ୍ଗଲରୁ ଆସୁଥିଲା ବୋଲି ଜଣାପଡ଼ିଥିଲା। ବନାଞ୍ଚଳ ଅଧିକାରୀ ଏନେଇ କେସ ନଂ ୧୩ ରେ ମାମଲା ରୁଜୁ କରି ବଡ଼ସାହି ଥାନା ତେନ୍ତୁଳ ଗ୍ରାମର ହରପ୍ରସାଦ ମହାନ୍ତଙ୍କ ପୁଅ ଜଗନ୍ନାଥ ମହାନ୍ତ(୩୪)ଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛନ୍ତି। ଜବତ ମୋରମ ବୋଝେଇ ହାଇୱାର ଟିଟି ପରମିଟର ଯାଞ୍ଚ ଚାଲିଛି।

## କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କର୍ମଶାଳା



ରାଇରଙ୍ଗପୁର, ୪।୬(ସମିସ): ତିରିଂ ଗୋଷ୍ଠୀ କେନ୍ଦ୍ର ସଭାଗୃହରେ ମେଡ଼ିକାଲ ଅଫିସର ନରେନ୍ଦ୍ର ମୁର୍ମୁଙ୍କ ତତ୍ତ୍ୱାବଧାନରେ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଜଲେନ ନାଏକ, ସମ୍ମାନିତ ଅତିଥି ଭାବରେ ତିରିଂ ବିଡ଼ିଓ ଭାଗବତ ପ୍ରସାଦ ମହାପାତ୍ର, ତିରିଂ ତହସିଲଦାର ସୁଶାନ୍ତ ବେହେରା ଯୋଗ ଦେଇଥିଲେ। ବିଧାୟକ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ମେଲେରିଆ ନିୟନ୍ତ୍ରଣ ପାଇଁ ଗ୍ରାମାଞ୍ଚଳରେ କୀଟନାଶକ ଉପଚାରିତ ମଶାରୀ ବ୍ୟବହାର ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏହା ବ୍ୟତୀତ ତିରିଂ ବ୍ଲକ ଅଞ୍ଚଳକୁ ମେଲେରିଆ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପରେ ମେଡ଼ିକାଲ ଅଫିସର ନରେନ୍ଦ୍ର ମୁର୍ମୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିବିଡିଟିଏସ ବିଜୟ ବସା କୀଟନାଶକ ଉପଚାରିତ ମଶାରୀ ବ୍ୟବହାର ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଏଥି ସହିତ ଆଗାମୀ ୫ ତାରିଖରୁ ତିରିଂ ବ୍ଲକ ଅଞ୍ଚଳର ୪ଟି ଗାଁରେ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। କର୍ମଶାଳାରେ ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ, ବିପିଏମ ଯୁଧିଷ୍ଠିର ବେହେରା, ଏଏସଆଇ ରତିକାନ୍ତ ଦାସ, ସିଡିପିଓ ବ୍ୟତୀତ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଥାନା ଅଧିକାରୀଙ୍କ ଚଢ଼ଉ: ୪୦୦ ଗୋରୁ ଉଦ୍ଧାର

ବୈଶିଙ୍ଗା, ୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତଙ୍କ ନେତୃତ୍ୱରେ ୪ଟି ଥାନାର ଅଧିକାରୀଙ୍କୁ ନେଇ ଗୋବିନ୍ଦରାୟପୁର ଓ ତାଳପଦାରେ ଚଢଉ କରାଯାଇଥିଲା। ଏକ ଅସ୍ଥାୟୀ ଟେଣ୍ଟରୁ ପ୍ରାୟ ୪୦୦ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ, ବେଆଇନ ଗୋଚାଲାଣ ବାବଦରେ ଖବରପାଇ ବେତନଟୀ ଏସଡ଼ିପିଓ ମିନତୀ ବିଶ୍ୱାଳ, ବଡ଼ସାହି, ବୈଶିଙ୍ଗା, ମୋରଡା ଏବଂ ରାସଗୋବିନ୍ଦପୁର ଥାନା ଅଧିକାରୀ ପୁଲିସଫୋର୍ସ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ ଭାବେ ବେତନଟୀର ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣାଙ୍କ ସମେତ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଅଧିକାରୀ ନିଜର ଟିମ ସହିତ ଉପସ୍ଥିତ ଥିଲେ। ଚଢଉ ସମୟରେ ଅସ୍ଥାୟୀ ଟେଣ୍ଟଗୁଡିକରେ ଚାଲାଣ ନିମନ୍ତେ ରଖାଯାଇଥିବା ପ୍ରାୟ ୪ଶହ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ତଦନ୍ତ ପରେ ଆଖପାଖରେ ଥିବା ଗୋଶାଳାଗୁଡିକୁ ହସ୍ତାନ୍ତର କରାଯିବ ବୋଲି ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଆଖପାଖରୁ ବିଭିନ୍ନ ଗାଁମାନଙ୍କରୁ ଚୋରି ହୋଇଥିବା ବଳଦ ଏବଂ ଗାଇଗୁଡିକ ମଧ୍ୟ ସେଠାରେ ଥିବାନେଇ ପଶୁପାଳକ ଚିହ୍ନଟ କରିଛନ୍ତି।



# ଆଦିବାସୀ କଲ୍ୟାଣ କେନ୍ଦ୍ର ଉଦ୍‌ଘାଟିତ




ସାରସକଣା/ଝାରପୋଖରିଆ, ୪।୬(ସମିସ): ଝାରପୋଖରିଆ ନିକଟ ଗଦାଧରପୁର ଗ୍ରାମରେ ଭାରତ ସେବାଶ୍ରମ ସଙ୍ଘର ଆଦିବାସୀ କଲ୍ୟାଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ସଂଘ ସଭାପତି ସ୍ୱାମୀ ଅମ୍ବିକାନନ୍ଦଜୀ ମହାରାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ଦାଶ ଯୋଗଦେଇ କେନ୍ଦ୍ରର ଭ୍ରାମ୍ୟମାଣ ଚିକିତ୍ସା ଏକକକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇଥିଲେ। ଦୁମକା ସଙ୍ଘ ଶାଖାର ସମ୍ପାଦକ ସ୍ୱାମୀ ନିତ୍ୟାବ୍ରତନନ୍ଦଜୀ ମହାରାଜ, ସ୍ୱାମୀ ପ୍ରଜ୍ଞାନନ୍ଦଜୀ ମହାରାଜ, ପୁରୀ ଶାଖାରୁ ଶ୍ରେୟାସାନନ୍ଦଜୀ ମହାରାଜ, ସଞ୍ଜୟ ମହାନ୍ତ, କୁଞ୍ଜବିହାରୀ ସେଠୀ, ସୁଶୀଲ ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଶୋକ କୁମାର ପୁଷ୍ଟି କାର୍ଯ୍ୟକ୍ରମ ପରିଚାଳନା ଓ ଉପସଭାପତି ଲକ୍ଷ୍ମୀପ୍ରସାଦ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ସୁନନ୍ତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ପଶ୍ଚିମବଙ୍ଗର ଝାଡ଼ଗ୍ରାମ, ଖଡ଼ିକା, ଝାରଖଣ୍ଡ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କପ୍ତିପଦା, ୪।୬(ସମିସ): କପ୍ତିପଦା ବ୍ଲକ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ମନମୋହନ ହେମ୍ବ୍ରମଙ୍କୁ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ସଂଗଠନର ସଭାପତି ଗୋଲକ ଚନ୍ଦ୍ର ବେଜ, ସମ୍ପାଦକ ପଞ୍ଚାନନ ସେନାପତି, ଉପସଭାପତି ପ୍ରଫୁଲ୍ଲ ନାୟକ, କୋଷାଧକ୍ଷ ରାଜେନ୍ଦ୍ର ଶତପଥୀ, ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ଶଙ୍ଖୁଆ, ବିଆରସିସି ଘନଶ୍ୟାମ ସିଂ, ଏବିଇଓ ଲକ୍ଷ୍ମୀଧର ସିଂ, ମୁଖ୍ୟ କିରାଣୀ ଅଲେଖ ପାତ୍ର, ସିନିୟର କିରାଣୀ ଶାନ୍ତନୁ ଘୋଷ, ଦିବ୍ୟରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସରକାରଙ୍କ ନିୟମକୁ ଗୁରୁତ୍ୱ ଦେବାସହ ସମସ୍ତଙ୍କ ସହଯୋଗରେ ଅଫିସ କାର୍ଯ୍ୟ ସୁପରିଚାଳନା କରାଯିବ ବୋଲି ନୂତନ ଶିକ୍ଷା ଧିକାରୀ ଶ୍ରୀ ହେମ୍ବ୍ରମ ପ୍ରକାଶ କରିଥିଲେ।

## ଟଙ୍ଗାବିଲା ପଞ୍ଚାୟତ ଏଡିଓଙ୍କ ଅକାଳ ବିୟୋଗ

ଠାକୁରମୁଣ୍ଡା, ୪।୬(ସମିସ): ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଙ୍କଡ଼ବେଡା ଗ୍ରାମର ଜିତେନ୍ଦ୍ର ନାଥ ମହାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେଯଶିପୁରବ୍ଲକଟଙ୍ଗାବିଲାଗ୍ରାମପଞ୍ଚାୟତରଏଡିଓଭାବରେକାର୍ଯ୍ୟରତ ଥିଲେ। ସେ ଗତ ୨୦୦୭ ମସିହାରୁ ଗ୍ରାମ ରୋଜଗାର ସେବକ ଭାବରେ ଠାକୁରମୁଣ୍ଡା ବ୍ଲକ ଚମ୍ପାଝର, ଧାତକିଡ଼ିହା, ଦିଗଧର, ମହୁଲଡ଼ିହା ଗ୍ରାମପଞ୍ଚାୟତରେ କାର୍ଯ୍ୟ କରିଥିଲେ। ପରେ ୨୦୨୪ ମାର୍ଚ୍ଚ ମାସରେ ପଦୋନ୍ନତି ପାଇ ଏଡିଓ ଭାବରେ ଯଶିପୁର ବ୍ଲକରେ କାର୍ଯ୍ୟ କରି ଆସୁଥିଲେ। ଗତ ୨୮ ତାରିଖରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ, ଯଶିପୁର ବ୍ଲକ ଏପିଓ ବିମଳ ମହାପାତ୍ର, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ନାଏକ ସମେତ ଟଙ୍ଗାବିଲା ପଞ୍ଚାୟତ ସରପଞ୍ଚ, ବ୍ଲ ର ଏଡିଇଓ ସହ କରଞ୍ଜିଆ କପ୍ତିପଦା ଏଡିଇଓ, ତରାମର ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ଠାକୁରମୁଣ୍ଡା ବ୍ଲକ ଏପିଓ ଧାନଚାନ୍ଦ୍ ମହାନ୍ତ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ଶେଷ ଦର୍ଶନ କରିଥିଲେ।

## ୭ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଡସାହି, ୪।୬(ସମିସ): ମଙ୍ଗଳବାର ପ୍ରାଥମିକ ଶିକ୍ଷକ ସଂଘ ବଡସାହି ବ୍ଲକ ଆନୁକୂଲ୍ୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗତ ମେ ମାସରେ ୭ ଜଣ ଅବସର ଗ୍ରହଣ କରିଛନ୍ତି। ସେମାନେ ହେଲେ ଦୀପକ ସେନାପତି, ଆକୁଳ ଚନ୍ଦ୍ର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନିର୍ମଳ ପ୍ରଧାନ, ଶ୍ରୀନାଥ ଦାସ ଓ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, କଳ୍ପନା ଘୋଷ। ସଂଘର ସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା, ଜିଲ୍ଲା ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ଜିଲ୍ଲା ପରିଷଦ ସଂଘ ବଡ଼ ସାହି ବ୍ଲକ ସମ୍ପାଦକ ଲଳିତ କୁମାର ମହାନ୍ତି, ରାଜେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ବିଶ୍ୱାଳ, ଧ୍ରୁବେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ ଅବସର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସୁସ୍ଥ ଓ ନିରୋଗ ଜୀବନ କାମନ କରିଥିଲେ। ଏହାପରେ ଅତିଥିମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ଜେନା ବୈଠକର ଆଭିମୁଖ ପ୍ରଦାନ କରିଥିଲେ। ସହ ସମ୍ପାଦନ ଶ୍ରୀକୃଷ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନିଶା ନୁହେଁ, ଜୀବନ' ସଚେତନତା ରଥର ଶୁଭାରମ୍ଭ

ବାରିପଦା, ୪।୬(ସମିସ): ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ଗତ ୩୧ ତାରିଖ ବିଶ୍ୱ ତମାଖୁ ବର୍ଜନ ଦିବସରୁ ନିଶା ସେବନ ଓ ବେଆଇନ ମଦ କାରବାର ନିରୋଧ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଜୁନ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟବ୍ୟାପୀ କରାଯାଉଥିବା ଏହି ଅଭିଯାନର ଶୀର୍ଷକ ରହିଛି ଆମ ସଂକଳ୍ପ- 'ନିଶା ନୁହେଁ, ଜୀବନ'। ଗାଁରୁ ସହରକୁ ସମ୍ପୂର୍ଣ୍ଣଭାବେ ନିଶା କବଳରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରାଜ୍ୟ ସରକାର। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସୁସଂଯୋଜିତ ଏବଂ ବ୍ୟାପକ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଗାଁଗାଁରେ ଗଡ଼ିବ ସଚେତନତା ରଥ। ଗଣମାଧ୍ୟମର ସହଯୋଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇ ଲୋକଙ୍କୁ ସଚେତନ କରାଯିବ। ଏହି କ୍ରମରେ ବୁଧବାର ଜିଲ୍ଲା ଅବକାରୀ ବିଭାଗ ତରଫରୁ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେଫ ଉକ୍ତ ରଥ ସହର ପରିକ୍ରମା କରି ମାଦକ ଓ ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ଏବଂ ଅପମିଶ୍ରିତ ବିଷାକ୍ତ ଚୋରା ମଦ କାରବାର ବିରୋଧରେ ସଚେତନତା ବାର୍ତ୍ତା ପ୍ରତି ଘରେ ପହଞ୍ଚାଇବ। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଅବକାରୀ ଉପ-ଅଧିକ୍ଷକ ତପସ୍ୱିନୀ ନାଏକ, ଶ୍ରୀଧର ମହାନ୍ତି ଅବକାରୀ ନିରୀକ୍ଷକ, ବ୍ରଜମୋହନ ମଲ୍ଲିକ ବାରିପଦା ସଦର ଅବକାରୀ ଥାନା ଅଧିକାରୀ, ଜ୍ଞାନେଶ୍ୱରୀ ବିଶ୍ୱାଳ କୁଳିଅଣା ଅବକାରୀ ଥାନା ଅଧିକାରୀଣି, ପ୍ରଦୀପ ବେହେରା ଦେଉଳି ଅବକାରୀ ଥାନା ଅଧିକାରୀ, ପ୍ରକାଶ କୁମାର ସାହୁ ବେତନଟି ଅବକାରୀ ଥାନା ଅଧିକାରୀ, ମମତା ଦାଶ ଖୁଣ୍ଟା ଅବକାରୀ ଥାନା ଅଧିକାରିଣୀ, ସୁଭଦର୍ଶନୀ ସାହୁ ଉଦଳା ଅବକାରୀ ଥାନା ଅଧିକାରିଣୀ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।




# ପ୍ରତିଶ୍ରୁତି ପରେ କଂଗ୍ରେସର ଗଣଧାରଣା ପ୍ରତ୍ୟାହାର

ରାଇରଙ୍ଗପୁର, ୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଅଞ୍ଚଳରେ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ନାମରେ ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ଗ୍ରାମପଞ୍ଚାୟତ ପୋଖରିଆ ଗାଁର ୪୩ଟି ଆଦିବାସୀ ପରିବାରକୁ ତହସିଲଦାର ବେଆଇନ ଭାବେ ଉଚ୍ଛେଦ କରିଥିଲେ। ଏ ନେଇ ରାଇରଙ୍ଗପୁର କଚେରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପଶ୍ଚିମ ମୟୂରଭଞ୍ଜ କଂଗ୍ରେସ କମିଟି ପକ୍ଷରୁ ଭିଟାମାଟି ହକ ପାଇଁ ଲଢେଇ ଅଭିଯାନ ପୂର୍ବକ ଆନ୍ଦୋଳନାଳକ ଡାକରା ଦେଇ ଗତ ୨ ତାରିଖରୁ ଧାରଣା ଦେଇଥିଲେ। ଆଜି ଧାରଣାର ତୃତୀୟ ଦିନରେ ଦଳୀୟ କର୍ମକର୍ତ୍ତା ଓ ବିସ୍ଥାପିତ ପରିବାର ଓ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହଉପଜିଲ୍ଲାପାଳ ସହିତ ଆଲୋଚନା କରିଥିଲେ। ସେ ପୁରୁଣାପାଣି ଗ୍ରାମପଞ୍ଚାୟତ ସରପଞ୍ଚ ଓ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତିଙ୍କୁ ଏକ ଆଦେଶନାମା ଦେଇଥିଲେ। ସେଥିରେ ଉଲ୍ଲେଖ ରହିଛି ଯେ ବିସ୍ଥାପିତ ହୋଇଥିବା ୪୩ ପରିବାରଙ୍କ ଘର ଆକଳନ ହୋଇଥିବା ନିର୍ବାହୀଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ ବିଭାଗ)ଙ୍କ ଦ୍ୱାରା ଘରର ଆୟତନ ଅନୁସାରେ ଉପଯୁକ୍ତ କ୍ଷତିପୂରଣ ସରକାରୀ ନିୟମାନୁସାରେ ଦେବା ପାଇଁ ସ୍ଥିରୀକୃତ ହୋଇଛି। ସମସ୍ତ ବିସ୍ଥାପିତଙ୍କ ପାଇଁ ସରକାରଙ୍କ ନିୟମାନୁସାରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ କରି ସମସ୍ତଙ୍କୁ ଗୃହ ଯୋଗାଇ ଦିଆଯିବ। ଉକ୍ତ ସୁବିଧା ଯୋଗାଇବା ପାଇଁ ମୁରୁଗାଘୁଟୁ ଗ୍ରାମସ୍ଥିତ ଖେଳପଡ଼ିଆରେ ଆସନ୍ତା ୧୧ ତାରିଖରେ ଏକ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ବିବୃତ୍ତିନାମାକୁ ପୁରୁଣାପାଣି ଗ୍ରାମପଞ୍ଚାୟତର ଗ୍ରାମବାସୀଙ୍କୁ ଶୁଣାଇବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଜିର ଧାରଣାରେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, ପୂର୍ବତନ ସାଂସଦ ଯଶୋବନ୍ତ ନାରାୟଣ ଲାଗୁରୀ, ପିସିସି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତି ପ୍ରମୁଖ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।



# ସମ୍ପାଦକୀୟ



ଜୀବନ ଠିକ୍ ସାଇକଲ୍ ଚାଳନା ପରି । ସମତୁଲତା ରକ୍ଷା କରିବାକୁ ହେଲେ ଏହା ନିରନ୍ତର ଚାଲିବା ଜରୁରୀ ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ଅପେକ୍ଷାର ଅନ୍ତ

ଆମ ଦେଶ କ୍ରୀଡ଼ା ପରିବାରର. ଅଂଶବିଶେଷ ନୁହେଁ କ୍ରିକେଟ୍, ଅଥଚ ଲୋକପ୍ରିୟତାର ଶୀର୍ଷରେ ଅଛି । ବ୍ରିଟିଶ ଉପନିବେଶରୁ ଆରମ୍ଭ ହୋଇଥିବା କ୍ରିକେଟ ଖେଳର ଏହି ଜୟଯାତ୍ରା କେବଳ ସମ୍ଭ୍ରାନ୍ତ ଓ ଉଚ୍ଚବର୍ଗ ମଧ୍ୟରେ ସୀମିତ ଥିଲା । କ୍ରମେ ଏହି କ୍ରିକେଟ ଖେଳ ସହ ପ୍ରାୟୋଜକ ଓ ବିଜ୍ଞାପନଦାତା ଯୋଡ଼ି ହୋଇଯିବାରୁ ବିପୁଳ ଉପାର୍ଜନର ମାଧ୍ୟମ ହୋଇଗଲା । ତେଣିକି କ୍ରିକେଟ୍ ସଂଗଠନ ଯେମିତି ବିପୁଳ ସମ୍ବଳର ଅଧିକାରୀ ହେଲା ସେହିଭଳି କ୍ରିକେଟରଙ୍କ ଉପାର୍ଜନ ମଧ୍ୟ ବେଶ୍ ଆଖିଦୃଶିଆ ହୋଇଗଲା । ଦେଶର ସବୁ କ୍ରୀଡ଼ାକୁ ପଛରେ ପକାଇ କ୍ରିକେଟ ଏବେ ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି ବିଦ୍ୟମାନ । କ୍ରିକେଟକୁ କ୍ୟାରିୟର କରିବା ସକାଶେ ଯୁବଗର୍ବ ମଧ୍ୟରେ ଅପୂର୍ବ ଉତ୍କଣ୍ଠା ପରିଲକ୍ଷିତ ହୋଇଛି । କ୍ରିକେଟ୍‌ପ୍ରେମୀ ତଥା ଦର୍ଶକଙ୍କୁ ସୀମିତ ସମୟ ମଧ୍ୟରେ ଭରପୂର ଆନନ୍ଦ ଦେବାକୁ ସକ୍ଷମ ହୋଇଥିବା ଟି-୨୦ ଅନ୍ୟ ଦୁଇଟି ଫର୍ମାଟଠାରୁ ଅଧିକ ଲୋକପ୍ରିୟତା ହାସଲ କରିଛି । ସେହି ଫର୍ମାଟକୁ କେନ୍ଦ୍ର କରି ଆରମ୍ଭ ହୋଇଥିବା ଆଇପିଏଲ୍ ସମୟକ୍ରମେ ଟାଟା ଆଇପିଏଲ୍‌ର ମାନ୍ୟତା ପାଇଛି । ଦେଶ ବିଦେଶର ଖେଳାଳିଙ୍କୁ ନେଇ ଏହି ଆଇପିଏଲ ଟୁର୍ଣ୍ଣାମେଣ୍ଟ କ୍ରିକେଟ ମହାକୁମ୍ଭରେ ପରିଣତ ହୋଇଛି । ଶୈଶବରୁ ଯୌବନରେ ଉପନୀତ ହୋଇଥିବା ୧୮ ବର୍ଷର ଏହି ଆଇପିଏଲରେ ପ୍ରଥମଥର ଚମ୍ପିଆନ ହୋଇଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)ର ସବୁଠାରୁ ଲୋକପ୍ରିୟ କ୍ରିକେଟ ତାରକା ବିରାଟ କୋହଲିଙ୍କ ପାଇଁ ବହୁ ପ୍ରତୀକ୍ଷିତ ସ୍ୱପ୍ନ ସାକାର ହୋଇଛି । ମୋଟାରାସ୍ଥିତ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଏହି ଉତ୍ସବମୁଖର ମୁହୂର୍ତ୍ତକୁ ଅପରେସନ୍ ସିନ୍ଦୂରର ସଫଳତା ଉଦ୍ଦେଶ୍ୟରେ ଉତ୍ସର୍ଗ କଲା ଭଳି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସତେଯେପରି ମନେ ହେଲା, ଏହା ଥିଲା ଯୁଦ୍ଧର ବିଜୟ ବାର୍ତ୍ତା ।

ଉଭୟ କ୍ରିକେଟପ୍ରେମୀ ଓ କ୍ରିକେଟରଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆଇପିଏଲ । ବିଶ୍ୱର ସୁଦକ୍ଷ ଓ ଲୋକପ୍ରିୟ କ୍ରିକେଟର ଆଇପିଏଲରେ ଅଂଶଗ୍ରହଣ କରୁଥିବାରୁ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ଦେଖିବାର ଆକର୍ଷଣ ତ ନିଶ୍ଚୟ ରହିବ । ଏହାଛଡ଼ା ଦେଶର ବହୁ ଯୁବ ପ୍ରତିଭାଙ୍କ ପାଇଁ ଏହି ମଞ୍ଚ ଭବିଷ୍ୟତ ଗଢ଼ିବାର. ସୁଯୋଗ ସୃଷ୍ଟି କରୁଥିବାରୁ ସେଥିରେ ଅଂଶଗ୍ରହଣ କରିବା ନିଶାରେ ଦେଶବ୍ୟାପୀ ପ୍ରସ୍ତୁତି ଚାଲିଛି ବର୍ଷତମାମ୍ । କାରଣ ଏହି ମଞ୍ଚ ବିପୁଳ ଉପାର୍ଜନର ସୁଯୋଗ ସୃଷ୍ଟି କରିଥିବା ବେଳେ ଜାତୀୟ ଦଳରେ ସ୍ଥାନ ପାଇବାର ଆଶାକୁ ଉଜ୍ଜୀବିତ କରିଆସିଛି । ଚୟନକର୍ତ୍ତା କ୍ରିକେଟ୍‌ର ଅନ୍ୟ ଫର୍ମାଟ୍ ଅପେକ୍ଷା ଆଇପିଏଲ୍ ମଞ୍ଚକୁ ଅଧିକ ଗୁରୁତ୍ୱ ଦେଉଥିବା ପରିଲକ୍ଷିତ ହୋଇଛି । ତେଣୁ ଅଭିଜ୍ଞତାରେ ନିପୁଣ ହୋଇ ନଥିଲେ ମଧ୍ୟ ଯୁବପ୍ରତିଭା ଉଚ୍ଚମାନର ପ୍ରଶିକ୍ଷଣ ପାଇ ଆଇପିଏଲ୍‌ରେ ଦକ୍ଷତା ପ୍ରତିପାଦନ କରିପାରୁଛନ୍ତି । । ଏକଥା ସତ ଯେ ଜାତୀୟ ଦଳ ଗଠନ ବେଳେ ଯେଉଁ ଆଞ୍ଚଳିକ ଭିତ୍ତିରେ ଖେଳାଳି ମନୋନୟନ କରାଯାଉଥିଲା ତାହା ଏବେ ଗୁରୁତ୍ୱ ହରାଇଛି । ଏବେ ଅଧିକରୁ ଅଧିକ ସୁଯୋଗ୍ୟ ଓ ସୁଦକ୍ଷ ଯୁବ ପ୍ରତିଭା ଦଳରେ ସ୍ଥାନ ପାଉଛନ୍ତି ।

ଆଇପିଏଲ୍ ଆରମ୍ଭରୁ ଦୀର୍ଘ ୧୮ ବର୍ଷ ଧରି ଆରସିବି ସହ ଯୋଡ଼ି ହୋଇ ରହିଛନ୍ତି କିଙ୍ଗ କୋହଲି । ସେ ଆନୁଷ୍ଠାନିକ ନେତୃତ୍ୱ ନେଉ ନଥିଲେ ମଧ୍ୟ ଦଳ ଗଢ଼ିବା ଓ ସଦସ୍ୟଙ୍କୁ ଭାବଗତ ଐକ୍ୟରେ ବାନ୍ଧି ରଖି ଆସିଛନ୍ତି । ଜଣେ ଚମ୍ପିଆନ୍ ଖେଳାଳିର ମନ ଭିତରେ ଚମ୍ପିଆନ୍ ହେବାର ସ୍ୱପ୍ନ ସବୁସମୟରେ ଘର କରି ରହିଥିବ । ସେଥି ସକାଶେ ସେ କ୍ରମାଗତ ଭାବେ ଲଢ଼ି ଚାଲିଥିବ । ତଥାପି ସ୍ୱପ୍ନ ସାକାର ହୁଏନି । ତେଣୁ ଦଳକୁ ତିନିଥର ଫାଇନାଲ୍‌ରେ ପହଞ୍ଚାଇଥିଲେ ମଧ୍ୟ ତାଙ୍କ ଦଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି । ୧୮ ନମ୍ବର ଜର୍ସି ପିନ୍ଧୁଥିବା ବିରାଟଙ୍କ ପାଇଁ ସତେଯେପରି ୧୮ ତମ ଆଇପିଏଲ ଅପେକ୍ଷା କରିଥିଲା ଚମ୍ପିଆନ ମୁକୁଟ ପିନ୍ଧିବା ସକାଶେ । ଷ୍ଟାଡିୟମରେ ଉପସ୍ଥିତ ଥିବା ଦର୍ଶକଙ୍କୁ ଛଳ ଛଳ ଆଖିରେ ବିରାଟ ଅଭିବାଦନ ଜଣାଉଥିବାର ମୁହୂର୍ତ୍ତ ସମସ୍ତଙ୍କୁ ଭାବବିହ୍ୱଳ କରିପକାଇଥିଲା ।

ଅନ୍ୟପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ ଦଳ ପଞ୍ଜାବ କିଙ୍ଗସ୍‌ର ଅଧିନାୟକ ଶ୍ରେୟସ ଆୟାର. ଦ୍ୱିତୀୟ ଯୋଗ୍ୟତା ହାସଲ ମ୍ୟାଚରେ ସବୁଠାରୁ ଶକ୍ତିଶାଳୀ ଦଳ ମୁମ୍ବାଇ ଇଣ୍ଡିଆନ୍‌କୁ ପରାଜିତ କରିବା ପରେ ସ୍ୱାଭାବିକ ଭାବେ ତାଙ୍କ ଦଳ ଚମ୍ପିଆନ୍ ହେବାର ସ୍ୱପ୍ନ ଦେଖିଥିବେ । ହେଲେ ସବୁ ସ୍ୱପ୍ନ ସତ ହୁଏନି । ବିଜୟଠାରୁ ମାତ୍ର ୬ ରନ୍ ପଛରେ ରହି ପଞ୍ଜାବ କିଙ୍ଗ୍‌ସ ପରାଜିତ ହେଲା । ପଞ୍ଜାବ କିଙ୍ଗସ୍ ସକାଶେ ଏହାଥିଲା ଦ୍ୱିତୀୟ ରନର୍ସଅପ । ଏଠାରେ ଉଲ୍ଲେଖ କରାଯାଇପାରେ କି ଶ୍ରେୟସ୍‌ଙ୍କ ନେତୃତ୍ୱର ଚମକ୍ ନିଶ୍ଚୟ ସମସ୍ତେ ଅନୁଭବ କରିଥିବେ । ଗତବର୍ଷ କଲିକତା ନାଇଟ୍ ରାଇଡର୍ସକୁ ଚମ୍ପିଆନ୍ କରିବା ପରେ ମଧ୍ୟ ସେ ଦଳରେ ରହିପାରିଲେ ନାହିଁ । ଏହା ପୂର୍ବରୁ ଦିଲ୍ଲୀଦଳକୁ ମଧ୍ୟ ଠିକଣା ନେତୃତ୍ୱ ଦେଇ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହାଛଡ଼ା ସେ ନିଜେ ମଧ୍ୟ ଭଲ ଫର୍ମରେ ଅଛନ୍ତି । ଏତେ ସବୁ ଦକ୍ଷତା ଓ ଯୋଗ୍ୟତା ସତ୍ତ୍ୱେ ଇଂଲଣ୍ଡ ସହ ଟେଷ୍ଟ ସିରିଜ୍ ଖେଳିବାକୁ ଯାଇଥିବା ଯୁବ ଦଳରେ ତାଙ୍କୁ ସ୍ଥାନ ମିଳିନି । ଫାଇନାଲ ମ୍ୟାଚରେ ମାତ୍ର ୧ ରନ୍ କରିଥିବା ବେଳେ ରୋମାରିଓଙ୍କ ବଲରେ ଅତି ଦୁର୍ଭାଗ୍ୟଜନକ ପରିସ୍ଥିତିରେ ସେ ୱିକେଟକିପର୍‌ଙ୍କୁ କ୍ୟାଚ୍ ଦେଇଥିଲେ । କ୍ରୁନାଲ୍ ପାଣ୍ଡ୍ୟାଙ୍କ ଚକ୍ରବ୍ୟୂହରେ ଫସି ୯୮ ରନ୍‌ରେ ପଞ୍ଜାବ ୪ ଉଇକେଟ ହରାଇ ଥିଲା । ଏସବୁ ସତ୍ତ୍ୱେ ନିର୍ଣ୍ଣାୟକ ଥିଲା ଶ୍ରେୟସ୍ ଆୟରଙ୍କ ୱିକେଟ୍ । ପରିସ୍ଥିତି ଏପରି ହେଲା ଯେ ଲଢ଼େଇ କରିବା ପାଇଁ ସୁଶାନ୍ତ ସିଂହ ସହ ଜଣେ ଯୋଗ୍ୟ ଯୋଡ଼ିଦାର ରହିଲେନି । ତାଙ୍କର ଅପରାଜିତ. ୬୧ ରନ ବ୍ୟର୍ଥ ହୋଇଥିଲା । ୧୯୧ ରନର ଲକ୍ଷ୍ୟଠାରୁ ଦଳ ୬ ରନ ପଛରେ ରହିଗଲା ।

ଚଳିତ ଆଇପିଏଲ ଋତୁରେ ଯେଉଁ ଦୁଇ ଦଳ ଫାଇନାଲରେ ପହଞ୍ଚିଥିଲେ ସେମାନଙ୍କ ମଧ୍ୟରୁ ଯିଏ ବି ବିଜୟୀ ହେଉ ସିଏ ହିଁ ପ୍ରଥମ ଥର ଚମ୍ପିଆନ ହୋଇଥା'ନ୍ତା । ତେଣୁ ଆର୍‌ସିବି ଓ ପଞ୍ଜାବ କିଙ୍ଗସ୍ ସମର୍ଥନରେ ଖେଳପ୍ରେମୀ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲେ । ସର୍ବୋପରି ବିରାଟ କୋହଲିଙ୍କ ପ୍ରତି ଥିବା ବିପୁଳ ସମର୍ଥନ ଖେଳ ଚାଲିଥିବା ବେଳେ ସ୍ପଷ୍ଟ ବାରିହୋଇ ପଡ଼ିଥିଲା । ତଥାପି ବିରାଟଙ୍କ ଭଳି ଦକ୍ଷ ଓ ଯୋଗ୍ୟ ଖେଳାଳିଙ୍କୁ ଚମ୍ପିଆନ ହେବା ସକାଶେ ୧୮ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା । ତାଙ୍କ ସହ ବିଶ୍ୱର ବହୁ ଖ୍ୟାତନାମା କ୍ରିକେଟର ସହଯୋଗୀ ଥିଲେ ମଧ୍ୟ ବିଜୟ ଦ୍ୱାରଦେଶରୁ ଆରସିବିକୁ ବାରମ୍ବାର ଫେରିବାକୁ ପଡ଼ିଥିଲା । ଏଥିରୁ ସ୍ପଷ୍ଟ ଯେ କ୍ରିକେଟ ମ୍ୟାଚର ଫଳାଫଳ କେତେ ଅନିଶ୍ଚିତ ।

## ପରିବେଶ ସୁରକ୍ଷାରେ ଜନସହଭାଗିତା

ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ

କୌଣସି ଗୋଟିଏ ଜିନିଷ ଉଦ୍‌ଭାବିତ ହେଲେ ତା'ର ସକାରାତ୍ମକ ଦିଗଟି ପ୍ରତି ଆକୃଷ୍ଟ ହୋଇ ଆମେ ଦୈନନ୍ଦିନ ଜୀବନରେ ତା'ସହିତ ଏତେ ଅଭ୍ୟସ୍ତ ହୋଇଯାଉ ଯେ ପରବର୍ତ୍ତୀ ସମୟରେ ତା'ର ନକାରାତ୍ମକ ପ୍ରଭାବକୁ ଅଣଦେଖା କରୁ । ପ୍ଲାଷ୍ଟିକ ସେହିପରି ଗୋଟିଏ ପଦାର୍ଥ । ୧୯୦୭ ମସିହାରେ ବେଲଜିୟମର ରସାୟନବିତ ଲିଓ ବେକଲାଣ୍ଡ ପ୍ଲାଷ୍ଟିକର ରସାୟନିକ ଉପାୟରେ ପ୍ରସ୍ତୁତି ଉପରେ ସ୍ୱତ୍ତ୍ୱାଧିକାର ହାସଲ କରିଥିଲେ । ଦୁଇଟି ରସାୟନିକ ଉପାଦାନ- ଫରମାଲଡିହାଇଡ ଓ ଫିନଲର ମିଶ୍ରଣକୁ ଉପଯୁକ୍ତ ତାପ ଓ ଚାପ ଦେଇ ସେ ପ୍ଲାଷ୍ଟିକର ଉଦ୍‌ଭାବନ କରିଥିଲେ । ସମୟକ୍ରମେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଯଥା- ପଲିଇଥିଲିନ ଟେରେପଥାଲେଟ (ପେଟ୍), ହାଇ ଡେନ୍‌ସିଟି ପଲିଇଥିଲିନ, ପଲି ଭିନାଇଲ କ୍ଲୋରାଇଡ୍ (ପିଭିସି), ଲୋ- ଡେନ୍‌ସିଟି ପଲିଇଥିଲିନ, ପଲିପ୍ରପିଲିନ୍, ପଲିଷ୍ଟାଇରିଲ ଇତ୍ୟାଦି ଉଦ୍ଭାବନ ହେଲା । ସେ ସବୁ ଏବେ ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଜିନିଷଠୁ ଆରମ୍ଭ କରି ଉଡ଼ାଜାହାଜ ପର୍ଯ୍ୟନ୍ତ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି । ପ୍ଲାଷ୍ଟିକ ବିନା ଆଜିର ଜୀବନଶୈଳୀ ଏକପ୍ରକାର ଅସମ୍ଭବ ହୋଇପଡ଼ିଛି । ପୁଣି ସେହି ପ୍ଲାଷ୍ଟିକର ବହୁଳ ବ୍ୟବହାର ଆଜି ମଣିଷ ସମାଜ ଆଗରେ 'ପ୍ଲାଷ୍ଟିକ୍ ପ୍ରଦୂଷଣ' ଭଳି ବଡ଼ ସମସ୍ୟା ସୃଷ୍ଟି କରିଛି ।

ଆମେ ଆମର ଆଧୁନିକ ଜୀବନ ଶୈଳୀରେ ଗୋଟିଏ ସଂସ୍କୃତି ତିଆରି କରି ସାରିଛୁ । ତାହା ହେଲା- 'ବ୍ୟବହାର କରିବା ଓ ଫୋପାଡ଼ିବା(ୟୁଜ୍ ଆଣ୍ଡ ଥ୍ରୋ), ଯାହାକି ପ୍ରଦୂଷଣର ପ୍ରମୁଖ କାରଣ । ପ୍ଲାଷ୍ଟିକ ଜାତ ବିଭିନ୍ନ ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ଫୋପାଡ଼ି ଦେଇଥାଉ, ଯାହାର ପ୍ରାକୃତିକ ବିଘଟନ ପାଇଁ ପ୍ରାୟ ହଜାରେ ବର୍ଷ ଲାଗିଥାଏ । ଏଥିଯୋଗୁଁ ସହର-ବଜାର, ଗାଁ ଦାଣ୍ଡ, ନଦୀ, ସମୁଦ୍ର ଏମିତିକି ପାହାଡ଼, ଜଙ୍ଗଲ ଚାରିଆଡ଼େ ପ୍ଲାଷ୍ଟିକ ପ୍ରଦୂଷଣ ବଡ଼ ସମସ୍ୟା ହୋଇ ଉଭା ହେଲାଣି । ଏହାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଶ୍ୱର ବିଭିନ୍ନ ମଞ୍ଚରେ ଆଲୋଚନା ହେଉଛି ।

ପ୍ରତିବର୍ଷ ପାଖାପାଖି ୪୦୦ ଅୟୁତ ଟନ ପ୍ଲାଷ୍ଟିକ ଉତ୍ପାଦନ ହୁଏ ଏବଂ ସେଥିରୁ ପ୍ରାୟ ଅଧା କେବଳ ଥରେ ବ୍ୟବହାର ହେଉଥିବା ସାମଗ୍ରୀ । ତା'ର ୧୦ ପ୍ରତିଶତରୁ କମ ପୁନଃପ୍ରକ୍ରିୟାକରଣକୁ ଆସିଥାଏ ଏବଂ ପାଖାପାଖି ୧୯-୨୩ ଅୟୁତ ଟନ ପ୍ଲାଷ୍ଟିକ ପ୍ରତିବର୍ଷ ହ୍ରଦ, ନଦୀ ଓ ସମୁଦ୍ରରେ ପହଁଚେ । ଏମିତିକି ପାଣି, ପବନ ଓ ଖାଦ୍ୟ ମାଧ୍ୟମରେ ପ୍ଲାଷ୍ଟିକ କଣିକା ମଣିଷ ଶରୀରରେ ପ୍ରବେଶ କରୁଛି । ପ୍ରତିବର୍ଷ ଜଣେ ମଣିଷ ଶରୀରକୁ ହାରାହାରି ୫୦,୦୦୦ ପ୍ଲାଷ୍ଟିକ କଣିକା ପ୍ରବେଶ କରୁଥିବା ଜଣାପଡ଼ିଛି । ସାମୁଦ୍ରିକ ଜୀବଜନ୍ତୁ ଓ ଗାଇଗୋରୁ ଆଦି ପ୍ଲାଷ୍ଟିକକୁ ବାରି ନପାରି ଖାଦ୍ୟ ଭାବି ଖାଇ ଦେଇଥା'ନ୍ତି, ଯାହାକି ଅନେକ ସମୟରେ ସେମାନଙ୍କର ମୃତ୍ୟୁର କାରଣ ହୋଇଥାଏ । ହିମାଳୟ ଅଞ୍ଚଳରୁ ଯେତିକି ବର୍ଜ୍ୟବସ୍ତୁ ମିଳୁଛି, ତା'ର ୯୨.୭ ଶତକଡ଼ା ହେଉଛି ପ୍ଲାଷ୍ଟିକ, ଯେଉଁଥିରୁ ୭୨ ଶତକଡ଼ା ହେଉଛି ପୁନଃ ପ୍ରକ୍ରିୟାକରଣ ଅନୁପଯୋଗୀ ପ୍ଲାଷ୍ଟିକ । ଏହା ସେ ଅଞ୍ଚଳର ମୃତ୍ତିକା, ପାଣି ଓ ଜୈବ ବିବିଧତା ଉପରେ ନାନା ପ୍ରକାର କୁପ୍ରଭାବ ପକାଉଛି । ତେଣୁ ପରିବେଶର ସୁରକ୍ଷା ଓ ଧାରଣୀୟ ପ୍ରଗତି ପାଇଁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାହତ କରିବା ନିତାନ୍ତ ଜରୁରୀ ।

ପ୍ଲାଷ୍ଟିକ ପ୍ରଦୂଷଣରୁ ମୁକ୍ତି ପାଇଁ ସରକାର ବିଭିନ୍ନ ସମୟରେ ପ୍ଲାଷ୍ଟିକ ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଦେଶ ଜାରି କରୁଛନ୍ତି । ତାହା କିନ୍ତୁ ଫଳବତୀ ହେଉନାହିଁ । ତା'ର ମୁଖ୍ୟ କାରଣ ହେଲା ଜନସଚେତନତା ଓ ଜନସହଭାଗିତାର ଅଭାବ । ପରିବେଶ ସୁରକ୍ଷା ସମ୍ବନ୍ଧୀୟ କୌଣସି ବି କାର୍ଯ୍ୟକ୍ରମ କେବେ ବି ଜନସମର୍ଥନ, ଜନସହଭାଗିତା ଓ ଜନସଚେତନତା ବିନା ସଫଳ ହୋଇନଥାଏ । ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ପାଇଁ ମଧ୍ୟ ବିଭିନ୍ନ ସରକାରୀ ପଦକ୍ଷେପ ସହିତ ସାଧାରଣ ଜନତା ଯଦି ଦୈନନ୍ଦିନ ଜୀବନଶୈଳୀରେ କିଛି ପରିବର୍ତ୍ତନ ଆଣିବେ, ତା'ହେଲେ ନିଶ୍ଚିତ ଭାବରେ ଏହାର କୁପ୍ରଭାବକୁ ରୋକା ଯାଇପାରିବ । 'ବ୍ୟବହାର କରିବା ଓ ଫୋପାଡ଼ିବା' ଜୀବନଶୈଳୀ ପରିବର୍ତ୍ତେ 'କମାଇବା ଓ ପୁନଃବ୍ୟବହାର କରିବା, ପୁନଃ ପ୍ରକ୍ରିୟାକରଣ କରିବା' ଜୀବନଶୈଳୀକୁ ଗୁରୁତ୍ୱ ଦେବାକୁ ପଡ଼ିବ ।

ପ୍ଲାଷ୍ଟିକ ପ୍ରଦୂଷଣ କଥା ଆସିଲେ ଆମ ମନରେ ସ୍ୱତଃ ଆସିଯାଏ ଯେ ଏହା ଏକ ସହରାଞ୍ଚଳ ସମସ୍ୟା । କିନ୍ତୁ ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଗ୍ରାମାଞ୍ଚଳ ମଧ୍ୟ ଆଜି ପ୍ଲାଷ୍ଟିକ ପ୍ରଦୂଷଣରେ ପଛୁଆ ନାହିଁ । ପରିବର୍ତ୍ତିତ ଜୀବନଶୈଳୀର ପ୍ରଭାବ ଗ୍ରାମାଞ୍ଚଳରେ ବହୁମାତ୍ରାରେ ପରିଲକ୍ଷିତ ହେଉଛି, ଯାହାକି ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ କାରଣ ହୋଇଛି । ଆଗରୁ ଗାଁ ମାନଙ୍କରେ ଭୋଜିଭାତ ହେଲେ କଦଳୀ ପତ୍ର ବା ଶାଳପତ୍ରରେ ଖାଦ୍ୟ ପରଷା ଯାଉଥିଲା । ପଙ୍ଗତରେ ବସି ଖାଇଲା ବେଳେ କାହାର ଯଦି ପାଣି ପିଇବା ଦରକାର ହେଲା, ଜଣେ ଲୋକ ବୁଲି ବୁଲି ଲୋଟା କିମ୍ବା ଗ୍ଲାସରେ ପାଣି ନେଇ ସେ ଲୋକର ପାଟିରେ ଢାଳି ଦେଉଥିଲା । ଏ ଅଭ୍ୟାସ ଦ୍ୱାରା ଗୋଟିଏ ଭୋଜି ଭାତ ପରେ ଯାହାବି ବର୍ଜ୍ୟବସ୍ତୁ ବାହାରୁଥିଲା, ତାହା ପ୍ରାକୃତିକ ଉପାୟରେ ବିଘଟିତ ହୋଇ ପ୍ରଦୂଷଣର ସମସ୍ୟା ସୃଷ୍ଟି କରୁ ନଥିଲା । କିନ୍ତୁ ଏବର ଗାଁରେ ଭୋଜିଭାତର ବ୍ୟବସ୍ଥାକୁ ଥରେ ଅନୁଧ୍ୟାନ କରନ୍ତୁ । ଆଗର ପରିବେଶର ସମ୍ପୂର୍ଣ୍ଣ ଓଲଟା । କଦଳୀ ଗଛ ଥିଲେ ମଧ୍ୟ ପତ୍ର କଟା ଯାଉନାହିଁ । ସମସ୍ତେ ଥର୍ମକୋଲର ଥାଳି ଓ ବାଟି, ନଚେତ କାର୍ଡବୋର୍ଡରେ ତିଆରି ଥାଳି, ଯାହା କଦଳୀ ପତ୍ର ନଚେତ ଅନ୍ୟ କୌଣସି ପତ୍ରର ଭ୍ରମ ସୃଷ୍ଟି କରେ ଏବଂ ସେଥିରେ ପ୍ଲାଷ୍ଟିକର ଏକ ସୂକ୍ଷ୍ମ ଆବରଣ ରହିଥାଏ, ତାହାର ବହୁଳ ବ୍ୟବହାରରେ ବେଶ ଅଭ୍ୟସ୍ତ ହୋଇଗଲେଣି । ଯଦିବା ଶାଳପତ୍ର ବ୍ୟବହାର ହେଉଛି, ତାହାର ପରିମାଣ ବହୁତ କମ୍ । ଶାଳପତ୍ରରୁ ଯେଉଁ ଥାଳି ଓ ବାଟି ତିଆରି ହେଉଛି, ସେଥିରେ ଏକ ସୂକ୍ଷ୍ମ ଓ ବହୁତ ପତଳା ପ୍ଲାଷ୍ଟିକର ଆବରଣ ଦିଆଯାଇଛି । ପାଣି ପିଇବା ଲାଗି ପ୍ଲାଷ୍ଟିକ ଗ୍ଲାସର ବହୁଳ ବ୍ୟବହାର ହେଉଛି, ନଚେତ ପ୍ଲାଷ୍ଟିକର ପାଣି ପାଉଚ, ଯେଉଁଥିରେ ପାଣିର ମାନ କାହାକୁ ବି ଅଜଣା, ବ୍ୟବହାର ହେଉଛି ।

ଏ ବ୍ୟବସ୍ଥା ଦ୍ୱାରା ଗୋଟିଏ ଭୋଜିଭାତ ପରେ ବହୁଳ ମାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବାହାରୁଛି । ତା' ସହିତ ଦୈନନ୍ଦିନ ବ୍ୟବହାର ହେଉଥିବା ବିଭିନ୍ନ ବସ୍ତୁର ଖୋଳ, ତେଲ ପ୍ୟାକେଟ, କ୍ଷୀର ପ୍ୟାକେଟ ଇତ୍ୟାଦି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ମାତ୍ରାକୁ ଦ୍ୱିଗୁଣିତ କରୁଛି । ତେଣୁ ଏବେ ଯେକୌଣସି ନିପଟ ମଫସଲକୁ ଗଲେ ମଧ୍ୟ ଗାଁ ଦାଣ୍ଡରେ କୁଡ଼ କୁଡ଼ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସବୁ ଦେଖିବାକୁ ମିଳୁଛି । ସହରରେ କିଛି ବି ହେଲେ ପ୍ଲାଷ୍ଟିକ ପ୍ରକ୍ରିୟାକରଣର ବ୍ୟବସ୍ଥା ବା ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଛି । କିନ୍ତୁ ଗ୍ରାମାଞ୍ଚଳରେ ସେଭଳି ବ୍ୟବସ୍ଥା ନାହିଁ, ଯାହା ଫଳରେ ବର୍ଜ୍ୟପ୍ଲାଷ୍ଟିକ ସବୁ ଗ୍ରାମାଞ୍ଚଳର ପରିବେଶକୁ ପ୍ରଦୂଷିତ କରିବା ସହିତ ନଦୀ-ନାଳରେ ମିଶି ପରୋକ୍ଷ ଭାବରେ ସହରାଞ୍ଚଳର ପରିବେଶକୁ ମଧ୍ୟ ପ୍ରଭାବିତ କରୁଛି । ତେଣୁ ପ୍ଲାଷ୍ଟିକ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ଯେତିକି ବ୍ୟବସ୍ଥା ଓ ଜନସଚେତନତା ସହରାଞ୍ଚଳ ପାଇଁ ଆବଶ୍ୟକ ସେତିକି କାର୍ଯ୍ୟକ୍ରମ ମଧ୍ୟ ଗ୍ରାମାଞ୍ଚଳ ଲାଗି ଦରକାର । ଏଥିସହିତ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁର ସଠିକ ସଂଗ୍ରହ ଓ ତା'ର ପରିଚାଳନା ଦିଗରେ ପୌରପାଳିକା, ପଞ୍ଚାୟତ ତଥା ଅନ୍ୟ ସଂସ୍ଥାମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମର ଛୋଟ ଛୋଟ ପଦକ୍ଷେପ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆଣି ପାରିବ । ସବୁଥିରେ ସରକାରଙ୍କୁ ଦୋଷ ନଦେଇ ଆମ ଦ୍ୱାରା ଯେତିକି ସମ୍ଭବ କରିବା ଏବଂ ସହଯୋଗର ହାତ ବଢ଼ାଇବା ।

ପରିଶେଷରେ ଏତିକି କହିହେବ ଯେ ପ୍ଲାଷ୍ଟିକ ପ୍ରଦୂଷଣର ନିରାକରଣ ଲାଗି ସବୁବେଳେ ସରକାର କିମ୍ବା ସରକାରୀ ବ୍ୟବସ୍ଥାକୁ ଦାୟୀ କଲେ ସମାଧାନ ହେବ ନାହିଁ । ଆମେ ଆମର ବ୍ୟକ୍ତିଗତ ସ୍ତରରେ ସେ ଦିଗରେକେତେ ସଜାଗ- ତା'ର ଏକ ଆତ୍ମସମୀକ୍ଷା କରିବା ଦରକାର । ସରକାର ନାଳ ସବୁ ତିଆରି କରନ୍ତି ଜଳର ନିଷ୍କାସନ ପାଇଁ । କିନ୍ତୁ ଆମେ ଯଦି ସେଥିରେ ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ ଫୋପାଡ଼ିବା, ତାହା ଜଳ ନିଷ୍କାସନରେ ଅବରୋଧ ସୃଷ୍ଟି କରିବ । ତେଣୁ ଆମର ଚିନ୍ତା, ଚେତନା ଓ ଚଳଣିରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ପ୍ଲାଷ୍ଟିକ ପ୍ରଦୂଷଣ ପରି ଅନ୍ୟ ଯେକୌଣସି ପରିବେଶ ଜନିତ ସମସ୍ୟାର ସମାଧାନ ଲାଗି ଜନସଚେତନତା ଓ ଜନସହଭାଗିତା ଏକାନ୍ତ ଜରୁରୀ । ଆମକୁ ବଦଳଳିବାକୁ ପଡ଼ିବ ବଞ୍ଚିବା ଲାଗି । ଅନ୍ୟଥା ପ୍ଲାଷ୍ଟିକ ପ୍ରଦୂଷଣ ସମସ୍ୟା ଯେ ଆଗାମୀ ଦିନରେ ବିକଟାଳ ରୂପ ନେଇ ମଣିଷ ସମାଜ ଏବଂ ଜୀବଜଗତର ସ୍ଥିତି ଓ ପ୍ରଗତି ଲାଗି ଏକ ବହୁତ ବଡ଼ ପ୍ରତିବନ୍ଧକ ନହେବ - ଏ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

(ଫକୀର ମୋହନ ବିଶ୍ୱବିଦ୍ୟାଳୟ)
ବାଲେଶ୍ୱର, ମୋ: ୯୪୩୭୪୩୫୭୬୪

## ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା

ରମେଶ ଚନ୍ଦ୍ର ସାହୁ

ଆଜି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ଯାଏଁ ଶିକ୍ଷାନୁଷ୍ଠାନ ବୃଦ୍ଧି ପାଇଛି । ଭିତ୍ତିଭୂମିର ଯଥେଷ୍ଟ ବିକାଶ ଘଟିଛି । ଜାତୀୟ ଶିକ୍ଷାନୀତି-୨୦୨୦ ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛି । ସୂଚନା, ଯୋଗାଯୋଗ, ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଜ୍ଞାନ କ୍ଷେତ୍ରରେ ଦ୍ରୁତବିକାଶ ସମଗ୍ର ବିଶ୍ୱକୁ ନିକଟତର କରିପାରିଛି । କିନ୍ତୁ ସାଂସ୍କୃତିକ, ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ସମଗ୍ର ପୃଥିବୀ ଅଶାନ୍ତ ହୋଇଯାଉଛି । ବିଶୃଙ୍ଖଳିତ ଆଚରଣ କ୍ରମାଗତ ବୃଦ୍ଧି ପାଉଛି । ସଂକୀର୍ଣ୍ଣତା, ଚରିତ୍ରହୀନ, ଅସାମାଜିକ, ନିର୍ଦ୍ଦୟ, ହିଂସା, ପରଶ୍ରୀକାତରତା ଆଦି ଅନେକ ଅମଣିଷପଣିଆ ଜନ୍ମ ନେଉଛି । ଶିକ୍ଷା ଶୃଙ୍ଖଳା ଜ୍ଞାନ ଶିଖାଉନି । ମଣିଷକୁ ସ୍ୱାବଲମ୍ବୀ କରାଉନାହିଁ । ଗୁରୁଜନଙ୍କ ପ୍ରତି ସମ୍ମାନ ନାହିଁ ଓ ଲଘୁଜନଙ୍କ ପ୍ରତି ଆଦର ନାହିଁ । ଶିକ୍ଷାର ଢାଞ୍ଚା, ଶିକ୍ଷଣ ପ୍ରକ୍ରିୟାର ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ଶିକ୍ଷାର୍ଥୀଙ୍କ ପାଖରେ ସୁସ୍ଥ ସମାଜ ଗଠନର ମାନସିକତା ସୃଷ୍ଟି କରାଯାଇପାରୁନାହିଁ । ଏଥିରୁ ଆମେ ସ୍ପଷ୍ଟ ଯେ ଆମର ଶିକ୍ଷା ବ୍ୟବସ୍ଥା ମାନବିକ ମୂଲ୍ୟବୋଧ ପ୍ରଦାନ ପାଇଁ ଅସମର୍ଥ ।

ଶିକ୍ଷାର ଅବକ୍ଷୟକୁ ନେଇ ସମସ୍ତେ ଚିନ୍ତିତ ଏବଂ ଆମ ସମସ୍ତଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ । ଏହାର ନିରାକରଣ ପାଇଁ ପାଠ୍ୟପୁସ୍ତକରେ ନୂଆ କରି ମୂଲ୍ୟବୋଧ ଶିକ୍ଷାକୁ ଯୋଡ଼ିବାକୁ ବିଭିନ୍ନ ସ୍ତରରେ ବିଚାରବିମର୍ଶ ଚାଲିଛି । କିନ୍ତୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେଉଁ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି ତାହା କେବଳ ରୋଜଗାର ସର୍ବସ୍ୱ ହେଉଛି । ଏଇଥି ପାଇଁ ତ ଅଭିଭାବକମାନେ ଭଲ ବିଦ୍ୟାଳୟରୁ ପାଠ କିଣିନେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କିଏ ବୁଝୁଛି ସୁଖୀ ଜୀବନଯାପନ ପାଇଁ ଧନ ନୁହେଁ, ଭଲ ମନଟେ ଦରକାର ବୋଲି ।

ଆଜିର ଶିକ୍ଷା ବ୍ୟବସ୍ଥାରେ ଅଧ୍ୟୟନ ଓ ଅଧ୍ୟାପନା ଭିତରେ ସମ୍ପର୍କ ରହୁନାହିଁ । ପଠନରେ ଆବେଗ ନାହିଁ । କେବଳ ମୁଖସ୍ତ କରି ଅଧିକ ନମ୍ବର ରଖିବାର ପ୍ରତିଯୋଗିତା ଚାଲିଛି । ଅଭିଭାବକଙ୍କ ଉଚ୍ଚ ଆକାଂକ୍ଷା ପାଇଁ ପିଲାର ଅନାଗ୍ରହ ସତ୍ତ୍ୱେ ତା'ଉପରେ ପାଠର ବୋଝ ଲଦି ଦିଆଯାଉଛି । ପିଲାଟି ପରୀକ୍ଷାରେ ପାଠ୍ୟ ବିଷୟବସ୍ତୁରୁ ଶତକଡ଼ା କେତେ ନମ୍ବର ରଖିଲା, ପ୍ରତିଯୋଗିତାରେ କେଉଁ ସ୍ଥାନରେ ରହିଲା ତା'କୁ ଗୁରୁତ୍ୱ ଦିଆଯାଉଛି । ଆମେ ଗର୍ବରେ ଛାତି ଫୁଲାଇ ଦେଉଛୁ । ଶିଶୁର ଭବିଷ୍ୟତରେ ସମ୍ଭାବ୍ୟ ସାମାଜିକ ଜୀବନରେ ଉପୁଜିବାକୁ ଥିବା ବିଭ୍ରାଟ ପ୍ରତି ଚିନ୍ତା କରୁନାହୁଁ । ରାତିଦିନ ପାଠ ପାଠ ହୋଇ ତା'ର ଶିଶୁ ସୁଲଭ ଗୁଣ ଏବଂ ଚିନ୍ତା, ଚେତନା, ସୃଜନଶକ୍ତି ଓ ଆଗ୍ରହକୁ ମାଡ଼ି ମକଚି ନଷ୍ଟ କରି ଦେଉଛୁ । ଶୈକ୍ଷିକ ଦିଗ ବ୍ୟତୀତ ଶିକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗଟିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛୁ । ବୁଝିପାରୁନୁ ନା ବୁଝି ଅବୁଝା ରହୁଛୁ ନା ଅନ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାମିଲ ହୋଇଯାଉଛୁ? ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପିଲାଟି ଯେତେବେଳେ ଅସାମାଜିକ ହୋଇଯାଏ, ସେତେବେଳେ ଅନୁତାପ କରୁଛୁ, ଭାଗ୍ୟକୁ ନିନ୍ଦୁଛୁ । ଭଲ ନମ୍ବର ଅପେକ୍ଷା ଭଲ ମଣିଷଟିଏ ବରଂ ହୋଇଥିଲେ ଭଲ ହୋଇଥା'ନ୍ତା ବୋଲି ସେତେବେଳେ ଭାବୁଛୁ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ, 'ଯେଉଁ ଶିକ୍ଷା ଚରିତ୍ର ଗଠନରେ ସହାୟକ ହୁଏ, ମନର ଶକ୍ତିକୁ ସମୃଦ୍ଧ କରାଏ, ବୁଦ୍ଧିମତ୍ତାକୁ ପ୍ରସାରିତ ଓ ଋଦ୍ଧିମନ୍ତ କରାଏ ଏବଂ ନିଜ ଗୋଡ଼ରେ ଠିଆ ହେବାର ସାହସ ଦିଏ ତାହା ହିଁ ପ୍ରକୃତ ଶିକ୍ଷା । ଯେଉଁ ଶିକ୍ଷା ଶିକ୍ଷାର୍ଥୀର ଅନ୍ତର୍ନିହିତ ଗୁଣର ସମୂହ ବିକାଶ ଓ ସୃଜନ ଶକ୍ତିର ବିକାଶର ପରିପନ୍ଥୀ ସେ ଶିକ୍ଷା ପ୍ରକୃତ ଶିକ୍ଷା ନୁହେଁ ।' ତେଣୁ ଯେଉଁ ଶିକ୍ଷା ନୈତିକ, ବୌଦ୍ଧିକ, ଆଧ୍ୟାତ୍ମିକ ଓ ଚରିତ୍ର ଗଠନରେ ସହାୟ ହେଉନି ତାହା ଅଶିକ୍ଷା ଅଟେ ।

ପଶୁପକ୍ଷୀମାନେ ମଧ୍ୟ ଉପଯୁକ୍ତ ଶିକ୍ଷା ଓ ତାଲିମ ଦ୍ୱାରା ସେମାନଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣିଥା'ନ୍ତି । ମୂଲ୍ୟବୋଧ ଶିକ୍ଷାର ଉଦ୍ଦେଶ୍ୟ ସମାଜର ହିତ ସାଧନ କରିବା । ଏହା ଏକ ନୈତିକ ମାନଦଣ୍ଡ, ଯାହାର ସାମ୍ପ୍ରତିକ ସମାଜରେ ଯଥେଷ୍ଟ ଆବଶ୍ୟକତା ରହିଛି । ଯେଉଁ ଶିକ୍ଷା ସବୁଶିକ୍ଷାର୍ଥୀଙ୍କ ମନରେ ଖେଳାଉଥିବ, ଧୈର୍ଯ୍ୟ ଓ ସାହସ ଦେଉଥିବ, ଶୃଙ୍ଖଳା ଶିଖାଉଥିବ, ସୁନାଗରିକ ଭାବେ ଗଢୁଥିବ, ଆତ୍ମନିର୍ଭରଶୀଳ ହେବାର ମାର୍ଗ ଦେଖାଉଥିବ, ନେତୃତ୍ୱ ନେବାକୁ ଉତ୍ସାହିତ କରୁଥିବ ତାହା ହିଁ ପ୍ରକୃତ ଶିକ୍ଷା । ଶିକ୍ଷାର ଉଦ୍ଦେଶ୍ୟ- ଉଚ୍ଚମନା, ସାହସୀ, ଆଚରଣସିଦ୍ଧ, ଉଚ୍ଚାରଣସିଦ୍ଧ, ନୀତିନିଷ୍ଠ, ସତ୍ୟନିଷ୍ଠ, ଶାନ୍ତ, ଧୈର୍ଯ୍ୟବାନ, ଆତ୍ମସଂଯମୀ, ସ୍ୱାଭିମାନୀ, ବିବେକବାନ, ଚରିତ୍ରବାନ କରି ଛାତ୍ରଛାତ୍ରୀଙ୍କୁ ଗଢ଼ିବା । ଶିକ୍ଷାର୍ଥୀମାନଙ୍କର ଅନ୍ତର୍ନିହିତ, ମାନସିକ, ବୌଦ୍ଧିକ ଗୁଣଗୁଡ଼ିକୁ ବିକଶିତ କରିବା ସହ ମାନବିକତାର ଗୁଣଗୁଡ଼ିକୁ ପ୍ରସ୍ଫୁଟିତ କରାଇ ସମାଜରେ ଆଦର୍ଶ ନାଗରିକ ଭାବେ ପ୍ରତିଷ୍ଠିତ କରାଉଥିବା ଶିକ୍ଷା ହିଁ ପ୍ରକୃତ ଶିକ୍ଷା ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ 'ମୋ ପୁଅର ଶିକ୍ଷକଙ୍କୁ ଚିଠିଟିଏ'ର କିୟଦଂଶ ଉଦ୍ଧାର କରିବା ଏଠାରେ ପ୍ରାସଙ୍ଗିକ ହେବ -

'ମହାଶୟ, ଯଦି ପାରିବ ତା'କୁ ଶିଖାନ୍ତୁ ଯେ, ବାଟରୁ ଗୋଟା ଯାଉଥିବା ପାଞ୍ଚଟଙ୍କା ଠାରୁ ଝାଳବୁହା ଟଙ୍କାକର ମୂଲ୍ୟ ଯଥେଷ୍ଟ ବେଶୀ... । ସେ ନିଜର କିଛି ହରାଇବାକୁ ଶିଖୁ, ଜିଣିବାର ଆନନ୍ଦକୁ ଉପଭୋଗ କରିବା ବି ଶିଖୁ । ଆପଣ ପାରିଲେ ତା'କୁ ଈର୍ଷାଠାରୁ ଦୂରେଇ ରଖିବେ । ତା'କୁ ଶିଖାଇବେ ନିରବ ହସର ରହସ୍ୟ । ଯଦିପାରିବେ ତା'କୁ ବହିଃଜଗତର ବିସ୍ମୟ ସହିତ ପରିଚିତ କରାଇଦେବେ । କିନ୍ତୁ ତା'କୁ କିଛି ଏକାନ୍ତ ସମୟ ବି ଦେବେ ଯେତେବେଳେ ସେ ଆକାଶରେ ଚଢ଼େଇ, ଖରାରେ ଝଟକୁ ଥିବା ମହୁମାଛି ଓ ସବୁଜ ପାହାଡ଼ ଉପରେ ହସୁଥିବା ଫୁଲଗୁଡ଼ିକର ଚିରନ୍ତନ ରହସ୍ୟକୁ ବୁଝିବାରେ ବୁଡ଼ିଯାଇପାରିବ । ସ୍କୁଲରେ ତା'କୁ ଶିଖାଇଦେବେ ଯେ ଠକିବା ଅପେକ୍ଷା ଅସଫଳ ହେବାରେ ଯଥେଷ୍ଟ ଗୌରବ ରହିଛି... ।'

ଆଜି କିନ୍ତୁ ଆମେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରୁଛୁ ପିଲା କିପରି ପାଠରେ ଅଧିକ ନମ୍ବର ରଖିବ । ନୈତିକ ଶିକ୍ଷା ପ୍ରଦାନ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉପଯୁକ୍ତ ପରିବେଶ ଓ ଉପଯୁକ୍ତ ଶିକ୍ଷା ହିଁ ପୃଥିବୀରେ ଅନେକ ମହାପୁରୁଷ ସୃଷ୍ଟି କରିପାରିଛି । ତେଣୁ ନୈତିକ ଦିଗର ବିକାଶ ସହ ନୈତିକ ଶିକ୍ଷାର ବିକାଶ ଶିକ୍ଷାର ଲକ୍ଷ୍ୟ ହେବା ନିତାନ୍ତ ଆବଶ୍ୟକ ।

କୋରାପୁଟ, ମୋ: ୯୪୩୭୯୦୯୦୪୦

## ନିଭୃତ ନିଳୟର ସାହିତ୍ୟ-ତପସ୍ୱୀ ଶଶିଭୂଷଣ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

କବିବର ରାଧାନାଥ ରାୟଙ୍କ ଅନୁପମ କାବ୍ୟ-ସମ୍ଭାରର ସୂକ୍ଷ୍ମ-ମର୍ମ ଧ୍ୱନି କେହି ଯଦି ଗଦ୍ୟଛନ୍ଦରେ ଶ୍ରବଣ କରିବାକୁ ଧ୍ୟାନସ୍ଥ ହୁଅନ୍ତି, ସେ ତାହା ଶଶିଭୂଷଣ ରାୟଙ୍କ ଅନୁପମ ଗଦ୍ୟ ସର୍ଜନା ମଧ୍ୟରେ ଆବିଷ୍କାର କରିପାରିବେ ଅନାୟାସରେ । ରାଧାନାଥ-ଶଶିଭୂଷଣ ପିତା-ପୁତ୍ରଙ୍କ ଏହି ଅମୃତ-ସମନ୍ୱୟ, ସୌନ୍ଦର୍ଯ୍ୟ-ସନ୍ଧାନୀ ପାଠକ ଆତ୍ମାକୁ ଅପୂର୍ବ ତୃପ୍ତିରେ ପରିପୂର୍ଣ୍ଣ କରିଦିଏ । ଏହା ଯେ ବାସ୍ତବରେ ଏକ ବିରଳ ଓ ମହତ୍ତର ମହାନୁଭୂତି- ଏ ସତ୍ୟ ବିବୁଧବୃନ୍ଦଙ୍କ ଆନ୍ତରିକ ସ୍ୱୀକୃତି ଲାଭ କରିଆସିଛି ।

ଓଡ଼ିଆ ସାହିତ୍ୟକୁ ରାଧାନାଥଙ୍କ ମହାନ ଅବଦାନ ସ୍ମରଣ କରିବା ବେଳେ ଶଶିଭୂଷଣଙ୍କ ପ୍ରସଙ୍ଗ ଉଲ୍ଲିଖିତ ହେବା ଏକାନ୍ତ ବିଧେୟ । ରାଧାନାଥ ଲେଖିଛନ୍ତି: 'ସୁନ୍ଦରେ ତୃପ୍ତିର ଅବସାଦ ନାହିଁ/ଯେତେ ଦେଖୁଥିଲେ ନୂଆଁ ଦିଶୁଥାଇ ।' ଶଶିଭୂଷଣ ସେଇ ସୌନ୍ଦର୍ଯ୍ୟ ଅନ୍ୱେଷଣ କରିଛନ୍ତି ସାରାଜୀବନ । ବାଳକ ଅବସ୍ଥାରୁ ରାଧାନାଥ ଶଶିଭୂଷଣଙ୍କ ହୃଦୟକୁ ଓଡ଼ିଶାର ବଣ, ପାହାଡ଼, ନଦୀ, ନାଳ, ବୃକ୍ଷ, ଲତା, ଫୁଲ, ଫଳ ସହିତ ଏପରି ନିବିଡ଼ ବନ୍ଧନରେ ବାନ୍ଧି ଦେଇଥିଲେ ଯେ, ସେହି ନିସର୍ଗ ସୌନ୍ଦର୍ଯ୍ୟର ବଳୟରେ ଶଶିଭୂଷଣ ଅତିବାହିତ କରିଥିଲେ ସାରାଜୀବନ । 'ଉତ୍କଳ ପ୍ରକୃତି' ଓ 'ଉତ୍କଳର ଋତୁଚିତ୍ର' ତାଙ୍କ ଶ୍ରେଷ୍ଠ ସୃଷ୍ଟି ଭାବରେ ବିବେଚନା କରାଯାଇଛି ପ୍ରାକୃତିକ ସୁଷମାର ହୃଦୟସ୍ପର୍ଶୀ ଚିତ୍ରଣ ହେତୁ ।

ଶଶିଭୂଷଣ ବର୍ଣ୍ଣନାତ୍ମକ ପ୍ରବନ୍ଧ ଲେଖିବାରେ ଯେପରି ସିଦ୍ଧହସ୍ତ, ଦାର୍ଶନିକ, ନୈତିକ, ସାମାଜିକ, ଐତିହାସିକ ଓ ସାହିତ୍ୟିକ ବିଷୟ ଉପରେ ଗଭୀର ଆଲୋକପାତ କରିବାରେ ସମଭାବରେ ସମର୍ଥ । ଜୀବନରେ ସାଧାରଣତଃ ଯେଉଁସବୁ ପ୍ରଶ୍ନ ମଣିଷକୁ ଅସ୍ଥିର ଓ ବ୍ୟତିବ୍ୟସ୍ତ କରିଦିଏ, ସେସବୁ ଉପରେ ପ୍ରାବନ୍ଧିକ ବିସ୍ତୃତ ଆଲୋଚନା କରିଛନ୍ତି । କିପରି ଭାବରେ ମନୁଷ୍ୟର ଜୀବନ ହେବ ଅର୍ଥପୂର୍ଣ୍ଣ, ତା'ର ଅନ୍ତଃଚେତନା ହେବ ସୁବିକଶିତ, ପରିପକ୍ୱ -ତାହାକୁ ଦୃଷ୍ଟି ସମ୍ମୁଖରେ ରଖି ମୌଳିକ ଅନୁଚିନ୍ତନର ପରିଚୟ ସେ ଦେଇ ଯାଇଛନ୍ତି । ଈଶ୍ୱର ଯେ ବିଶ୍ୱରୂପରେ ପ୍ରକଟିତ- ଏହି ସମାଧାନରେ ପହଞ୍ଚି ସେ ଆସ୍ତିକ ଓ ନାସ୍ତିକ ସମସ୍ତଙ୍କୁ ଈଶ୍ୱର ବିଶ୍ୱାସୀ ବୋଲି ସ୍ୱୀକାର କରିବା ଦ୍ୱାରା ନିଜ ବିବେଚନା ଶକ୍ତିର ଶ୍ରେଷ୍ଠ ପରିଚୟ ଦିଅନ୍ତି ।

ଶଶିଭୂଷଣଙ୍କ ଅଧ୍ୟୟନର ପରିସର କି ବ୍ୟାପକ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ପୃଥିବୀର କେତେ ମହାପୁରୁଷ, ମହାନ ଜ୍ଞାନୀ, ତତ୍ତ୍ୱଦର୍ଶୀ ପଣ୍ଡିତ, ଦାର୍ଶନିକ, ବୈଜ୍ଞାନିକଙ୍କ ସହ ତାଙ୍କ ଅନର୍ଗଳ ସମ୍ବନ୍ଧ ହେତୁ ସେହି ଚିରପୂଜ୍ୟ ବ୍ୟକ୍ତିତ୍ୱମାନଙ୍କ ନିକଟରୁ ଉଦାର ଭାବ ସକଳ ତାଙ୍କ ଭିତରକୁ ସଞ୍ଚରି ଆସିଛି ସ୍ୱତଃ । 'ଉଚ୍ଚାଭିଳାଷ', 'ଅଶ୍ରୁ', 'ସୌଜନ୍ୟ' ପ୍ରଭୃତି ପ୍ରବନ୍ଧରେ ପାଠକ ଭିତରେ କେତେ ଅନୁରାଗର ସହ ନମନୀୟ ଭାବ ସଞ୍ଚାର ପାଇଁ ସେ ଯତ୍ନଶୀଳ! ନିଜକୁ ଉଚ୍ଚ ପଦପଦବୀରେ ଅଧିଷ୍ଠିତ କରିବାର ସ୍ୱପ୍ନ ଦେଖିବା ତାଙ୍କ ଦୃଷ୍ଟିରେ ପ୍ରକୃତ ଉଚ୍ଚାକାଂକ୍ଷା ହୋଇ ନ ପାରେ ।

ନିଜ ପିତାଙ୍କ ପାଇଁ ସେ ଧବଳେଶ୍ୱରରେ ନିର୍ମାଣ କରିଦେଇଥିଲେ ନିଭୃତ ନିଳୟ । ପିତାଙ୍କ ମହାପ୍ରୟାଣ ପରେ ସେ ଲେଖିଲେ 'ପିତୃସ୍ମୃତି' । କି ଆବେଗମୟ ଭାଷାରେ ସେ ପିତାଙ୍କୁ ସମ୍ବୋଧନ କରି ତାଙ୍କ ଆନ୍ତରିକ ସ୍ମୃତିଚାରଣ କରିଛନ୍ତି! ଓଡ଼ିଆ ସାହିତ୍ୟରେ ସେପରି ଦ୍ୱିତୀୟ ଦୃଷ୍ଟାନ୍ତ ଅନୁପସ୍ଥିତ । ତାଙ୍କ ଜାମାତା ଦୁର୍ଗାଚରଣ ରାୟ ଲେଖିଛନ୍ତି ବୃହଦାକାୟ ରାଧାନାଥ ଜୀବନୀ । ମାତ୍ର ଶଶିଭୂଷଣ ହିଁ ଯେ ପ୍ରଚ୍ଛନ୍ନ ଭାବରେ ରହି ସମସ୍ତ ତଥ୍ୟ ସଂଗ୍ରହ ଓ ଉପସ୍ଥାପନର ଦାୟିତ୍ୱ ନିର୍ବାହ କରିଛନ୍ତି ଏହା ସୁସ୍ପଷ୍ଟ ହୋଇଯାଏ । ଜୀବନର ଉତ୍ତରାୟଣରେ ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଆସୁଥିଲା ବେଳେ ମଧ୍ୟ ପ୍ରିୟ ପ୍ରକୃତି କୋଳରେ, ନିଭୃତ ନିଳୟରେ ଅବସ୍ଥାନ କରି ସହସ୍ରାଧିକ ପୁସ୍ତକ ପାଠରେ ନିଜକୁ ନିମଗ୍ନ କରି ରଖିଛନ୍ତି । ସୁଧୀ ସଜ୍ଜନଙ୍କ ପତ୍ରର ପ୍ରତ୍ୟୁତ୍ତର ଦେଉଥିଲେ ବଂକିମ ବାକ୍ୟରେ ହେଲେ ମଧ୍ୟ । ରାଧାନାଥଙ୍କ ସମ୍ପର୍କରେ କଟକ ଆକାଶବାଣୀ କେନ୍ଦ୍ରରେ ବକ୍ତୃତା ଦେଇଥିଲେ ଆବେଗମୟ ଭାଷାରେ ।

ପ୍ରସଙ୍ଗକ୍ରମେ ସେ କହୁଛନ୍ତି - ଦୁଃଖାକ୍ରାନ୍ତ, ବେଦନାପ୍ଲୁତ ମଣିଷ ପ୍ରତି ଅନ୍ତରଙ୍ଗତା ଅନୁଭବ କରି ଆଖିରୁ ଯେତେବେଳେ ଅଶ୍ରୁଧାରା ନିଗିଡି ଆସେ, ତା'ଠାରୁ ଆଉ ମହାନ ସୌନ୍ଦର୍ଯ୍ୟ ଜଗତରେ କ'ଣ ଅଛି?' ଯେଉଁ ପ୍ରକୃତିକୁ ଦେଖି ସେ ମୁଗ୍ଧ ହୋଇଛନ୍ତି ତାରି ଭିତରେ ଏଇ ମହତ ସମ୍ବେଦନଶୀଳତା ସେ ଆବିଷ୍କାର ଓ ଆହରଣ କରିଛନ୍ତି । ଅର୍ଥାତ ପ୍ରକୃତି ମଣିଷ ପ୍ରତି କିପରି ସହାନୁଭୂତିଶୀଳ ଏହି ସତ୍ୟାବିଷ୍କାରରେ ସେ ତନ୍ମୟ । ଆଜି ଯଦି ଶଶିଭୂଷଣ ଜୀବିତାବସ୍ଥାରେ ଥା'ନ୍ତେ, ପ୍ରକୃତି ପ୍ରତି ମଣିଷର ନିର୍ଦ୍ଦୟତାରେ କିପରି କ୍ରନ୍ଦନ କରୁଥା'ନ୍ତେ ତାହା କ'ଣ ପ୍ରତିଭାତ ହୋଇଯାଉନାହିଁ?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଇପିଏଲ୍ ବିଜୟ ଉତ୍ସବରେ...

ଦଳାଚକଟାରେ ମୃତାହତଙ୍କୁ ନେବାଲାଗି ସଂଖ୍ୟାଧିକ ଆମ୍ବୁଲାନ୍ସ ନିୟୋଜିତ କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଷ୍ଟାଡିୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । କିନ୍ତୁ ମୃତାହତଙ୍କ ସଂପର୍କରେ କୌଣସି ସୂଚନା ଦେଇ ନାହାନ୍ତି । କେଉଁ ପରିସ୍ଥିତିରେ ଏଭଳି ଦୁଃଖଦପୂର୍ଣ୍ଣ ଅଘଟଣ ଘଟିଲା, ତାହାର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ସଂଗଠନ ଓ ବିରୋଧୀ ଦଳ ଦଳାଚକଟା ଲାଗି ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ଏଭଳି ବଡ଼ ଉତ୍ସବ ଆ ।।ୟୋଜନ ଲାଗି ପ୍ରଶାସନ ଠିକ ପ୍ରସ୍ତୁତି କରିନଥିଲା ବୋଲି ସେମାନେ ଅଭିଯୋଗ କରିବା ସହିତ ଏଥିପାଇଁ ଦାୟୀ ଅଧିକାରୀ ଓ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଉତ୍ସବ ଦେଖିବା ଲାଗି ଗତକାଲି ରାତିରୁ ଭିଡ଼ ଆରମ୍ଭ ହୋଇଯାଇଥିଲା । ଅନେକ ଲୋକ ତାରକାଙ୍କର ଝଲକ ପାଇବା ଲାଗି ଗଛ ଉପରେ ଚଢ଼ି ଡାଳ ଉପରେ ବସିଥିଲେ । ଏଭଳି ଭଡ଼କୁ ଦେଖି ରାସ୍ତା ଉପରେ ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ପୁଲିସ ପକ୍ଷରୁ କୁହାଯାଉଛି ଭିଡ଼ ନିୟନ୍ତ୍ରଣ ଲାଗି ଗତରାତିରୁ ଉଦ୍ୟମ କରାଯାଉଥିଲା ।

## ଭୁଲ୍ ଇଞ୍ଜେକ୍ସନ୍...

କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳର ଫୁଲମତି ମାଝୀ ମେଡିକାଲ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ । ଗତକାଲି ରାତି ୧୧ରୁ ୧୨ଟା ମଧ୍ୟରେ ଆଇସିୟୁରେ ଅଚାନକ ୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଭୋର୍ ସମୟରେ ଆଉଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣା ଘଟିବାର କିଛି ସମୟ ମଧ୍ୟରେ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ଦେଖି ଟାଉନ୍ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା । ମୃତକମାନଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଅନୁସାରେ ଆଇସିୟୁରେ ଅପରେସନ ପରେ ରୋଗୀମାନେ ଠିକ୍ ଥିଲେ । ରାତ୍ରୀକାଳୀନ ଦାୟିତ୍ୱରେ ଥିବା କର୍ମଚାରୀ ଇଞ୍ଜେକ୍ସନ ଦେବାପରେ ରୋଗୀଙ୍କ ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି ।

ଘଟଣା ପରେ ମାଲକାନଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର ଓ କଂଗ୍ରେସର ଯୁବ ନେତା ରାଜ୍ୟ ସମ୍ପାଦକ ରୂପକ ତୁରୁକ ମେଡିକାଲ ଫାଟକ ସାମନାରେ ଧାରଣାରେ ବସିଥିଲେ । ପୀଡ଼ିତମାନଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ହଟିବୁ ନାହିଁ ବୋଲି ମେଡିକାଲ ଅଧିକାରୀଙ୍କ ବିରୋଧରେ ନାରାବାଜି ଦେଇଥିଲେ । ଏପରିକି ମେଡିକାଲ କଲେଜର ଡିନ୍‌ଙ୍କୁ ମଧ୍ୟ ସେମାନେ ମେଡିକାଲ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ । ପରିବାରକୁ ନ୍ୟାୟ ମିଳିବାର ପ୍ରତିଶ୍ରୁତି ପରେ ଉଭୟ ନେତା ରାସ୍ତାରୁ ହଟିଥିଲେ । ଜିଲ୍ଲାପାଳ ଭି କୀର୍ତ୍ତି ୱାସନ୍‌ଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଜିଲ୍ଲା ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ପ୍ରତି ପରିବାରକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ସେମାନଙ୍କ ଘରକୁ ଶବ ପଠାଇବା ପାଇଁ ପ୍ରଶାସନ ପକ୍ଷରୁ ଗାଡ଼ି ଯୋଗାଇ ଦେବାକୁ ଡୁଡା ପିଡି ତପନ କୁମାର ନାୟକ ପ୍ରତିଶ୍ରୁତି ଦେଇଥିଲେ ।

ଖବର ଶୁଣିବା ମାତ୍ରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ବିଜେଡିର ଏକ ଟିମ୍ ମେଡିକାଲରେ ପହଞ୍ଚିଥିଲେ । ଘଟଣାରେ ରାଜ୍ୟ ସରକାର ଶ୍ୱେତପତ୍ର ପ୍ରକାଶ କରିବା ସହ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି । ବିଜେପି ସରକାର ସମୟରେ କୋରାପୁଟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି ମେଡିକାଲ ରେଫରାଲ ହସ୍ପିଟାଲ ପାଲଟିଯାଇଥିବା ବେଳେ ପ୍ରଫେସର, ଡାକ୍ତରମାନେ ହସ୍ପିଟାଲ ଛାଡ଼ି ଘରୋଇ କ୍ଲିନିକ୍‌ରେ ବସିଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଦିଗରେ ରାଜ୍ୟ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି ଶ୍ରୀ ସେଠୀ କହିଛନ୍ତି । ଅନ୍ୟପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି, ଡାକ୍ତରଖାନାରେ ଅଭିଜ୍ଞ ଷ୍ଟାଫ୍ ଥିଲେ । ପ୍ରୋଟୋକଲ ଅନୁସାରେ ଚିକିତ୍ସା ହୋଇଛି । ରୋଗୀମାନଙ୍କୁ ବଞ୍ଚାଇବା ପାଇଁ ଡାକ୍ତରମାନେ ଯଥାସାଧ୍ୟ ଉଦ୍ୟମ କରିଥିଲେ; କିନ୍ତୁ ତାହା ସଫଳ ହୋଇପାରି ନାହିଁ । ତେବେ ତିନିଜଣ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି, ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ହସ୍ପିଟାଲ ଅଧୀକ୍ଷକ ଡା. ସୁଶାନ୍ତ କୁମାର ସାହୁ କହିଛନ୍ତି ।

## ବଢୁଛି 'ଉଷ୍ମଘାତ'...

ଦିବସ ହୋଇପାରେ । ଜୁନ୍ ୫ରୁ ତାପମାତ୍ରା କ୍ରମଶଃ ବଢ଼ିବ ଓ ଜୁନ୍ ୭ରେ କେତେକ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିବ । ଜୁନ୍ ୧୦-୧୨ ମଧ୍ୟରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୮ ଡିଗ୍ରୀ ବା ତାଠାରୁ ଅଧିକ ରହିପାରେ । ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗିର, ଢେଙ୍କାନାଳ, ଅନୁଗୁଳ ସବୁଠାରୁ ଅଧିକ ଉତ୍ତପ୍ତ ଉତ୍ତପ୍ତ ରହିବ । ଏହାସହିତ ଆଭ୍ୟନ୍ତରୀଣ କଟକ, ଖୋର୍ଦ୍ଧା, ପୁରୀର କିଛି ଅଞ୍ଚଳ, ନୟାଗଡ଼ ଓ ଆଭ୍ୟନ୍ତରୀଣ ଗଞ୍ଜାମରେ ମଧ୍ୟ ଅତ୍ୟଧିକ ଗରମ ସହିତ ଝାଞ୍ଜି ପବନ ଓ ଗୁଳୁଗୁଳି ହୋଇପାରେ । ଜୁନ୍ ମାସରେ ମୌସୁମୀ ବିଳମ୍ବ ହେଲେ ଗ୍ରୀଷ୍ମ ପ୍ରବାହ ହୋଇଥାଏ । ୨୦୨୩ ଜୁନ୍ ୧୨ରେ ରାଜ୍ୟରେ ୧୬ ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ସମ୍ବଲପୁରରେ ତାପମାତ୍ରା ୪୫.୬ ଡିଗ୍ରୀ ରେକର୍ଡ ହୋଇଥିଲା । ଭୁବନେଶ୍ୱରରେ ୪୪.୩ ଡିଗ୍ରୀ ରେକର୍ଡ ହେବା ସହ ସେହି ସମୟରେ ଏଠାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୮.୩ ଡିଗ୍ରୀ ଅଧିକ ରହିଥିଲା । ୨୦୧୬ ମସିହାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା । ପ୍ରଫେସର ପଶୁପାଳକ ଆହୁରି କରିଛନ୍ତି ଯେ ଆସନ୍ତା ଜୁନ୍ ୧୧ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ହେତୁ ରାଜ୍ୟକୁ ପୂର୍ବା ପବନ ବହିବ । ଫଳରେ ଉପକୂଳରେ ୧୧ ଏବଂ ଆଭ୍ୟନ୍ତରୀଣରେ ୧୩ରୁ ତାପମାତ୍ରା କମିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି । ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଅନୁଗୁଳ, ସମ୍ବଲପୁର ଓ ଭଦ୍ରକରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବାକି ଅଧିକାଂଶ ସ୍ଥଆନରେ ତାପମାତ୍ରା ୩୭-୩୮ ଡିଗ୍ରୀ ମଧ୍ୟରେ ରହିଛି । ଏହାସହିତ ଅଧିକାଂଶ ସ୍ଥାନରେ ଆର୍ଦ୍ରତା ୫୦ ପ୍ରତିଶତରୁ ଅଧିକ ରହିଥିବା ହେତୁ ରାଜ୍ୟବାସୀ ଭୀଷଣ ଗୁଳୁଗୁଳି ଭୋଗିଛନ୍ତି । ଅନ୍ୟପଟେ ଭୁବନେଶ୍ୱର ସମେତ ବାଲେଶ୍ୱର, ସୋନପୁର, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ହୋଇଥିବା ବର୍ଷା ଯୋଗୁଁ ଏଠାରେ ଜାରି ରହିଥିବା ଗୁଳୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

## ୨୭ ରାଜ୍ୟକୁ ବ୍ୟାପିଛି...

ଏବଂ ମହାରାଷ୍ଟ୍ରରେ ୫୧୦ ରୋଗୀ ଚିକିତ୍ସାଧୀନ ଅଛନ୍ତି । ସେହିପରି କରୋନାରେ ୪୪ ଜଣ ପ୍ରାଣ ହରାଇଲେଣି । କେବଳ ଗତ ୫ ଦିନରେ କରୋନା ୩୭ ଜଣଙ୍କ ଜୀବନ ନେଇଛି । ଗତ ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ସର୍ବାଧିକ ୪ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି । ଏହି ରାଜ୍ୟରେ ମୋଟ ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଯାଇଛି । ଏହା ବ୍ୟତୀତ ସମୀକ୍ଷାଧିନ ଅବଧିରେ ଦିଲ୍ଲୀ, ଗୁଜରାଟ ଏବଂ ତାମିଲନାଡୁରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଏହି ଲହରରେ ପ୍ରଥମ ଥର ପାଇଁ ମଙ୍ଗଳବାର ହିମାଚଳ ପ୍ରଦେଶରୁ କରୋନା ମାମଲା ସାମ୍ନାକୁ ଆସିଛି । ଏହାକୁ ନେଇ ରାଜ୍ୟ ସରକାର ବିଳମ୍ବିତ ରାତିରେ ମାର୍ଗଦର୍ଶିକା ଜାରି କରି ହସ୍ପିଟାଲ ଗୁଡିକରେ ମାସ୍କ ବାଧ୍ୟତାମୂଳକ କରିଦେଇଛନ୍ତି । ଅନ୍ୟପଟେ କେରଳ ସରକାର ନୂତନ ନିର୍ଦ୍ଦେଶାବଳୀ ଜାରି କରି ସମସ୍ତ ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ମକ୍ ଡ୍ରିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଥଣ୍ଡା ଏବଂ ଜ୍ୱର ହେଲେ କୋଭିଡ୍ ପରୀକ୍ଷାକୁ ବାଧ୍ୟତାମୂଳକ କରିଦିଆଯାଇଛି । ଏହି ରାଜ୍ୟ ଦେଶରେ କରୋନାର ହଟ୍‌ସ୍ପଟ୍ ପାଲଟିଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଜି ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହା ମଧ୍ୟରେ କେନ୍ଦ୍ର କରୋନା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଜାଦବ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ଏବଂ ଆୟୁଷ ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ସଜାଗ ଅଛି । ରାଜ୍ୟ ସ୍ଥିତି ଉପରେ ନଜର ରଖାଯାଇଛି । ସମ୍ପୃକ୍ତ ସଚିବ ଏବଂ ମନ୍ତ୍ରୀମାନଙ୍କ ସହ କଥା ହୋଇଛୁ । ସେହିପରି କରୋନା ଲହର ସମୟରେ ନିର୍ମିତ ଅକ୍ସିଜେନ୍ ପ୍ଲାଣ୍ଟ, ଆଇସିୟୁ ବେଡ୍ ଭଳି ଜିନିଷଗୁଡ଼ିକର ସମୀକ୍ଷା କରାଯାଇଛି । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଛି ।

## ଜୁଲାଇ ୧୧ରୁ...

ଦାବି କରି ଆସୁଥିଲେ । ଗତକାଲି କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ୧୬ଟି ଦଳ ବୈଠକ କରି ସ୍ୱତନ୍ତ୍ର ଅଧିବେଶନ ପାଇଁ ଦାବି କରିଥିଲେ । ତେବେ ସରକାର ଆଜି ମୌସୁମୀ ଅଧିବେଶନ ଲାଗି ତାରିଖ ଘୋଷଣା କରିବା ପରେ କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ପାର୍ଟିର ସାଧାରଣ ସଂପାଦକ ଜୟରାମ ରମେଶ କହିଛନ୍ତି ଯେ ସରକାର ସ୍ୱତନ୍ତ୍ର ଅଧିବେଶନକୁ କାହିଁକି ଏଡ଼ାଉଛନ୍ତି, ତାହା ଜଣାପଡୁନାହିଁ । ସେ କହିଲେ ଯେ ଦେଢ଼ ମାସ ପୂର୍ବରୁ ସଂସଦ ଅଧିବେଶନ ତାରିଖ ଘୋଷଣା କରାଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ଏହାପୂର୍ବରୁ ଏଭଳି ଘୋଷଣା କେବେହେଲେ କରାଯାଉନଥିଲା ।

## ୨୦୨୬ ଅକ୍ଟୋବରରୁ...

୨୦୨୦ ଏପ୍ରିଲ-ସେପ୍ଟେମ୍ବରରେ ପ୍ରଥମ ପର୍ଯ୍ୟାୟ ଏବଂ ୨୦୨୧ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ହେବାର ଥିଲା । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଥିଲା । କିନ୍ତୁ କୋଭିଡ୍ -୧୯ ମହାମାରୀ ଯୋଗୁଁ ଜନଗଣନା କାର୍ଯ୍ୟକୁ ସ୍ଥଗିତ କରି ଦିଆଯାଇଥିଲା ।

ଏଥର ହେବାକୁ ଯାଉଥିବା ଜନଗଣନା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି । ପ୍ରଥମଟି ହେଲା ଦେଶରେ କେଉଁ ଜାତିର ଲୋକଙ୍କ ସଂଖ୍ୟା କେତେ ତାହା ଜଣାପଡ଼ିବ । ଦ୍ୱିତୀୟଟି ହେଲା ଏହି ଜନଗଣନାକୁ ଭିତ୍ତି କରି ସଂସଦ ଓ ରାଜ୍ୟ ବିଧାନସଭା ନିର୍ବାଚନମଣ୍ଡଳୀମାନଙ୍କର ସୀମା ପୁନଃନିର୍ଦ୍ଧାରଣ କରାଯିବ । ଗତ ଏପ୍ରିଲ ୩୦ ତାରିଖରେ ଜାତି ଭିତ୍ତିକ ଜନଗଣନା ପାଇଁ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ କେତେକ ରାଜ୍ୟ ଜାତି ସର୍ଭେ କରାଇଛନ୍ତି । କିନ୍ତୁ ଏଥିପାଇଁ ସେମାନେ ଯେଉଁ ପ୍ରଣାଳୀ ଅପାଣାଇଥିଲେ, ତାହା ସ୍ୱଚ୍ଛ ନଥିଲା ଏବଂ ଏହାଦ୍ୱାରା ଅସଲ ଉଦ୍ଦେଶ୍ୟ ହାସଲ ହୋଇପାରିନଥାନ୍ତା । ପୁଣି ଏହା ସାମାଜିକ ସଦ୍‌ଭାବ ନଷ୍ଟ କରିବାର ଆଶଙ୍କା ମଧ୍ୟ ଥିଲା । ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ଥର ଲାଗି ଜାତିଭିତ୍ତିକ ଜନଗଣନା ୧୮୮୧ ଏବଂ ୧୯୩୧ରେ ବ୍ରିଟିଶ ସରକାର ଅମଳରେ ହୋଇଥିଲା । ୨୦୧୧ରେ ୟୁପିଏ ସରକାର ଅମଳରେ ଜନଗଣନା ବେଳେ ସାମାଜିକ-ଅର୍ଥନୈତିକ ଓ ଜାତି ଭିତ୍ତିକ ତଥ୍ୟ ସଂଗ୍ରହ କରାଯାଇଥିଲା । କିନ୍ତୁ ଏହି ତଥ୍ୟ କେବେହେଲେ ପ୍ରକାଶ ପାଇ ପାରିଲାନାହିଁ ।

## ଅକଳରେ ରାଜ୍ୟ...

ହେଉଛି । ଅପରପକ୍ଷେ ଜୟ ନାରାୟଣ ବାରମ୍ବାର ଦଳ ଓ ଦଳୀୟ ନେତୃତ୍ୱଙ୍କୁ ଅଡୁଆରେ ପକାଇବା ଭଳି ବୟାନ ଦେଉଥିଲେ ହେଁ ଦଳର ଶୀର୍ଷ ନେତୃତ୍ୱ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିଜ ମନ୍ତବ୍ୟକୁ ସଠିକ୍ ଦର୍ଶାଇବାକୁ ଯାଇ ଜୟନାରାୟଣ କହିଛନ୍ତି ଯେ ପ୍ରାର୍ଥୀ ଦେବାରେ ପାତର ଅନ୍ତର କରାଯିବା ଦ୍ୱାରା ନିର୍ବାଚନରେ ଆମର ୩ ଜଣ ନେତା ସ୍ୱାଧୀନ ଭାବେ ବିଜୟ ଲାଭ କଲେ । ଯଦି ସଠିକ୍ ପ୍ରାର୍ଥୀ ଦଳ ଦେଇଥିଲା, ତାହେଲେ ଏହି ୩ ଜଣ କିପରି ନିର୍ବାଚନ ଜିତିଲେ? ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମ୍ପର୍କରେ ସେ କହିଛନ୍ତି ଯେ ବିଜେପିରେ ଯୋଗ୍ୟ ଲୋକଙ୍କ ଅଭାବ ନାହିଁ । ମାତ୍ର ସମ୍ପ୍ରସାରଣ କଣ ପାଇଁ ହେଉନାହିଁ ତାହା ମୁଖ୍ୟମନ୍ତ୍ରୀ କହିପାରିବେ । ଜୟଙ୍କ ଏହି ଟିପ୍ପଣୀ ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । ସରକାର ଗଠନର ବର୍ଷେ ବିତିବାକୁ ବସିଲାଣି, ହେଲେ ଦଳର ରାଜ୍ୟ ନେତୃତ୍ୱ ଏଯାବତ୍ ସାଂଗଠନିକ ପୁନଃର୍ବିନ୍ୟାସ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରୁନାହାନ୍ତି । ରାଜ୍ୟରେ ନିଗମ, ବୋର୍ଡରେ ନିଯୁକ୍ତି ଠାରୁ ଆରମ୍ଭ କରି କମିଶନ, ଅକାଦେମୀରେ ନିଯୁକ୍ତି କରାଯାଇ ପାରୁନାହିଁ । ଉଭୟ ସରକାର ଏବଂ ସଂଗଠନରେ ଭୟଙ୍କର ନେତୃତ୍ୱ ସଙ୍କଟ ଚାଲୁଥିବା ବେଳେ ଏହା ବାହାରକୁ ଭୁଲ୍ ବାର୍ତ୍ତା ଦେଉଛି । ଏପରିସ୍ଥଳେ ଜୟ ନାରାୟଣ ବାରମ୍ବାର ଦଳକୁ ଅଡୁଆରେ ପକାଇବା ଭଳି ମନ୍ତବ୍ୟ ଦଳର ଦୁର୍ବଳ ନେତୃତ୍ୱ ପ୍ରତି ଅଙ୍ଗୁଳି ଉଠାଉଛି ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି । ସମ୍ପ୍ରତି ରାଜ୍ୟ ସରକାର ପ୍ରଶାସନିକ ସ୍ଥାଣୁତାର ସାମ୍ନା କରୁଛନ୍ତି । ଉନ୍ନୟନ କାମ ଏକପ୍ରକାର ଠପ୍ ହୋଇ ପଡ଼ିଥିବା ବେଳେ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ । ସେହିପରି ନିର୍ବାଚନ ପ୍ରତିଶ୍ରୁତି ପାଳନ ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ଏହା କ୍ରମଶଃ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି । ଏହା ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା ବେଳେ ସମାନ ସମୟରେ ମନ୍ତ୍ରୀ ମନ୍ତ୍ରୀ, ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ତାଳମେଳର ଅଭାବ ଆଉ ଏକ ନୂଆ ସଙ୍କଟ ସୃଷ୍ଟି କରିଛି । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟର ଅଭାବ ଆଉ ଏକ ନୂଆ ବିବାଦ ସୃଷ୍ଟି କରିଛି । ବାରମ୍ବାର ଚେଷ୍ଟା ସତ୍ତ୍ୱେ ରାଜ୍ୟ ସଭାପତି ନିଯୁକ୍ତି ହୋଇ ପାରିଲା ନାହିଁ । ସାଂଗଠନିକ ପୁନର୍ବିନ୍ୟାସ କେବେ ହେବ ସେନେଇ କୌଣସି ସ୍ପଷ୍ଟ ଉତ୍ତର ଦଳ ପାଖରୁ ମିଳୁନାହିଁ । ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟର ଅଭାବ ଦେଖା ଦେଇଥିବା ବେଳେ ଏହାହିଁ ସରକାରର ଦ୍ୱିତୀୟ ବର୍ଷ ପାଇଁ ସବୁଠାରୁ ବଡ଼ ଆହ୍ୱାନ ସାଜିବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି । ଅତୀତରେ ବନ୍ଦେ ଉତ୍କଳ ଜନନୀ ଗାନ ପ୍ରସଙ୍ଗଠାରୁ ଆରମ୍ଭ କରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଯାଏଁ, ଜୟ ନାରାୟଣ ବହୁ ବିବାଦୀୟ ମନ୍ତବ୍ୟ ରଖିଛନ୍ତି । ତାଙ୍କ ପଛରେ ବହୁ ନେତାଙ୍କର ପରୋକ୍ଷ ସମର୍ଥନ ରହୁଥିବାରୁ ବୋଧହୁଏ ଏହା କାର୍ଯ୍ୟାନୁଷ୍ଠାନ ରାସ୍ତାରେ ଅନ୍ତରାୟ ସାଜୁଛି ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.MCSW-Scrap-Dis-25-26-06

କାର୍ଯ୍ୟର ନାମ: ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଗୃହିତ ସ୍କ୍ରାପ ଗୁଡ଼ିକ/ବହୁତ କମ୍ ଉପଯୋଗୀ ନିଲାମ ।

ଆନୁମାନିକ ମୂଲ୍ୟ(ଟଙ୍କାରେ): 21,95,826/-, EMD (ଟଙ୍କାରେ): 43,900/-, କାର୍ଯ୍ୟ ସମାପ୍ତ ଅବଧି: 06 ମାସ ।

ପ୍ରି-ବିଡ୍ ମିଟିଂ ତାରିଖ: ତା.14.06.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.06.2025ରିଖ 1200 ଘଣ୍ଟାରେ ।

ଏହି ଟେଣ୍ଡର ଅଧୀନରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଗୁଡ଼ିକ ପ୍ରାପ୍ତ ହେଲେ କୌଣସି ମାନୁଆଲ ଅଫରକୁ ବିଚାର କରାଯିବ ନାହିଁ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ www.ireps.gov.in ରେ ଉପଲବ୍ଧ ଅଛି ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II)/ ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-196/Q/25-26



**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2025-26/06, ତା.02.06.2025ରିଖ

କ୍ରମ ସଂ.01: ଟେଣ୍ଡର ନଂ. 03252009A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆଡପ୍ଟର (କ୍ୟାରେକ(Jaw)), ପରିମାଣ : 52077 ସେଟ୍ ।

କ୍ରମ ସଂ.02: ଟେଣ୍ଡର ନଂ. 03251474A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : CBC କପଲର ର KNUCKLE, ପରିମାଣ : 297 ସେଟ୍ ।

କ୍ରମ ସଂ.03: ଟେଣ୍ଡର ନଂ. 06255015, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : HVN-66 ଇନ୍ସୁଲେଟିଙ୍ଗ୍ ଲାଇନର, ପରିମାଣ : T.S. ଅନୁସାରେ ।

କ୍ରମ ସଂ.04: ଟେଣ୍ଡର ନଂ. 07253112, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡେକୋରେଟିଭ୍ ଥର୍ମୋସେଟିଙ୍ଗ୍ ସିନ୍ଥେଟିକ୍ ରେଜିନ୍ ବଣ୍ଡେଡ୍ ଲାମିନେଟେଡ୍ ସିଟ୍ସ, ପରିମାଣ: 5065 ସେଟ୍ ।

କ୍ରମ ସଂ.05: ଟେଣ୍ଡର ନଂ. 02251796, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : IGBT ପାୱାର କନ୍‌ଭର୍ଟର ଦ୍ୱାରା ନିର୍ମିତ BHEL ର DCU କାର୍ଡ, ପରିମାଣ : 12 ସେଟ୍ ।

କ୍ରମ ସଂ.06: ଟେଣ୍ଡର ନଂ. 06245302, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ସ୍ଲାଇଡର ପ୍ଲେଟ୍ ହେଲ୍ଡ କଣ୍ଡକ୍ଟ ସ୍ଲିପର, ପରିମାଣ : T.S. ଅନୁସାରେ ।

କ୍ରମ ସଂ.07: ଟେଣ୍ଡର ନଂ. 03253795, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କାର୍ଟ୍ରିଜ୍ (Cartridge)ଟାପର ରୋଲର ବିୟରିଙ୍ଗ, ପରିମାଣ : 600 ସେଟ୍ ।

କ୍ରମ ସଂ.08: ଟେଣ୍ଡର ନଂ. 03251458, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆର୍ଟିକୁଲେଟେଡ୍ (Articulated) ସ୍ପାଇରୋ ଇଲାଷ୍ଟିକ୍ (Spheroelastic)ରବର ବିୟରିଙ୍ଗ, ପରିମାଣ : 253 ସେଟ୍ ।

କ୍ରମ ସଂ.09: ଟେଣ୍ଡର ନଂ. 03253811, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କେନଲେଟର କାର୍ ନିମନ୍ତେ ପ୍ରାଇମେରୀ ସ୍ପ୍ରିଙ୍ଗ, ପରିମାଣ : 1202 ସେଟ୍ ।

କ୍ରମ ସଂ.10: ଟେଣ୍ଡର ନଂ. 06255014, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 6 mm ସାନ୍ଦ୍ରତା ବିଶିଷ୍ଟ ନାଇଲନ୍ କର୍ଡ ରେନଫୋର୍ସଡ୍ (Reinforced)ରୁଦ୍ଧ ରବର ସୋଲ ପ୍ଲେଟ୍ସ, ପରିମାଣ : T.S. ଅନୁସାରେ ।

କ୍ରମ ସଂ.11: ଟେଣ୍ଡର ନଂ. 06255013, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 10125 mm କର୍ଭଡ୍ ସ୍ପ୍ରିଙ୍ଗ୍, ପରିମାଣ : T.S. ଅନୁସାରେ ।

କ୍ରମ ସଂ.12: ଟେଣ୍ଡର ନଂ. 04251106, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଡିସ୍‌କନେକ୍ଟିଙ୍ଗ ଆଣ୍ଡ ଅର୍ଥିଙ୍ଗ୍ ଡିଭାଇସ୍, ପରିମାଣ : 272 ସେଟ୍ ।

ଖୋଲିବା : ତା.10.06.2025 ରିଖ(କ୍ରମ ସଂ.1ପାଇଁ), ତା.12.06.2025 ରିଖ(କ୍ରମ ସଂ.2 ଏବଂ 6 ପାଇଁ), ତା.11.06.2025 ରିଖ (କ୍ରମ ସଂ.3 ପାଇଁ), ତା.19.06.2025 ରିଖ(କ୍ରମ ସଂ.4 ପାଇଁ), ତା.16.06.2025 ରିଖ(କ୍ରମ ସଂ.5 ଏବଂ 7 ପାଇଁ), ତା.17.06.2025 ରିଖ(କ୍ରମ ସଂ.8 ପାଇଁ), ତା.18.06.2025 ରିଖ(କ୍ରମ ସଂ.9 ପାଇଁ), ତା.20.06.2025 ରିଖ(କ୍ରମ ସଂ.10 ଏବଂ 11 ପାଇଁ) ଏବଂ ତା.30.06.2025 ରିଖ(କ୍ରମ ସଂ.12 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଶୁଦ୍ଧିପତ୍ର, ଭ୍ରମ ସଂଶୋଧନ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ଜାଣିବା ପାଇଁ ୱେବସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

PR-202/Q/25-26



**OFFICE OF THE TAHASILDAR, GUNUPUR**

No. 1659/XII:02/2025-Debottar. Dated:03.06.2025

**TENDER CALL NOTICE**

Sealed Quotation/Tenders are invited from the interested reputed Agencies / Tours Operators of Private individuals for staging of Mina Bazar and join ride items except Mout Ka Kua at Mina Bazaar Rath Yatra for the year 2025. The sealed quotation should be submitted with the following documents i.e. registration certificate, Clerance of GST, Identity proof, PAN Card, Adhar Card along with Bid Security of Rs 20,000/- (Twenty Thousand) refundable in shape of Demand Draft in favour of **Tahasildar, Gunupur** and offset Bid price **Rs.20,00000/- (Twenty Lakhs)** only.

The Quotation completed in all respect should reach the undersigned on or before **12.06.2025** by 10.00 AM and shall be opened on the same day at **11.30** A.M in the **Sadbhavana Sabha Gruha of Sub-Collector office, Gunupur** in presence of the bidders or their authorized representatives. The successful bidder must submit/obtain a No Objection Certificate from Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur within 7 days from the date of receipt of intimation from this office.

Any other details and particulars if required can be obtained from the office of the **Tahasildar, Gunupur**.

--Sd--
Tahasildar-Cum-Executive Officer
Endowment, Gunupur.



OFFICE OF THE SUPERINTENDING ENGINEER
**TELENGIRI CANAL DIVISION**
AMBAGUDA, DIST.: KORAPUT, ODISHA - 764055
EMAIL ID: Setcdambaguda@gmail.com A-243

**QUOTATION CALL NOTICE NO 01/2025-26 DT 31.05.2025**

Sealed quotations are invited from interested reputed Travel Agencies/Tour Operators or private individuals for providing 1 (one) no of AC Petrol driven vehicle (Zest/Tigor/Swift /Dzire/Xcent/Etios equivalent) having seating capacity not more than ten including driver, which shall conform to the Terms and Conditions (Annexure-A) for official use in the office of the Chief Engineer & Basin Manager, Indravati and Kolab Basin, Bariniput, Dist-Koraput on monthly rent basis. The bidder(s) can furnish offer for one or more vehicles, but separate application forms for individual vehicles should be furnished.

1. The application form of quotation containing General Bid Information & Terms and Conditions for hiring of vehicles will be available with the cashier of this office and can be obtained from **03.06.2025 to 12.06.2025 up to 09.30 AM** on working days during working hours.
2. The completed quotation in all respects should reach the undersigned on or before **12.06.2025 by 09.30 AM** and shall be opened on the same day at **11.30 AM** in the presence of the bidders or their authorized representatives who wish to be present.
3. The authority reserves the right to reject any or all quotations without assigning any reason thereof.
4. Further details can be seen on the Government of Odisha website: **www.odisha.gov.in**

(Er. Bikash Pradhan)
Superintending Engineer
OIPR- Telengiri Canal Division, Ambaguda



**NOTICE / DECLARATION**

It is for information of all concerned that the partnership firm M/s Maa Basanti Durga Constructions bearing Registration No 1820202201249 of 2022, District :Khordha has been reconstituted w.e.f 01.10.2024 as follows :-

1. Managing Partner - Sri Saroj Kumar Sethi
2. Incoming Partner -Smt Manaswini Sethi
3. Retiring Partner -Mr Shusanta Sethi
4. Retiring Partner -Mrs Uma Sethi

Date: 03.06.2025
Sd/- Managing Partner
M/s Maa Basanti Construction



Office of the Principal / Secretary
**BALIKHAND DEGREE COLLEGE, BALIKHAND**
Dist. : BALASORE
e-Mail : balikhanddegreecollege@gmail.com

**TENDER CALL NOTICE**

Letter: BDC-015/2025 Date:4th June 2025

Sealed Quotations are hereby invited in the prescribed format from the intending registered authorized dealers having valid GST & IT Clearance Certificate, PAN Card for supply of Dell Desktop Computer, Printer, UPS LED T, Camera and other IT Equipments as required to Balikhand Degree College from: The details of Tender with tender documents can be obtained from the College Office or College Mail.Id. from:10.00AM dated-05.06.2025 .The Tender should submit their tender by registered post on or before 15.06.2025.The tender will be opened on: 20.06.2025 at11.30AM in the Office of the undersigned in the presence of bidders or their authorized representatives.

The authority reserves the right to accept or reject any or all tenders without assigning any reason thereof. All disputes are subject to the jurisdiction of Balasore & Bhadrak only.

Sd/- Principal
Balikhand Degree College,
Balikhand,Balasore



OFFICE OF THE PRINCIPAL
**GOVERNMENT VOCATIONAL HIGHER SECONDARY SCHOOL, SUNABEDA**
SUNABEDA-3, DIST-KORAPUT (ODISHA)PH. 06853-221962 (O)
E-MAIL: sunabedawomenshss94@gmail.com

**Advertisement**

Applications are invited with relevant certificates by Regd. Post/ speed Post/ in person to sponsor the Name for engagement of Guest Faculty in Vocational trade for the session 2025-26. Honorarium as per the Government of Odisha norms. Retired Govt. / HSS teachers below 65 years / in service / fresh candidate having the requisite qualification are eligible to apply. The last date of receiving the application is 17/06/2025. Applications received after the last date shall be summarily rejected. The candidates are informed to remain present at 11:00 A.M. on 18/06/2025 at Govt. Voc. H. S. School, Sunabeda along with original documents / certificates for verification. No TA / DA will be paid for attending the interview.

| TRADE SUBJECT AND VACANCY | QUALIFICATION |
| --- | --- |
| INFORMATION TECHNOLOGY - INFORMATION TECHNOLOGY ENABLED SERVICES (IT-Ites) (ONE) | Bachelor Of Engineering / Technology In Computer Sc./information Technology Or Master In Computer Application Or Master Of Information Technology Or Doeacc B Level Certificate. The Suggested Qualification Is The Minimum Criteria. However, Higher Qualifications Such As Master Of Engineering / technology In Computer Sc. / information Technology Is Acceptable. |
| CATERING AND RESTAURANT MANAGEMENT (CRM) (ONE) | Degree/ Diploma (minimum 3 Years Duration) In Hotel Management And Catering Technology/ Hospitality And Hotel Administration From Any Institute Affiliated To National Council For Hotel Management And Catering Technology/state Board Of Technical Education/ Recognized University Having Minimum 50% Marks In Aggregate With Minimum Two Years Experience In Industry Or Teaching / M.a. Or M.sc. In Home Science With 55% Marks In (i) Home Science / (ii) Nutrition / Nutrition And Dietetics / Equivalent / B.sc. Management And Dietetics Or Equivalent / B.sc. (home Science) With One Year Certificate Course In Food And Beverage Service/ Food Production With One Year Experience In Relevant Trade. |

Sd/- Principal
G.V.H.S.S., SUNABEDA



**AFFIDAVIT**

By virtue of an affidavit No. 1949, dtd. 14.05.2025 before the Executive Magistrate, Banpur, I, Sangita Pradhan, At- Halanda, Po- Badasireipur, Ps.- Banpur, Dist.- Khordha do hereby declare that I have changed my name from Sangita Bisoi to Sangita Pradhan. Henceforth I shall be known as **Sangita Pradhan** instead of Sangita Bisoi for all purposes.

Sd/- Sangita Pradhan



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 02.06.2025,I Kanak Durlia resident of at: Govindapalli, PO: Govindapalli ,P.S Mathili, Dist: Malkangiri, Odisha ,Pin-764044, declare that I have changed my name from Purnima Turlia to Kanak Durlia. Henceforth,I shall be known as Kanak Durlia for all purposes.

Kanak Durlia



**LOST**

I Daulat Kumar Kampa, S/o- Late Surendra Kampa, R/O Sunalarambha, P.o/Tah- Bheden the original sale deed bearing RSD No-721, dt. 09/07/1999 and RSD No-67, dt 17/01/1995 which are executed in favour of Surendra Kampa and Banabasi Kampa have been lost the said original sale deed from my custody when I was traveling on dtd. 26/04/2025 from Sunalarambha to Bheden. I couldn't find out the same with my utmost effort and inquiry.

Daulat Kumar Kampa



**LOST**

By virtue of an affidavit sworn before Notary Public Sohela Dist- Bargarh dated. 03.06.2025, I, **Bijaya Kumar Meher,** S/o Hemanta Kumar Meher, resident of Village/PO- Pada, PS- Bijepur, Dist- Bargarh, (768032) Odisha do hereby declare that, my father had purchased a piece of land at Mouza Pada from its lawful owner by virtue of which RSD No 2223/2008 was prepared before SRO Sohela have been lost on 02/06/2025 in somewhere at my nearest village Pada. If anyone finds it kindly contact to my address or mobile no 7608080890.



**AFFIDAVIT**

I, **Pritty Agrawal,** W/o.: Pawan Kumar Jain, resident of At/PO.: Kandhal, P.S.: Talcher, Dist.: Angul, PIN-759100, Odisha, declare by this affidavit No.: 3470, dated-03/06/2025, that now onwards I shall be known as **PRITTY AGARWALL** for all future purposes.



**AFFIDAVIT**

By virtue of an affidavit sworn before Notary Public Kesinga, dated 27.05.2025 I, Japa Rana, Address At/Po- Kantesir, Ps- Kesinga, Dist- Kalahandi, Odisha, Pin-766012 declare that I have changed my daughter's name from Shusuma Rana to Kunjan Rana. Henceforth, she shall be known as Kunjan Rana for all purposes.

Japa Rana



**AFFIDAVIT**

By virtue of an affidavit No. 3629, dtd. 02.05.2025 in the court of the Executive Magistrate, Umerkote, Dist.- Nabarangpur, I, Sanmati Harijan have changed my name from Sanabati Harijan to Sanmati Harijan. Henceforth I shall be known as Sanmati Harijan instead of Sanabati Harijan for all purposes.

Sd/- Sanmati Harijan



**AFFIDAVIT**

I, Padmabati Jati, W/o- Late Anant Jati, Resident of At-Nakichua, Po- Chinchalgadia, Ps-Rasgovindpur, Dist- Mayurbhanj, Odisha-756030. Declared by affidavit before The Executive Magistrate, Rasgovindpur No.770 / dtd- 29/05/2025 That, my name as Padmabati Jati has been recorded my voter identity card bearing no- OR/02/008/312706, which is true & correct but my Aadhar Card no- 2008 3524 1664 mention Srimati Padmamani Jyoti. I declare that Padmabati Jati & Srimati Padmamani Jyoti same and one person for all future purpose.

Padmabati Jati



**AFFIDAVIT**

I, Mohammad Tabrez Rasool, aged about 35 years, S/o- Mohammed Abdur Raheman, resident of At/Po- Praharajpur, Ps- Kishannagar, Dist- Cuttack, PIN- 754130, Odisha declared by this affidavit No. 481, dtd- 02/06/2025 that now onwards I shall be known as **MD TABREZ RASOOL** for all future purposes.



**AFFIDAVIT**

I, Smita Subhadarshini, W/o- Himansu Sekhar Pradhan, resident of At/Po- Mahipur, Dist- Nayagarh, PIN-752094, Odisha declared by this affidavit No. 1119, dtd- 03/06/2025 that now onwards I shall be known as **SMITA SUBHADARSINI** for all future purposes.



**DOCUMENT LOST**

I, **Susama Sahoo,** W/o- Niranjan Sahoo, resident of Laxmisagar Upper Sahi, Po- Budheswari, Ps- Laxmisagar, Bhubaneswar- 751006, Dist- Khurda, Odisha do hereby declare that, Original ROR having Khata No. 1182/4899, Plot No. 1182/4899, Mouza Bhubaneswar Sahar, Unit No. 30, Laxmisagar-1, Area Ac0.023 decimal, Kissam Gharabari-2 have been lost on 25.05.2025 in somewhere at Laxmisagar Area. If anyone finds it kindly contact to my number: 9438670857.



**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**



**NOTICE**

By virtue of an affidavit sworn before the Notary Public, Cuttack, dated 02.06.2025, I, Sumita Jena W/o- Pradip Kumar Jena, resident of At- Balia, P.O.- Taria, PS- Ranapur, Dist- Nayagarh, Odisha, Pin- 752026 have changed my son's name from Peasants Jena to Prasanta Jena. Henceforth, he shall be known as Prasanta Jena for all purposes.

(Sumita Jena)



**AFFIDAVIT**

I, Smita Subhadarshini Pradhan, W/o- Himansu Sekhar Pradhan, resident of At/Po- Mahipur, Dist- Nayagarh, PIN-752094, Odisha declared by this affidavit No. 1118, dtd- 03/06/2025 that now onwards I shall be known as **SMITA SUBHADARSINI** for all future purposes.



**AFFIDAVIT**

I, Abdur Raheman Mohammad, aged about 64 years, S/o- Mohammed Alay Rarsool, resident of At/Po- Praharajpur, Ps- Kishannagar, Dist- Cuttack, PIN- 754130, Odisha declared by -this affidavit No. 480, dtd- 02/06/2025 that now onwards I shall be known as **MOHAMMED ABDUR RAHEMAN** for all future purposes.



**AFFIDAVIT**

In the Court of Executive Magistrate, Gaisilat. I, **Padmanabha Bhue,** S/o- Bhotdeb Bhue, R/o. At Buromunda, Po/Ps- Gaisilat, Dist- Bargarh solemnly affirm and state as follows, my former name is **Karameswar Bhue** but my assumed name is **Padmanabha Bhue.** I request all person at all time to designate and address me and my wife / husband, children, remoter issue by such assumed name of **Padmanabha Bhue.**

Padmanabha Bhue



**AFFIDAVIT**

I, Taranam Begam, W/o- Taj Mahamada, resident of At- Kumbharpar, PO- Raighar, Dist- Nabarangapur, PIN- 764074, Odisha declared by this affidavit No. 1120, dtd- 03/06/2025 that now onwards I shall be known as **RAHINUM BEGAM** for all future purposes.



**NOTICE (FOR MINOR)**

By virtue of an affidavit sworn before the Court of Sri S.K. Nayak, Executive Magistrate, Dhenkanal dated 04-06-2025, I, Chandrakant Sahoo, S/o. Maguni Sahoo, Village- Gopinathapur, P.O. Singhanath Pith, P.S. Badamba, Dist. Cuttack, PIN-754031 declare that I have changed the name of my son from Chiranjib Arya to Chiranjib Sahoo. Henceforth, he shall be known as Chiranjib Sahoo for all purposes.

(Chandrakant Sahoo)

## ବାଲେଶ୍ୱର ଜିଲ୍ଲାରେ ବୃଦ୍ଧି ପାଇଛି ମାନସିକ ବିକୃତଙ୍କ ସଂଖ୍ୟା

# କାର୍ଯ୍ୟକାରୀ ହେଉନି ମେଣ୍ଟାଲ ହେଲ୍‌ଥ କେୟାର ଆଇନ

ବାଲେଶ୍ୱର, ୪।୬ (ସମିସ)

ଜିଲ୍ଲାରେ ଏବେ ମାନସିକ ବିକୃତ ମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାର ସହରାଞ୍ଚଳରେ ଅଧିକ ମାନସିକ ବିକୃତ ବ୍ୟକ୍ତିମାନେ ଘୁରିବୁଲୁ ଥିବାର ଦେଖିବାକୁ ମିଳିଛି। ଏହି ମାନସିକ ବିକୃତ ପାଗଳ ମାନଙ୍କୁ ଆରୋଗ୍ୟକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ମେଣ୍ଟାଲ ହେଲ୍ଥ କେୟାର ଆକ୍ଟ-୨୦୧୭ ପ୍ରଣୟନ କରିଛନ୍ତି। ଏହି ଆକ୍ଟ ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ କରାଯାଇଛି। ହେଲେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇନି। ମାନସିକ ବିକୃତ ବ୍ୟକ୍ତି ମାନେ ଉପକୃତ ହେଲାଭଳି କୌଣସି ଆଖିଦୃଶିଆ କାର୍ଯ୍ୟ କରାଯାଇନି। ଯେଉଁଥି ପାଇଁ ବାଲେଶ୍ୱର ଜିଲ୍ଲାରେ ପାଗଳା ମାନଙ୍କ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି। ଜିଲ୍ଲାର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ମାନସିକ ବିକୃତ ବ୍ୟକ୍ତିମାନେ ରହିଛନ୍ତି। ବିଶେଷକରି ବାଲେଶ୍ୱର ସହରରେ ପାଗଳଙ୍କ ସଂଖ୍ୟା ଅଧିକ ରହିଛି। ସହରର ଭିନ୍ନଭିନ୍ନ ସ୍ଥାନରେ ଏହି ପାଗଳ ବ୍ୟକ୍ତିମାନେ ଘୁରି ବୁଲୁଥିବା ବେଳେ ରାସ୍ତାରେ ଯାଉଥିବା ଲୋକ ମାନଙ୍କୁ ଅସୁବିଧାରେ ପକାଇ ଥାଆନ୍ତି। ତଥାପି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମାନଙ୍କ ପାଇଁ କୌଣସି ପଦକ୍ଷେପ ନିଆ ଯାଉନି। ଆମ ସମ୍ବିଧାନର ଆର୍ଟିକିଲ -୨୧ ଅନୁସାରେ ବଞ୍ଚିବାର ଅଧିକାର ସମସ୍ତଙ୍କର ରହିଛି। ସେହିଭଳି ପାଗଳ ବ୍ୟକ୍ତି ମାନଙ୍କର ମଧ୍ୟ ବଞ୍ଚିବାର ଅଧିକାର ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ମେଣ୍ଟାଲ ହେଲ୍ଥ କେୟାର ଆକ୍ଟ-୨୦୧୭ ପ୍ରଣୟନ କରାଯାଇଛି। ଏଥି ପାଇଁ



କେନ୍ଦ୍ର ସରକାର ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଆକ୍ଟ ଅନୁସାରେ ମାନସିକ ବିକୃତ ବ୍ୟକ୍ତି ମାନଙ୍କ ଚିକିତ୍ସା ପାଇଁ ଜିଲ୍ଲା ସ୍ତରରେ ମେଣ୍ଟାଲ ହେଲ୍ଥ ରିଭ୍ୟୁ ବୋଡର୍ ଗଠନ କରାଯିବ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ। ବିଭିନ୍ନ ସ୍ଥାନରେ ଘୁରି ବୁଲୁ ଥିବା ପାଗଳ ମାନଙ୍କୁ ବୋର୍ଡର ସଦସ୍ୟ ମାନେ ଚିହ୍ନଟ କରି ପୋଲିସ ସହାୟତାରେ ସେମାନଙ୍କୁ ଧରି ଆଣି ଚିକିତ୍ସା ଯୋଗାଇ ଦେବେ। ପରେ ସେମାନଙ୍କ ସହିତ କାଉନସେଲିଂ କରାଯାଇ ତାଙ୍କ ପରିବାର ଲୋକଙ୍କ ଯୋଗାଯୋଗ କରାଯିବ। ମାତ୍ର ବାଲେଶ୍ୱରରେ ମାନସିକ ବିକୃତ ମାନଙ୍କ ପାଇଁ ଏଭଳି କିଛି ବ୍ୟବସ୍ଥା କରାଯାଇନି। ଏ ନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାନସିକ ବିକୃତ ଥିବା ପାଗଳ ମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଚିକିତ୍ସା କରାଯିବା ସହିତ କାଉନସେଲିଂ କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି। ଏ ବାବଦରେ ସମାଜସେବୀ ପ୍ରଶାନ୍ତ ପାଢ଼ୀ କହିଛନ୍ତି, ସରକାର ମାନସିକ ବ୍ୟକ୍ତି ମାନଙ୍କ ପାଇଁ ମେଣ୍ଟାଲ ହେଲ୍ଥ କେୟାର ଆକ୍ଟ ପ୍ରଣୟନ କରିଛନ୍ତି। ବର୍ଷକୁ କୋଟିକୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ହେଲେ ଜିଲ୍ଲା ପ୍ରଶାସନ ସ୍ତରରେ ଏହା କାର୍ଯ୍ୟକାରୀ ହେଉନାହିଁ। ଯଦି ହୁଅନ୍ତା ତାହାଲେ ସହରରେ ପାଗଳଙ୍କ ସଂଖ୍ୟା ହ୍ରାସ ପାଇବା ପରିବର୍ତ୍ତେ ବୃଦ୍ଧି ପାଇଛି କେମିତି ବୋଲି ଶ୍ରୀ ପାଢ଼ୀ ପ୍ରଶ୍ନ କରିଛନ୍ତି।

**● ଓଡ଼ିଶା-ପଶ୍ଚିମବଂଗ ଆନ୍ତରାଜ୍ୟ ସୀମା ନିର୍ଦ୍ଧାରଣ**

## ଓସାକ୍ ପକ୍ଷରୁ ୩ ଦିନିଆ ସର୍ଭେ ଆରମ୍ଭ

ଜଳେଶ୍ୱର ବ୍ଲକ, ୪।୬ (ସମିସ୍) : ଓଡିଶାର ଉତ୍ତର ଉପାନ୍ତ ଅଂଚଳର ୮୧ଟି ଗାଁ ପଶ୍ଚିମବଂଗକୁ ଲାଗିଥିବା ବେଳେ କେତେକ ସ୍ଥାନରେ ପଶ୍ଚିମବଂଗର ବିସ୍ତାରବାଦ ମନୋଭାବ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଚାଲିଛି। ସେହିପରି ଉଭୟ ରାଜ୍ୟର ସୀମା ତଥା ଜଳେଶ୍ୱର ବ୍ଲକ ଦେଇ ପ୍ରବାହିତ ହୋଇଥିବା ସୁବର୍ଣ୍ଣରେଖା ନଦୀର ୧୦ କି.ମି ଅଂଚଳ ବିବାଦୀୟ ଥିବା ବେଳେ ପଶ୍ଚିମବଂଗର ବାଲି ମାଫିଆମାନେ ଯୋର ଜବରଦସ୍ତ ଏହି ସ୍ଥାନମାନଙ୍କରୁ ବାଲି ଉତ୍ତୋଳନ କରି ନେଉଛନ୍ତି। ଫଳରେ ଓଡିଶା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀର ଗତି ପରିବର୍ତ୍ତନ ଯୋଗୁଁ ଓଡିଶାର ନଦୀକୂଳିଆ ଗାଁ ମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇ ହାଇଛି। ଏ ସଂପର୍କରେ ପୂର୍ବରୁ ଉଭୟ ରାଜ୍ୟର ଜିଲାସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସମାଧାନ ହୋଇ ପାରି ନାହିଁ। ପୂର୍ବରୁ ସୀମା ନିର୍ଦ୍ଧାରଣ ଲାଗି ଓସାକ୍ ପକ୍ଷରୁ ଜିଓଟେକ୍ ମାଧ୍ୟମରେ ପିଲର ସ୍ଥାପନ କରାଯାଇଥିଲେ ମଧ୍ୟ ପଶ୍ଚି ମବଂଗ ସରକାର ଏହାକୁ ମାନିବାକୁ ନାରାଜ। ତେଣୁ ପୁଣି ଆଉଥରେ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ୬ଟି ଗାଁର ସୀମା ନିର୍ଦ୍ଧାରଣ ନେଇ ପ୍ରୟାସ ଆରମ୍ଭ ହୋଇଛି। ମକରାମପୁର, ଦକ୍ଷିଣପ୍ରହରାଜପୁର, ପ୍ରହରାଜପୁର, ବେହେରାସାହି, ତୋଟାପଡା, ଗୋବରଘଟା ଇତ୍ୟାଦି ଗାଁ ନିକଟରେ ସୀମା ନିର୍ଦ୍ଧାରଣ ମାପଚୁପ ଆରମ୍ଭହୋଇଥିବା ବେଳେ ଓସାକର ବୈଜ୍ଞାନିକ ନକୁଳ ନାୟକ, ସୁରୋଜ କୁମାର ସାହୁ, ଜଳେଶ୍ୱର ତହସିଲଦାର ଗୌରାଙ୍ଗ ଚରଣ ଘୋଷ, ରାଜସ୍ୱ ବିଭାଗ ପକ୍ଷରୁ ନିଶିକାନ୍ତ ସିଂ, ଜଗନ୍ନାଥ ବେହେରା, ପ୍ରତାପ ଇଂଜ, ଗୌରାଙ୍ଗ ଚରଣ ଜେନା ପ୍ରମୁଖ ଆସନ୍ତା ୫ତାରିଖ ପର୍ଯ୍ୟନ୍ତ ମାପଚୁପ ଚଳାଇବେ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

## ଦିଅର ଭାଉଜଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି, ୪।୬ (ସମିସ): ସୁଦଶା ବ୍ରତ ପାଇଁ ଫୁଲ, ବେଲପତ୍ର ଆଣିବାକୁ ଯାଇଥିବା ବେଳେ ଜଣେ ମହିଳା ସମେତ ଦିଅରଙ୍କୁ ପାଖ ପଡୋଶୀ ଯୁବକଜଣକ ଆକ୍ରୋଶ ମୂଳକଭାବେ ଆକ୍ରମଣ କରିଥିବା ବେଳେ ଉଭୟ ଦିଅର ଭାଉଜ ଗୁରୁତର ଆହତ ହୋଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ନୀଳଗିରି ଏନଏସି ୨ନଂ ୱାର୍ଡ ଘାଟଘରସାହି ଗ୍ରାମର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ପତ୍ନୀ ବିଷ୍ଣୁପ୍ରିୟା ବାଗ(୫୩) ସୁଦଶାବ୍ରତ ଉପଲକ୍ଷେ ନିଜ ଝିଅାରୀ ମନିଷାଙ୍କ ସହିତ ଫୁଲ, ଦୁବ, ବେଲପତ୍ର ସଂଗ୍ରହକରି ଘରକୁ ଫେରୁଥିବା ସମୟରେ ପାଖ ପଡୋଶୀ ତଥା ସମ୍ପର୍କୀୟ ଦିଅର ସୁବ୍ରତ ବାଗ ଓରଫ ପାପା ହଠାତ୍ ବିଷ୍ଣୁପ୍ରିୟାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ପାପା ଓରଫ ସୁବ୍ରତ ନିଜଘରୁ ଏକ ଧାରୁଆ କଟୁରୀ ଆଣି ମହିଳାଙ୍କ ବେକକୁ ଲକ୍ଷ୍ୟକରି ହାଣିବା ସମୟରେ ମହିଳା ଜଣକ ବୁଲିପଡ଼ିବାରୁ ମୁଣ୍ଡରେ ବାଜିଥିଲା। ଏଥିସହ ସେହି କଟୁରିରେ ମହିଳାଙ୍କ ଗୋଡ଼ ଓ ଶରୀରର ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ମହିଳା ଓ ଝିଅାରୀ ଭୟଭୀତ ହୋଇ ପାଟି କରିବାରୁ ମହିଳାଙ୍କ ଦିଅର ରମେଶ ବାଗ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିବାରୁ ଏଥିରେ ଉତକ୍ଷିପ୍ତ ହୋଇ ସୁବ୍ରତ ରମେଶଙ୍କୁ ଉକ୍ତ କଟୁରୀରେ ପାଲଟା ଆକ୍ରମଣ କରିଥିଲେ। ଫଳରେ ରମେଶଙ୍କର ବାମ ହାତରେ ଗଭୀର ଆଘାତ ହୋଇଥିଲା। ପାଟିତୁଣ୍ଡ ଶୁଣି ସ୍ଥାନୀୟ ବାସିନ୍ଦା ପହଞ୍ଚିଯିବା ଫଳରେ ସୁବ୍ରତ ଘରକୁ ଫେରିଯାଇଥିବା ସମୟରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଉଭୟ ଦିଅର ଓ ଭାଉଜଙ୍କୁ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରାଯାଉଥିବା ସୂଚନା ରହିଥିବା ବେଳେ ମହିଳା ଜଣକ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଦାବି

କାଳିପଦା, ୪।୬ (ସମିସ): ବାଲିଆପାଳ ବ୍ଲକ ଡଗରା ଚୌମୁଖ ସମୁଦ୍ର ବେଳାଭୂମିରେ ବହୁ ସଂଖ୍ୟାରେ ନୀଳ



ରକ୍ତ କଙ୍କଡା ଦେଖା ଯାଆନ୍ତି। କଙ୍କଡାର ସୁରକ୍ଷା କରାଯାଉ ନ ଥିବାରୁ କଙ୍କଡା ବଂଶ ଲୋପ ପାଇବାକୁ ବସିଲାଣି। ପରିବେଶବିତଙ୍କ ପାଇଁ ଏହା ଏବେ ଚିନ୍ତାର କାରଣ ହୋଇଛି। ଏହି କଙ୍କଡାର ରକ୍ତ ନୀଳ ରଙ୍ଗର। ଏହାର ଔଷଧୀୟ ଗୁଣ ଭରପୂର ହୋଇ ରହିଛି। ଭାରତରେ ଏହି କଙ୍କଡା ପର୍ଯ୍ୟାପ୍ତ ସଂଖ୍ୟାରେ ଦେଖା ଯାଆନ୍ତି। ବାଲେଶ୍ୱର ସମୁଦ୍ର ଓ ସମୁଦ୍ର ବେଳାଭୂମିରେ ମୁଖ୍ୟତଃ ଏହି କଙ୍କଡା ବହୁ ସଂଖ୍ୟାରେ ଦେଖା ଯାଆନ୍ତି। ଚୀନ ଓ ଆମେରିକାର ବୈଜ୍ଞାନିକମାନେ ନୀଳ ରକ୍ତ କଙ୍କଡାର ରକ୍ତକୁ ପରୀକ୍ଷାଗାରରେ ଗବେଷଣା କରି ବହୁ ମାରାତ୍ମକ ରୋଗର ନିଦାନ ପାଇଁ ଔଷଧ ଭାବରେ ବ୍ୟବହାର କରୁଛନ୍ତି। ଏହା ଭାରତୀୟ ବୈଜ୍ଞାନିକଙ୍କ ପାଇଁ ନୂଆ ଆଶାର ସଂଚାର କରିଛି। ମାତ୍ର ଏହି କଙ୍କଡାର ସୁରକ୍ଷା ନ ହେଲେ ସବୁ ଯୋଜନା କାମରେ ଆସିବ ନାହିଁ ବୋଲି ଏବେ ଚର୍ଚ୍ଚା ହେଉଛି। କଙ୍କଡା ଗୁଡିକ ଧୀବରମାନଙ୍କ ଜାଲରେ ପଡି ମୃତ୍ୟୁବରଣ କରୁଛନ୍ତି। ସମୁଦ୍ର ବେଳାଭୂମିରେ ଏବେ ଶହ ଶହ ମଲା ନୀଳ ରକ୍ତ କଙ୍କଡା ମରି ପଡ଼ିଥିବା ଦେଖିବାକୁ ମିଳୁଛି। ନୀଳ ରକ୍ତ କଙ୍କଡାର ସୁରକ୍ଷା ପାଇଁ ଅଭୟାରଣ୍ୟ ଓ ବିଶ୍ୱ ସ୍ତରୀୟ ଗବେଷଣାଗାର ପ୍ରତିଷ୍ଠା ପାଇଁ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ନୀଳ ରକ୍ତ କଙ୍କଡା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚର ସଭାପତି କେଶୁ ଦାସ ପ୍ରକାଶ କରିଛନ୍ତି। ଏ ନେଇ ମଞ୍ଚ ବାଲିଆପାଳରେ ଏକ ସଚେତନତା ସଭା କରିବ ବୋଲି ସଭାପତି ଶ୍ରୀ ଦାସ ମଧ୍ୟ କହିଛନ୍ତି।

## ବାଂଲାଦେଶୀ ସନ୍ଦେହରେ ସୀମାନ୍ତରେ ପରିଚୟ ପତ୍ର ଯାଞ୍ଚ

ଚନ୍ଦନେଶ୍ୱର, ୪।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଉପାନ୍ତ ଅଞ୍ଚଳରେ ବହୁ ବାଂଲାଦେଶୀ ବସବାସ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବିଶେଷ କରି ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁର ଗ୍ରାମରେ ରହୁଥିବା ରୂପଜୀବୀମାନେ ସବୁ ବାଂଲାଦେଶୀ ବୋଲି ଗାଁ ଲୋକେ ତାଳସାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ବାଂଲାଦେଶୀ ସନ୍ଦେହରେ ସାହାବାଜିପୁରରେ ରହୁଥିବା ୫୫ ଜଣ ଯୁବକ, ଯୁବତୀଙ୍କ ପରିଚୟ ପାତ୍ର ଯାଞ୍ଚ ପାଇଁ ପଠାଯାଇଛି। ସେଣ୍ଟ୍ରାଲ ବ୍ୟୁରୋ ପକ୍ଷରୁ ଯାଞ୍ଚ କରାଯାଇ ରିପୋର୍ଟ ଆସିବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ, ପଶ୍ଚିମବଙ୍ଗ ଦୀଘାରେ ଦେହ ବେପାର କରୁଥିବା ରୂପଜୀବୀମାନେ ସାହାବାଜିପୁର ଗ୍ରାମରେ ଘର ଭଡ଼ାରେ ରହୁଥିବା ନେଇ ତାଳସାରୀ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ବହୁ ଫେରିବାଲା ମଧ୍ୟ ଏହି ଗାଁରେ ରହୁଛନ୍ତି। ସେମାନେ ପଶ୍ଚିମବଙ୍ଗର ଅଧିବାସୀ ବୋଲି ନକଲି ପରିଚୟ ପତ୍ର ଦେଖାଇ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ କରିଆସୁଛନ୍ତି। ସେମାନଙ୍କୁ ହଟାଇବା ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ିବା ପରେ ପୁଲିସ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସାହାବାଜିପୁର ଗାଁରେ ଭଡ଼ାରେ ରହୁଥିବା ଯୁବକ ଯୁବତୀଙ୍କୁ ବାଂଲାଦେଶୀ ସନ୍ଦେହରେ ସେମାନଙ୍କର ଫୋଟ, ଆଧାରକାର୍ଡ, ମୋବାଇଲ ନମ୍ବର ସଂଗ୍ରହ କରାଯାଇ ସେଣ୍ଟ୍ରାଲ ବ୍ୟୁରୋକୁ ପଠାଯାଇଛି। ସେଠାରେ ତଦନ୍ତ ହୋଇ ସେମାନଙ୍କର ସମ୍ପୂର୍ଣ୍ଣ ତଥ୍ୟ ବାହାର କରାଯିବ। ସେମାନେ ପ୍ରକୃତରେ ପଶ୍ଚିମବଙ୍ଗର ନା ବଙ୍ଗର କିଛି ବର୍ଷ ରହି ପରିଚୟ ପତ୍ର ହାସଲ କରିଥିବା ତଦନ୍ତରେ ଜଣାପଡିବ। ରିପୋର୍ଟ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରସାଶନ ତରଫରୁ ଯୁବକ, ଯୁବତୀଙ୍କ ପରିଚୟ ଯାଞ୍ଚ ପାଇଁ ପଠାଇବା ପରେ ଅନେକ ଗାଁ ଛାଡି ଅନ୍ୟତ୍ର ପଳାଇଗଲେଣି। ଖାଲି ସାହାବାଜିପୁର ଗାଁ ନୁହେଁ ସ୍ଥାନୀୟ ମୁଣ୍ଡାବଣିଆ, ଚଣ୍ଡୀପୁର, କଖଡ଼ା, ଜଗନ୍ନାଥପୁର ଆଦି ବିଭିନ୍ନ ଗାଁରେ ବହୁ ଅପରିଚିତ ଲୋକ ରହୁଥିବା ଦେଖିବାକୁ ମିଳେ। ସମସ୍ତଙ୍କ ପରିଚୟ ପତ୍ର ଯାଞ୍ଚ କରିବା ପାଇଁ ସାଧାରଣରେ ଦାବୀ ହେଉଛି।

## ଗୋ ଚାଲାଣକୁ ବିରୋଧ କରିବାରୁ ଘରେ ପଶି ହତ୍ୟା ଧମକ

ଜଳେଶ୍ୱର ବ୍ଲକ, ୪।୬ (ସମିସ) : ଜଳେଶ୍ୱର ବ୍ଲକର ଆକିନା ପଶ୍ଚିମବାଡର୍ ରାସ୍ତା, ପାରୁଳିଆ ଘାଟ, ଧର୍ମଦ୍ୱାର, ଆମ୍ବିଳିଅଠା ରାସ୍ତା ଦେଇ ଶହ ଶହ ଗୋରୁଙ୍କୁ ଚାଲାଣ କରାଯାଉଛି। ଏ ବାବଦରେ ପୁଲିସ ପ୍ରଶାସନକୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ ଗୋ ଚାଲାଣ ଉପରେ ଲଗାମ ଲାଗିପାରୁନାହିଁ। ଗତ ଜୁନ ୧ ତାରିଖ ଦିନ କିଛି ଗୋ ମାଫିଆ ଆକିନା ପଶ୍ଚିମବାଡର୍ ରାସ୍ତା ଦେଇ ଗାଈ, ଗୋରୁମାନଙ୍କୁ ଚାଲାଣ କରୁଥିବାର ଦେଖି ସ୍ଥାନୀୟ ଲୋକ ଗାଈ କେଉଁଠାରୁ ଆଣିଲ ଏବଂ କୁଆଡେ ନେବ ବୋଲି ପ୍ରଶ୍ନ କରିଥିଲେ। ଦଲାଲମାନେ ଗାଈଙ୍କୁ ହତ୍ୟା କରିବାକୁ କଂସେଇ ଖାନା ନେଉଥିବାର ପ୍ରକାଶ କରିବାରୁ ସ୍ଥାନୀୟ ଲୋକ ଏବଂ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଏହାକୁ ବିରୋଧ କରିଥିଲେ। ପରେ ଗୋ ମାଫିଆମାନେ ଖସି ପଳାଇଥିଲେ। ଉକ୍ତ ଦିନ ୫ ଜଣ ଗୋ ମାଫିଆ ବାଇଗଣବାଡିଆ ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଳ ଗ୍ରାମର ଚିନ୍ମୟ ବାରିକଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁରଜ କରିଥିଲେ। ଘରୁ ବାହାରି ବଜାରକୁ ଗଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଚିନ୍ମୟ ଏ ନେଇ ବାଲେଶ୍ୱର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ରଶ୍ମିରଞ୍ଜନ ଦାସଙ୍କୁ ଯୋଗାଯୋଗ କରିବାରୁ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର ସଦସ୍ୟମାନେ ପହଞ୍ଚି ତାଙ୍କୁ ସୁରକ୍ଷା ଦେବା ସହ ପ୍ରଥମେ ଜଳେଶ୍ୱର ଥାନାଧିକାରୀଙ୍କୁ ଭେଟିଥିଲେ। ଜୁନ ୩ ତାରିଖ ଦିନ ନାମ୍ପୋ ଫାଣ୍ଡିଅଧିକାରୀ କରଣ ମାରାଣ୍ଡିଙ୍କୁ ଚିନ୍ମୟ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଏ ନେଇ ଫାଣ୍ଡିଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ରଶ୍ମିରଂଜନ ଦାସ, ବିପ୍ଳବ ପ୍ରଧାନ, ସାଗର ଦାସ, ଓରିନ ମହାନ୍ତି, ସଂଗ୍ରାମ ଜେନା, ଓଁକାର ଭୂୟାଁ, ଗଜେନ୍ଦ୍ର ନାଥ ଖମାରୀ, ସୁଜିତ ପାତ୍ର, ଶୁଭଙ୍କର ଜେନା, ରିଙ୍କୁରାଜ ମିଶ୍ର, ରାମଚନ୍ଦ୍ର ଦାସ, କାହ୍ନୁ ଚରଣ ଦାସ, ଗିରିଜାଶଙ୍କର ବାରିକ, ଜୟକୃଷ୍ଣ ମାଝୀ, ସଞ୍ଜୟ ମାଝୀ, ସତ୍ୟ ଜେନା, ଗଣେଷ ବାରିକ, ବିକ୍ରମ ବାରିକ, ଅଞ୍ଜନ ପାତ୍ର, ଗୌତମ ଦାସ ପ୍ରମୁଖ ନାମ୍ପୋ ଫାଣ୍ଡିଧିକାରୀଙ୍କୁ ଭେଟି ଗୋ ଚାଲାଣ ବନ୍ଦ କରିବାକୁ ପଦେକ୍ଷେପ ନେବା ସହ, ଚିନ୍ମୟ ବାରିକଙ୍କୁ ସୁରକ୍ଷା ପ୍ରଦାନ ଏବଂ ଗୋ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

## ନୂଆସାହିରେ ହାତୀ ଉପଦ୍ରବ

ସୋର, ୪।୬ (ସମିସ): ସୋର ବ୍ଲକ ସିଙ୍ଗାଖୁଣ୍ଟା ପଂଚାୟତ ନୂଆସାହିରେ ଗତକାଲି ରାତିରେ ହାତି ଉପଦ୍ରବ ଦେଖିବାକୁ ମିଳିଛି। ଏହି ଗ୍ରାମର ନିରାକାର କବି ଘରେ ଏକା ଥିବା ବେଳେ ତାଙ୍କ ବାଡ଼ିରେ ଏକ ଦନ୍ତାହାତୀ ପଶିବା ସହିତ ବାଡ଼ିରେ ଥିବା ବିଭିନ୍ନ ଗଛ ଭାଙ୍ଗିଥିଲା। ହାତୀର ଶବ୍ଦ ଶୁଣି ନିରାକାର ଭୟଭୀତ ଥିବା ବେଳେ ସମାନ ଅବସ୍ଥାକୁ ସାମ୍ନା କରିଥିଲେ ଗ୍ରାମର ଯୁଧିଷ୍ଠିର ବେହେରା। ତାଙ୍କ ବାଡ଼ିରେ ମଧ୍ୟ ହାତୀ ପଶିବା ସହିତ ଗଛପତ୍ର ଭାଙ୍ଗିଥିବା ଜଣାପଡିଛି। ବାରମ୍ବାର ଏହି ଅଂଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଥିବାରୁ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ଜିଲ୍ଲାସ୍ତରୀୟ ବାର୍ଷିକ ଇଜ୍‌ତେମା

ସୋର, ୪।୬ (ସମିସ): ସୋର ଅହମଦୀୟା ମୁସଲିମ ଜମାତ ଆନୁକୂଲ୍ୟରେ ଜିଲ୍ଲା ବାଲେଶ୍ୱର ଓ ଭଦ୍ରକ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ବାର୍ଷିକ ଇଜତେମା ଉଦ୍‌ଯାପିତ ହୋଇଛି। ଏହି ବାର୍ଷିକ ଇଜତେମା ଦୁଇ ଦିନ ଧରି ଚାଲିଥିଲା। ଏଥିରେ ଅହମଦୀୟା ମୁସଲିମ ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ଦୁଇଟି ଆନ୍ତଃ ସଂଗଠନ ଲଜନା ଇମାଉଲ୍ଲାଃ ଓ ନାସିରାତୁଲ ଅହମଦୀୟା ସଂଗଠନର ଅନେକ ସଦସ୍ୟା ସକ୍ରିୟ ଅଂଶଗ୍ରହଣ କରିଥିଲେ। ବାର୍ଷିକ ଇଜତେମାରେ ମହିଳାମାନଙ୍କ ମଧ୍ୟରେ ପବିତ୍ର କୋରାନ ଆବୃତ୍ତି, ଉର୍ଦ୍ଦୁ ଓ ଓଡିଆ ନଜମ ସଂଗୀତ, ବକ୍ତୃତା ଓ କୁଇଜ ଭଳି ଧାର୍ମିକ ପ୍ରତିଯୋଗିତା ତଥା କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ବାଲେଶ୍ୱର, ଗଡପଦା, ରାଉରକେଲା, ଯାଜପୁର,




ତାରାକୋଟ, ବେଲପୁର, ହଳଦୀପଦା, ବାରିପଦା ଏବଂ ସୋର ସଂଗଠନ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗିମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ସଭାନେତ୍ରୀଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ଏହି ଅବସରରେ ମହିଳା ସଂଗଠନ ପକ୍ଷରୁ ବୁକ୍ ଷ୍ଟଲ୍ ତଥା ହସ୍ତଶିଳ୍ପର ଏକ ପ୍ରଦର୍ଶନୀ ରଖା ଯାଇଥିଲା। ଯାହା ମହିଳାମାନଙ୍କୁ ଖୁବ ପ୍ରେରଣା ଯୋଗାଇଥିଲା। ଉଦଯାପନୀ ଉତ୍ସବରେ ଜିଲ୍ଲା ମହିଳା ସଂଗଠନ ଲଜନା ଇମାଉଲ୍ଲାଃର ସଭାନେତ୍ରୀ ଫାଏଜା ଜାହିଦା ପୌରୋହିତ୍ୟ କରିଥିଲେ। ତାଙ୍କ ସହ ଜିଲ୍ଲା ଉପ-ସଭାନେତ୍ରୀ ନବିଲା ଓଦୁଦ୍ ସହଯୋଗ କରିଥିଲେ। ସେହିଭଳି ପ୍ରଦତ୍ତ ପ୍ରତ୍ୟେକ ଗ୍ରାମ ମହିଳା ସଂଗଠନର ସଭାନେତ୍ରୀମାନେ ମଧ୍ୟ ଉପସ୍ଥିତ ରହି ଏହି ବାର୍ଷିକ ଇଜତେମାରେ ନିଜର ବହୁମୂଲ୍ୟ ସେବା ଓ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସାଧାରଣ ସମ୍ପାଦିକା ନୁସରତ ଜାହାଁ। ସମ୍ମାନିତ ଅତିଥି ଭାବେ ମଜଲିସ ଅନସାରୁଲ୍ଲାଃର ନାଜିମ ଜିଲ୍ଲା ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଅବ୍ଦୁଲ ଓଦୁଦ୍ ଖାନ, ସୋର ଅହମଦୀୟା ମୁସଲିମ ସଂଗଠନର ସଭାପତି ଅବ୍ଦୁଲ ଜହୁର ଖାନ, ବାଲେଶ୍ୱରର ମୌଲାନା ନବିଦୁଲ ଫତାଃ, ଭଦ୍ରକର ମୌଲାନା ମିର ଅବ୍ଦୁଲ ହଫିଜ, ସୋରର ମୌଲାନା ଶରିଫ ଖାନ, ତାରାକୋଟର ମୌଲାନା ସେକ ଅଲ୍ଲି କାଦିର ଓ ହଳଦୀପଦାର ମୌଲାନା ସେକ ଫଖରୁଦ୍ଦିନ ଯୋଗ ଦେଇଥିଲେ।

## ସମାଜ ସେବୀଙ୍କ ପରଲୋକ

ଜଳେଶ୍ୱର ବ୍ଲକ, ୪।୬ (ସମିସ) : ଏହି ବ୍ଲକ ଚମାରଗାଁ ଗ୍ରାମର ରତ୍ନାକର ଦାସଙ୍କ ପୁତ୍ର ରାଜେଶ କୁମାର ଦାସ (୫୬)ଙ୍କ ପରଲୋକ ଘଟିଛି। ଆଜି ଭୋର ସମୟରେ ଶ୍ୱାସଜନିତ ସମସ୍ୟା ଅନୁଭବ ହେବାରୁ ପରିବାର ପକ୍ଷରୁ ତାଙ୍କୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସେ ଗ୍ରାମରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ତାଙ୍କ ଅକାଳ ବିୟୋଗରେ ପୂର୍ବତନ ସରପଞ୍ଚ ହେମନ୍ତ ଗିରି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## କାଳବୈଶାଖୀ; ତାତିରୁ ମିଳିଲା ଆଶ୍ୱସ୍ତି

ବାଲେଶ୍ୱର,୪।୬(ସମିସ): ଗତ କିଛି ଦିନ ଧରି ବାଲେଶ୍ୱରରେ ଅତ୍ୟଧିକ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିଲା। ଏପରିକି ଦିନ ୧୧ଟା ଠାରୁ ବାହାରକୁ ଯିବା ପାଇଁ ଲୋକେ ଡରୁଥିବା ବେଳେ ରାସ୍ତାଘାଟ ଶୂନଶାନ ହୋଇପଡୁଥିଲା। ତେବେ ଆଜି ଅପରାହ୍ନ ୨ଟା୩୦ରେ କାଳବୈଶାଖୀର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହୋଇଥିଲା। ପାଖାପାଖି ଏକ ଘଂଟାରୁ ଅଧିକ ସମୟ ଧରି କଳାହାଣ୍ଡିଆ ମେଘ ସହ ବିଜୁଳି ଓ ଘଡଘଡି ଜୋର ମାରିଥିଲା।

## ପ୍ରଦୂଷଣ ବଢ଼ାଉଛି ବେଆଇନ ଇଟାଭାଟି

ଜଳେଶ୍ୱର ବ୍ଲକ, ୪।୬ (ସମିସ) : ଆଜି ସାରା ବିଶ୍ୱ ପରିବେଶ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ ହେଉଥିବା ବେଳେ ସରକାରୀ ଭାବେ ପ୍ରଦୂଷଣ ପାଇଁ କଡାକଡି ନିୟମ ପ୍ରଣୟନ କେବଳ କାଗଜ କଲମରେ ସୀମିତ ହୋଇ ରହିଯାଇଛି। ସରକାର ପ୍ରଦୂଷଣ ମୁକ୍ତ ପାଇଁ ଇ-ମୋଟର ଯାନ ଗୁଡ଼ିକ ଉପରେ କୋଟି କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରୁଛନ୍ତି, ପ୍ରଦୂଷଣ ଯୋଗୁ ବିଭିନ୍ନ କ୍ୟାନସର ଭଳି ମାରାତ୍ମକ ରୋଗ ବଢ଼ିଚାଲିଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ



ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଦୂରର କଥା ଏଠାରେ ଖୁଲମଖୁଲା ପରିବେଶ ପ୍ରଦୂଷଣ କରୁଚନ୍ତି ଜଳେଶ୍ୱର ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ବେଆଇନ୍ ମାଟି ଇଟା ଭାଟି। ଜନବସତିକୁ ଲାଗି ଚାଲିଛି ସେଥିରୁ ନିର୍ଗତ କଳା ଧୂଆଁ ପାଖ ଜନବସତିର ଲୋକଙ୍କୁ ରୋଗାଗ୍ରସ୍ତ କରିବା ସହିତ ପନିପରିବା ଚାଷକୁ ମଧ୍ୟ ନଷ୍ଟ କରିବାକୁ ବସିଲାଣି। ତତ୍ ସହିତ ବେଆଇନ୍ ଭାବେ ପରିବେଶ ଓ ଜଙ୍ଗଲକୁ ନଷ୍ଟ କରି ଚାଲିଛି। ନଦୀ ଗର୍ଭରୁ ବାଲି ଉତ୍ତୋଳନ ସବୁଠାରୁ ବଡ଼ କଥା ଯିଏ ଏହି ପ୍ରଦୂଷଣକୁ ରକ୍ଷା କରିବ ସେ ହେଉଛି ବୃକ୍ଷ ଏବେ ନିରାଶ୍ରୟରେ ଚାଲିଛି ଗଛ କଟା ଦିନ ରାତି ଜଳେଶ୍ୱର ଅଞ୍ଚଳରୁ ହଜାର ହଜାର ଗଛ କଟା ଯାଇ ପଡ଼ୋଶୀ ପଶ୍ଚିମ ବଙ୍ଗର ଇଟା ଭାଟିକୁ ଜାଳେଣୀ ଭାବେ ଚାଲାଣ ହେଉଛି। ବନ ବିଭାଗ ଚିର ନିଦ୍ରାରେ। ପରିବେଶ ବୋର୍ଡର କଟକଣା ଏନ୍‌ଜିଟିର ଛାଟକୁ ଖାତିର ନ କରି ଚାଲିଛି ବେଆଇନ୍ ମୋରମ ସାଙ୍ଗକୁ ମାଟି ଖୋଳା। ଖଣି ବିଭାଗର ନିଦାବିଷ୍ଣୁ ପାଇଁ ଜଳେଶ୍ୱର ଅଞ୍ଚଳରୁ ବଢିଚାଲିଛି ବେଆଇନ ଖଣିଜ ପଦାର୍ଥ ଲୁଟ। ଯାହା ଫଳରେ ପରିବେଶ ପ୍ରତି ଆଗାମୀ ଦିନରେ ବଡ କ୍ଷତି କାରକ ହେବ ବୋଲି ବିଭିନ୍ନ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

# ବାବା ସିଦ୍ଧେଶ୍ୱର ମହାଦେବଙ୍କ ପାଟପର୍ବ ଉଦ୍‌ଯାପିତ

ଭୋଗରାଇ, ୪।୬ (ସମିସ)

ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ କଳାହି ଗ୍ରାମସ୍ଥ ବାବା ସିଦ୍ଧେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ପାଟପର୍ବ ମଙ୍ଗଳବାର ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦଯାପିତ ହୋଇଯାଇଛି। ଜୀଉଙ୍କଠାରେ ୧୧ ଦିନଧରି ଉପବୀତ ଧାରଣ କରି ଭକ୍ତ ମାନେଛେପ ନ ଢ଼ୋକି ଶିବଙ୍କୁ ଆରାଧନା କରି ଅର୍ଘ୍ୟ ଦାନପରେ ହବିସାନ୍ନ ଭୋଜନ କରିଆସୁଥିଲେ। ସୋମବାର ମହାନୀଳ ପର୍ବ ପାଳିତ ହୋଇଥିଲା ବେଳେ ଅପରାହ୍ନରେ ଶତାଧିକ କାଉଡ଼ିଆ ଭକ୍ତ ବାବାଙ୍କ ଠାରେ ଜଳାଭିଷେକ କରିଥିଲେ। ମଙ୍ଗଳବାର ବାବାଙ୍କ ପୀଠରେ ପାଟପର୍ବ ଅନୁଷ୍ଠିତ ହୋଇଥିଲା ବେଳେ କାଳାହି ହାକାଣ୍ଡ ପୋଖରୀରୁ ପାଟଭକ୍ତ,



ଶ୍ରୀବେକଡି, ଦେଉଳିଆ ଓ ଶୈବଭକ୍ତମାନେ ସାହାନାଇ, ଢାକ, ଢୋଲ, ବାଦ୍ୟରେ ଶିବ ଦୁର୍ଗା ଚଳନ୍ତି ଘଟକୁ ମସ୍ତକରେ ମୁଣ୍ଡାଇ ବାଦ୍ୟର ତାଳେତାଳେ ଶୈବ ନୃତ୍ୟ ପ୍ରଦର୍ଶନ କରି ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗିଥିଲା। ପାଟପର୍ବରେ ରଙ୍ଗୀନ ଆଲୋକ ମାଳାରେ ପଞ୍ଚୁମୁଣ୍ଡିଆ ଉଦ୍ଭାସିତ ହୋଇଥିବାବେଳେ ଶିବଦୁର୍ଗା ରାକ୍ଷସ ମୂର୍ତ୍ତି ମେଳାରେ ଭିନ୍ନ ଆକର୍ଷଣ ସୃଷ୍ଟିକରିଥିଲା। ଏତଦ୍ ବ୍ୟତୀତ ଭୋଳାନାଥଙ୍କ ଠାରେ ଶୈବ ଦଣ୍ଡ ନୃତ୍ୟ, ନିଜଶରୀରରେ ଭକ୍ତମାନେ ଲୁହାକଣ୍ଟା ଫୋଡି ଭଗବାନଙ୍କଠାରେ ମନସ୍କାମନା ପୂର୍ଣ୍ଣ ପାଇଁ ସାଧନା କରିଥିଲେ। ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ମେଳା ଚାଲି ଥିବା ବେଳେ ଆଧୁନିକ ଧରଣର ଆତଶବାଜୀ ଦର୍ଶକଙ୍କୁ ମନମୁଗ୍ଧକର କରିଥିଲା। ଭୋଗରାଇ ବ୍ଲକର ଆଖପାଖ ଗ୍ରାମ ସହିତ ପଶ୍ଚିମ ବଙ୍ଗରୁ ହଜାର ହଜାର ଯାତ୍ରୀଙ୍କ ସମାଗମ ହୋଇଥିଲା। ପାଟ କମିଟିର ସଭାପତି ଦେବବ୍ରତ ଦାସ ମହାପାତ୍ର, କୌଶିକ ଦାସ ମହାପାତ୍ର, ସଞ୍ଜୟ ଦାସ ମହାପାତ୍ର, ବଂଶୀଧର ସାହୁ, ସଂଜୀବ ଦାସ ମହାପାତ୍ର, ସୁମନ୍ତ ଦାସ ମହାପାତ୍ର, ରଞ୍ଜିତ ଦାସ ମହାପାତ୍ର, ସୁବାଶିଷ ଦାସ ମହାପାତ୍ର, କଲ୍ୟାଣ ମହାନ୍ତି, ମନ୍ଦାରସାହି ସରପଞ୍ଚ ମମତା ସାହୁ, ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ପରେଶ ଦାସ ମହାପାତ୍ର, ସନ୍ତୋଷ ଦାସ ମହାପାତ୍ର, ଅଶୋକ ଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ ମହାପାତ୍ର, ରାଜେଶ ସେଠୀ, ଶଚିନ୍ଦ୍ର ଦାସ ମହାପାତ୍ର, ଉତ୍ତମ ଦାସ ମହାପାତ୍ର, ସୁବାଶିଷ ଦାସ ମହାପାତ୍ର, ତ୍ରିଲୋଚନ ସାହୁ, ଉତ୍ତମ ଜେନା, ବିକାଶ ଦାସ, ଶୁଭମ ବେହେରା, ଗୌତମ ଦାସ ମହାପାତ୍ର, ରୋହିତ ଦାସ ମହାପାତ୍ର, ଶନ୍ତୁ ଦାସ ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଏହି ମେଳାକୁ ପରିଚାଳନା କରିଥିଲେ।

## ଛାତ୍ରୀଙ୍କ ଆତ୍ମହତ୍ୟା

**ଆନନ୍ଦପୁର, ୪।୬ (ସମିସ):** ଆନନ୍ଦପୁର କାଚରାସାହିରେ ଛାତ୍ରୀ ପ୍ରିୟଦର୍ଶିନୀ ପାତ୍ର (୧୭ ବର୍ଷ) ଆତ୍ମହତ୍ୟା କରିଛନ୍ତି। ସେ ଏକ ଗଛରେ ରଶି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥବା ବେଳେ ଏନେଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଥିବା ପୁଲିସ ଏସଆଇ ଯଶୋଦା ବେହେରା କହିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଆନନ୍ଦପୁର, ୪।୬ (ସମିସ):** ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ମହାପାତ୍ରସାହି ମା' ଗୌରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ନିୟତି ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଣ୍ଟିପାଳ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶିକ୍ଷକ ତ୍ରିଲୋଚନ ସାହୁ, ନିରଞ୍ଜନ ସାହୁ, ହୃଷୀକେଶ ବାରିକ, ବିଶ୍ୱନାଥ ନାୟକ, ରବିନାରାୟଣ ଷଡ଼ଙ୍ଗୀ ଓ ଗୋପାଳକୃଷ୍ଣ ସାହୁ ବକ୍ତବ୍ୟ ରଖିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଗ୍ରାମବାସୀ ଏବଂ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶ୍ରୀମତୀ ଜେନାଙ୍କର ଅବସର ସମୟ ସୁଖମୟ କାମନା କରିଥିଲେ।

## ୩ ୱାର୍ଡସଭ୍ୟ ଅଯୋଗ୍ୟ ଘୋଷିତ

**ତୁରୁମୁଙ୍ଗା, ୪।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପଲାଣଘାଟି ପଞ୍ଚାୟତର ୩ ଜଣ ୱାର୍ଡସଭ୍ୟାଙ୍କୁ ଏକାଧିକ ସନ୍ତାନ ଏବଂ ୨ଟି ସ୍ତ୍ରୀ ଥିବା ଅଭିଯୋଗରେ ଅଯୋଗ୍ୟ ଘୋଷଣା କରାଯାଇଛି। ୱାର୍ଡସଦସ୍ୟମାନେ ହେଲେ ୨ନଂ ୱାର୍ଡସଭ୍ୟ ଗୋପାଳ ମୁଣ୍ଡା, ୬ ନଂ ୱାର୍ଡସଭ୍ୟ ଶିବ ଲିଆଙ୍ଗି, ୮ନଂ ୱାର୍ଡସଭ୍ୟ ସୁମିତ୍ରା ମୁଣ୍ଡା। ସୁମିତ୍ରା ମୁଣ୍ଡାଙ୍କ ୩ ଜଣ ସନ୍ତାନ ଥିବା ବେଳେ ଶିବ ଲିଆଙ୍ଗିଙ୍କ ୪ ଜଣ ସନ୍ତାନ। ସେହିଭଳି ଗୋପାଳ ମୁଣ୍ଡାଙ୍କ ୨ ଜଣ ସ୍ତ୍ରୀ ରହିଛନ୍ତି। ଏହା ପ୍ରମାଣିତ ହେଲା ପରେ ଜିଲ୍ଲାପାଳ ବିଶାଲ ସିଂ ସମସ୍ତ ତିନି ଜଣଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ସରପଞ୍ଚ ରାଉତ ମୁଣ୍ଡାଙ୍କୁ ସରପଞ୍ଚ ପଦରୁ ହଟାଇବା ପାଇଁ ଅନାସ୍ଥା ଆଣିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସରପଞ୍ଚ ୱାର୍ଡ ସଦସ୍ୟାଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତଦନ୍ତକ୍ରମରେ ତିନି ଜଣ ୱାର୍ଡସଭ୍ୟ ନିଜ ପଦ ହରାଇଛନ୍ତି।

## ଧାନ ଗୋଦାମରୁ ୨୦ ହଜାର ଲୁଟ୍



**ତୁରୁମୁଙ୍ଗା, ୪।୬ (ସମିସ):** ପାଟଣା ବ୍ଲକ ମୁଖ୍ୟାଳୟ ସାଧୁପଡ଼ା ଛକରେ ଥିବା ଅରବିନ୍ଦ ଦାଶଙ୍କ ଧାନ ଗୋଦାମର ଆଜବେଷ୍ଟସ ତାଡ଼ି ମଙ୍ଗଳବାର ରାତିରେ ନଗଦ ୨୦ହଜାର ଟଙ୍କା ଲୁଟ୍ ହୋଇଛି। ଅଫିସ ଡ୍ରୟର୍‌ରେ ଦସ୍ତଖତ ହୋଇଥିବା ଚେକ୍ ବହି ଏବଂ ଲାପଟପକୁ ଦୁର୍ବୃତ୍ତ ଛାଡ଼ି ଯାଇଛନ୍ତି। ଏନେଇ ଗୋଦାମ ମାଲିକ ଅରବିନ୍ଦ ଦାଶ ପାଟଣା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହେବା ସହ ପାଟଣା ଥାନାଧିକାରୀ ମାନସ ମହାକୁଡ଼ ଓ ଏସଆଇ ଲକ୍ଷ୍ମଣ ମାଝୀଙ୍କ ସହ କେନ୍ଦୁଝରରୁ ଡଗ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ ତଦନ୍ତ କରିଛନ୍ତି।

## ଜୟଦେବ ଜେନାଙ୍କୁ ହତ୍ୟା ଧମକ: ଅଭିଯୁକ୍ତ ଗିରଫ



**ହାଟଡ଼ିହୀ, ୪।୬(ସମିସ):** କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ ଦେଇଥିବା ଯୁବକକୁ କ୍ୟାପିଟାଲ ଥାନା ପୁଲିସ ନନ୍ଦିପଦା ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ସୋମନାଥ ଓରଫ କୁଳମଣି ସେନାପତି(୪୫)। କୁଳମଣି ସେନାପତିର ଘର ନନ୍ଦିପଦା ଥାନା ଅନ୍ତର୍ଗତ ଜମ୍ବରା ଗ୍ରାମରେ। ଗତ ଫେବୃୟାରୀ ୩ ତାରିଖ ଶ୍ରୀ ଜେନାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିଲା। ଉକ୍ତ କଲ୍‌ରେ ଅଭିଯୁକ୍ତ ଜଣକ ଟିଭିରେ ଶ୍ରୀ ଜେନାଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ବିରୋଧ କରିବା ସହ ତାଙ୍କ ଜୀବନ ବିପଦରେ ଥିବା ନେଇ ଚେତାବନୀ ଦେଇଥିଲେ। ପୁନର୍ବାର ସେହିଦିନ ସନ୍ଧ୍ୟା ସମୟରେ ଅଭିଯୁକ୍ତ ଜଣଙ୍କ କଲ୍ କରି ହତ୍ୟା ଧମକ ଦେଇଥିଲେ। ୫୦ହଜାର ଟଙ୍କା ଦାବି କରିଥିଲେ। ଯାଞ୍ଚ ପରେ, ଅଭିଯୋଗକାରୀ ଉକ୍ତ ନମ୍ବରରୁ ଅନେକ ମିସ୍ କଲ୍ ପାଇଥିଲେ ଏବଂ ଜଣେ ସାର୍ବଜନୀନ ରାଜନୈତିକ ବ୍ୟକ୍ତିତ୍ୱ ହୋଇଥିବାରୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ଅନୁମାନ କରି ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। କ୍ୟାପିଟାଲ ଥାନାରେ କେସ୍ ନଂ ୪୨/୨୦୨୫ରେ ୩୦୮(୩), ୩୫୧(୪) ଆଇନଧାରା ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା ବେଳେ ଅଭିଯୁକ୍ତ ସୋମନାଥକୁ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ସହାୟତାରେ ସ୍ଥାନୀୟ ବସଷ୍ଟାଣ୍ଡ ପାଖରୁ ଗିରଫ କରାଯାଇଥିଲା। ସେ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ଅପରାଧ ପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍ ଏବଂ ସିମ୍ ନଷ୍ଟ କରିଦେଇଥିଲେ। ପୁଲିସ ତାଙ୍କ ପାଖରୁ ସିମ୍ କାର୍ଡ ବିନା ଗୋଟିଏ ନୀଳ ରଙ୍ଗର ରେଡମି ସ୍ମାର୍ଟଫୋନ୍ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ନନ୍ଦିପଦା ଥାନାରେ ଏକ ଫୌଜଦାରୀ ମାମଲା ରୁଜୁ ରହିଛି।

# ନିର୍ମାଣର ଦୁଇ ବର୍ଷ ପରେ ରାସ୍ତା ବେହାଲ୍

**ଯୋଡ଼ା, ୪।୬(ସମିସ)**



କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ଦେଇ ଯାଇଥିବା ରାଜ୍ୟ ରାଜପଥ-୨ର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତାଟି ଯୋଡ଼ା ସହର ଏବଂ ପାଖାପାଖି ଅଞ୍ଚଳର ପ୍ରମୁଖ ରାସ୍ତା ହୋଇଥିବା ବେଳେ ନିର୍ମାଣ ହେବାର ବର୍ଷ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ବିପଜ୍ଜନକ ହୋଇ ରହିଛି। ଖଣି ଅଞ୍ଚଳର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୁରବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଉପରେ ପ୍ରତିଦିନ ବାଂଶପାଣି, ବଳଦା ବଡ଼କାଳିମାଟି, ପଳଶା, ଜଜାଙ୍ଗ,

### ବାଂଶପାଣି-ବାମେବାରୀ ରାସ୍ତା ମରାମତି ଦାବି

ଜଳହରୀ ଏବଂ ଜୁରୁଡି ପଞ୍ଚାୟତର ବାସିନ୍ଦାମାନେ ଯୋଡ଼ା ବ୍ଲକ କିମ୍ବା ବଜାର ସଉଦା, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରିଥାନ୍ତି। ଏହି ରାସ୍ତାରେ ପ୍ରତିଦିନ ପ୍ରାୟ ୩୦୦୦ ଟ୍ରକ୍ ଦେଶର ବିଭିନ୍ନ ରେଳ ସାଇଡିଂ, କାରଖାନା ଏବଂ ବନ୍ଦରଗୁଡ଼ିକୁ ଖଣିଜ ପଦାର୍ଥ ପରିବହନ କରନ୍ତି। ମାତ୍ର ଏହାର ଉନ୍ନତିକରଣ ହୋଇପାରୁ ନାହିଁ। ଏବେ ବର୍ଷା ପୂର୍ବରୁ ରାସ୍ତାଟି ବେହାଲ୍ ହୋଇ ପଡ଼ିଛି। ଯାତାୟାତ ଅନୁପଯୋଗୀ ହୋଇ ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭାରୀ ଯାନବାହାନ ଚଳାଚଳ ଦ୍ୱାରା ରାସ୍ତା ଅବସ୍ଥା ଖରାପ ହୋଇଥିବା ଅଭିଯୋଗ ହେଉଥିଲା ବେଳେ ଏହାର ମରାମତି ହୋଇପାରୁ ନାହିଁ। ବଂଶପାଣି ପାଖ ଓଭରବ୍ରିଜ ନିକଟରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇଥିବାରୁ ଭାରୀ ଯାନ ସାଙ୍ଗକୁ ଚାରିଚକିଆ ଓ ଦୁଇ ଚକିଆ ଯାନ ଯିବାଆସିବାରେ ଅସୁବିଧା ହେଉଛି। ଗ୍ରାମାଞ୍ଚଳର ଲୋକ ମଟରସାଇକଲ ଯୋଗେ ଏହି ରାସ୍ତାରେ ଆସୁଥିବା ବେଳେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହେବା ଏବଂ ସମୟ ଅନୁଯାୟୀ ମରାମତି ନ ହେବା ଫଳରେ ବାରମ୍ବାର ଦୁର୍ଘଟଣା ଏବଂ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ହେଉଛି। ଅନେକ ଗାଡ଼ି ମାଲିକ ଅଭିଯୋଗ କରି କହିଛନ୍ତି ଯେ ରାସ୍ତାର ଅବସ୍ଥା ପାଇଁ ଗାଡ଼ିଗୁଡିକର ଯନ୍ତ୍ରାଂଶ ବାରମ୍ବାର ଭାଙ୍ଗି ଯାଉଛି; ଯ'ଦ୍ୱାରା ଆକାରଣରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

୨୦୧୮ ରେ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍‌ଏଫ୍) ଦ୍ୱାରା ୪ ଲେନ ବିଶିଷ୍ଟ ରାଜପଥକୁ ସମ୍ପ୍ରସାରଣ ପାଇଁ ୫୭ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ରାସ୍ତାଟି ନିର୍ମାଣ ହେବାରେ ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ଲାଗିଥିଲେ ସୁଦ୍ଧା ଦୀର୍ଘସ୍ଥାୟୀ ହୋଇ ରହିନାହିଁ। ଦୁର୍ଗା କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥା କାମଟିକୁ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ କଲା ତଥାପି ରାସ୍ତା ନିର୍ମାଣ କାର୍ଯ୍ୟ ଉଚିତ ମାନର ହୋଇ ନ ଥିବାରୁ ଅଳ୍ପ ଦିନରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି ବୋଲି ଅଭିଯୋଗ ଆସିଛି। ଯୋଡ଼ାଠାରୁ ବାମେବାରୀ ହୋଇ କାଳିମାଟି ପଳାସପଙ୍ଗାଠାରେ ଏନଏଚ ୨୧୫କୁ ସଂଯୋଗ କରୁଥିବା ଏହି ରାସ୍ତାଟି ସମ୍ପୂର୍ଣ୍ଣ ହୋଇ ପାରି ନ ଥିବା ବେଳେ ବାଂଶପାଣି, ଜୁରୁଡି, ବି ବ୍ଲକ୍‌ଠାରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ରାସ୍ତା ନିର୍ମାଣ ସମୟରେ ରାସ୍ତାର ସ୍ଥାୟିତ୍ୱ ଓ ମରାମତିକୁ ଦୃଷ୍ଟିରେ ରଖି ଟେଣ୍ଡର ହୋଇଥିବା ବେଳେ ନିର୍ମାଣକାରୀ ଠିକାସଂସ୍ଥା ରାସ୍ତା କାମ ସାରି ଟଙ୍କା ଉଠାଇ ଦେଖାଦର୍ଶନ ଦେଉ ନଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ନିର୍ମାଣ ହୋଇଥିବା ଏହି ରାଜ୍ୟ ରାଜପଥର ଦୁରବସ୍ଥା ଦେଖି ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏହାର ମରାମତି ପାଇଁ ଦାବି କରିଛନ୍ତି।

## ଡିଏମ୍‌ଏଫ୍ ପାଠାଗାରରେ ୨ ପୁସ୍ତକ ଉନ୍ମୋଚିତ



**ଚମ୍ପୁଆ, ୪।୬(ସମିସ):** ଡିଏମଏଫ ପାଠାଗାରରେ ସାହିତ୍ୟ ଘର ଆନୁକୂଲ୍ୟରେ ଆୟୋଜିତ ଏକ ସଭାରେ ଦୁଇଟି ପୁସ୍ତକ 'ଶିକ୍ଷା ଅଭିଯାନ' ଓ 'ବନଜ୍ୟୋତ୍ସ୍ନା' ଉନ୍ମୋଚିତ ହୋଇଯାଇଛି। 'ସାହିତ୍ୟ ଘର'ର ସଭାପତି ରମାକାନ୍ତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ଗିରିଜା ଶଙ୍କର କର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ପୁସ୍ତକ ଦୁଇଟିର ସ୍ରଷ୍ଟା କବି ଭୀମସେନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକରେ ସ୍ଥାନିତ କବିତାଗୁଡ଼ିକ ବେଶ୍ ମନୋଜ୍ଞ, ବାସ୍ତବବାଦୀ, ଶିକ୍ଷଣୀୟ ତଥା ଉପାଦେୟ ହୋଇପାରିଛି ଯାହା ପାଠକଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସୁରେଶଚନ୍ଦ୍ର ମହାନ୍ତ, ପାଣ୍ଡୁ ରାଠୋର, କମଳ ଲୋଚନ ଗିରି, ରବିନ କୁମାର ମହାନ୍ତ, ସୁଭାଷଚନ୍ଦ୍ର ବେହେରା କବିତାଗୁଡିକୁ ସମୀକ୍ଷା ଓ ପାଠ କରିଥିଲେ। ଗିରିଶଚନ୍ଦ୍ର ମହାନ୍ତ, ଖଗେଶ୍ୱର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନୀଳକଣ୍ଠ ମହାନ୍ତ, ସ୍ୱରୂପଚନ୍ଦ୍ର ବାରିକ, ସୁଭଦ୍ରା ଗିରି, ପବିତ୍ର ନାୟକ, ପ୍ରଭାସିନୀ ନାଏକ, ଲାବଣ୍ୟ ଭୋଇ, ମାମୁନି ସାହୁ, ଅଜିତ ମହାନ୍ତ, ମନୋଜ ନାଏକ ସହଯୋଗ କରିଥିଲେ।

## ପୌର ଉପାଧ୍ୟକ୍ଷଙ୍କ ପରଲୋକ



**ଆନନ୍ଦପୁର, ୪।୬ (ସମିସ):** ଆନନ୍ଦପୁର ପୌରପାଳିକାର ଉପାଧ୍ୟକ୍ଷ ତଥା ବିଜେଡି ନେତା ଦୁର୍ଗାଚରଣ ଦଳେଇ (୬୬)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଶ୍ରୀ ଦଳେଇ ହଠାତ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ପ୍ରାଣବାୟୁ ଚାଲି ଯାଇଥିଲା। ଖବର ଜଣାପଡ଼ିବା ପରେ ସମଗ୍ର ଆନନ୍ଦପୁର ଅଞ୍ଚଳ ସ୍ତବ୍ଧ ହୋଇପଡ଼ିଛି। ଶ୍ରୀ ଦଳେଇ ଜଣେ ପରୋପକାରୀ, ଶାନ୍ତ, ସରଳ ଏବଂ ଦରଦୀ ବ୍ୟକ୍ତି ଭାବେ ଆନନ୍ଦପୁର ଅଞ୍ଚଳରେ ପରିଚିତ ଥିବା ବେଳେ ଆନନ୍ଦପୁରର ପୌରପାଳିକାର ଉପାଧ୍ୟକ୍ଷ ଥିଲେ। ସେ ଆନନ୍ଦପୁରର ବିଭିନ୍ନ ସଂଗଠନ ସହ ଜଡ଼ିତ ହୋଇ ଆନନ୍ଦପୁର ବିକାଶରେ ତାଙ୍କର ସହଯୋଗକୁ କେହି ଭୁଲି ପାରିବେ ନାହିଁ। ତାଙ୍କ ପାର୍ଥିବ ଶରୀର ଆସିବା ପରେ ଦଳେଇସାହିସ୍ଥିତ ବାସଭବନ ଲୋକାରଣ୍ୟ ହୋଇଥିଲା। ଉପଖଣ୍ଡର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ପୂର୍ବ ବିଧାୟକ ଭାଗୀରଥି ସେଠୀ, ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ପୌର ଅଧିକାରୀ ଦେବବ୍ରତ ବଳଙ୍କ ସମେତ ସମସ୍ତ କାଉନସିଲର, ବିଜେଡିର ଦଳୀୟ ନେତୃବୃନ୍ଦ ବାସଭବନରେ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ପାଖରେ ଦୁଇ ପୁଅ, ଦୁଇ ବୋହୂ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ପାର୍ଥିବ ଶରୀରକୁ ଆନନ୍ଦପୁର ପରିକ୍ରମା କରାଯାଇ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

**ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ବିରୋଧରେ ବାଇକ ରାଲି**

## ପାଟଣା ବିଧାୟକଙ୍କ କୁଶ ପୁତ୍ତଳିକା ଦାହ



**ତୁରୁମୁଙ୍ଗା, ୪।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ବିରୋଧ କରି ପ୍ରଭାବିତ ଯମୁନାପଶି ଓ ଚେମେଣା ପଞ୍ଚାୟତର ୧୮ ଟି ଗ୍ରାମରେ ଗଠିତ ପ୍ରତିରୋଧ ମଞ୍ଚ ପକ୍ଷରୁ ବୁଧବାର ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ଚିଲିଦା ମନ୍ଦିର ପଡ଼ିଆରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଷ୍ଟିଲପ୍ଲାଣ୍ଟ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ, ସମ୍ପାଦକ ବେଣୁଧର ସାମଲ, ଉପସଭାପତି ସରୋଜ ସିଂହ, ପ୍ରକାଶ ମଲ୍ଲିକ, ରବୀନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବିକ୍ଷୋଭ କରାଯିବା ସହ ଷ୍ଟିଲ ପ୍ଲାଣ୍ଟ ପାଇଁ ଏମଓୟୁ ବାତିଲ ଦାବି କରିଛି ମଞ୍ଚ। ଗତ ମେ ୨୪ ତାରିଖରେ ପାଟଣା ବିଧାୟକ କିଆପଡ଼ା ଏବଂ ତୁରୁମୁଙ୍ଗାଠାରେ ଜିନ୍ଦଲ କମ୍ପାନୀ ସପକ୍ଷରେ ଏକ କମିଟି ଗଠନର ପ୍ରୟାସକୁ ମଞ୍ଚ ବିରୋଧ କରିଛି। ବୁଧବାର ଏହି ସଭା ପୂର୍ବରୁ ଯମୁନାପଶିଠାରୁ ଶତାଧିକ ପୁରୁଷ ବିଶାଳ ବାଇକ ରାଲି କରି ୧୮ ଟି ଗ୍ରାମ ପରିକ୍ରମା କରିଥିଲେ। ଶତାଧିକ ପୁରୁଷ ଓ ମହିଳା ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ଭିଟାମାଟି ହରାଇବା, ଚାଷପଯୋଗୀ, ବାସପଯୋଗୀ ଜମିକୁ ହରାଇବା ଆଶଙ୍କାରେ ଏହି କାର୍ଯ୍ୟକ୍ରମ କରଯାଇଥିବା ସୂଚନା ଦିଆଯାଇଛି।

## ସରକାରୀ କାର୍ଯ୍ୟକ୍ରମରେ ଉଦାସୀନତା ଅଭିଯୋଗ



**ଆନନ୍ଦପୁର, ୪।୬ (ସମିସ):** ନୂଆ ସରକାର ଆସିଲା ପରେ ବିଭିନ୍ନ ଯୋଜନାର କାର୍ଯ୍ୟନ୍ୱୟନ ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ପରିଲକ୍ଷିତ ହେଉ ନଥିବା ଦେଖାଯାଉଛି। ଏପରିକି ଏନେଇ ଆନନ୍ଦପୁର ଉପଖଣ୍ଡର ସମସ୍ତ ବ୍ଲକ୍ ଏବଂ ପଞ୍ଚାୟତରେ ଅଭିଯୋଗ ହୋଇଆସୁଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ମଧ୍ୟ ବିଭାଗୀୟ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଠୋସ୍ ସମନ୍ୱୟ ରହୁ ନଥିବାରୁ ଅସନ୍ତୋଷ ଧୀରେ ଧୀରେ ବଢ଼ିବାରେ ଲାଗିଛଧି। ବୁଧବାର ଘଷିପୁରା ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏକ ବୈଠକ ହୋଇଥିଲା ବେଳେ ଏଥିରେ ମଧ୍ୟ କୌଣସି ପଞ୍ଚାୟତିରାଜ ଜନପ୍ରତିନିଧି ଉପସ୍ଥିତ ଥିବା ଦେଖା ଯାଇ ନଥିଲା। ପ୍ରତି ବ୍ଲକ ପ୍ରଶାସନର ଆନ୍ତରିକତା ନଥିବା ପରି ମନେ ହୋଇଛି। ପ୍ରଚାର ପ୍ରସାର ଅଭାବ ଯୋଗୁଁ ସବୁ ବର୍ଗର ଲୋକେ ସାମିଲ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ପ୍ରସ୍ତୁତି ବୈଠକରେ ସୂଚନା ଠିକ ଭାବେ ହୋଇ ନଥିବାରୁ ଘଷିପୁରା ବ୍ଲକର ଅନେକ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସଭ୍ୟ ବ୍ଲକ କର୍ମଚାରୀ ଅନୁପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା। ବୈଠକରେ ପ୍ରତି ପଞ୍ଚାୟତରେ ଥିବା ଗ୍ରାମର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକଙ୍କୁ ଛାଡ଼ି ପଞ୍ଚାୟତ ପ୍ରତିନିଧି ଅନୁପସ୍ଥିତ ଥିବା ଜଣାପଡ଼ିଛି।

## ବୈତରଣୀ ନଦୀବନ୍ଧ କାଟିବା ଘଟଣା: ଥାନାରେ ଅଭିଯୋଗ



**ଆନନ୍ଦପୁର, ୪।୬ (ସମିସ):** ବୈତରଣୀ ନଦୀରେ ବନ୍ୟା ଦାଉରୁ ସୁରକ୍ଷା ବନ୍ଧକୁ କାଟିଦେବା ଘଟଣାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ତମ୍ପୋ ଗାଁର କିଛି ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଏବେ ବର୍ଷାଋତୁ ଆସିବାକୁ ଥିବା ବେଳେ ବନ୍ଧ କଟାଯିବା ନେଇ ନଦୀକୂଳ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ପ୍ରଶାସନର ଦ୍ୱାରସ୍ଥ ହେବା ସହ ପୁଲିସରେ ଅଭିଯୋଗ କରିଛନ୍ତି। ଘସିପୁରା ତହସିଲ ଅନ୍ତର୍ଗତ ବାତୋ ପଞ୍ଚାୟତର ତମ୍ପୋ ନିକଟରେ ବୈତରଣୀ ନଦୀରୁ ବାଲି ପରିବହନ ପାଇଁ ନଦୀ ବନ୍ଧକୁ କାଟି ଦିଆଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାନୀୟ ଜନସାଧାରଣ ଆଜି ବାଲିଘାଟ ଲିଜଧାରୀଙ୍କ ବିରୋଧରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ ତମ୍ପୋ ଗ୍ରାମ ନିକଟରେ ବୈତରଣୀ ନଦୀରୁ ବାଲି ଉତ୍ତୋଳନ ଓ ପରିବହନ ପାଇଁ ଜେସିବି ମେସିନ ପକାଯିବା ପରେ ନଦୀବନ୍ଧକୁ କାଟି ଦିଆଯାଇଥିଲା। ଆଗକୁ ବର୍ଷାଋତୁ ଆସୁଥିବାରୁ ବୈତରଣୀର ବନ୍ୟାଜଳ ଏହିଁ ବାଟରେ ସ୍ଥାନୀୟ ଗ୍ରାମରେ ପ୍ରବେଶ କରିବା ସହ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ଏହି ବେଆଇନ କାମ ପାଇଁ ଲିଜଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଷ୍ଣୁମୋହନ ପାଗଳ, କାହ୍ନୁଚରଣ ପାଗଳ, ଯୁଧିଷ୍ଠିର ନାଥ, ଅର୍ଜୁନ ଚରଣ ନାଥ, ଅସିତ କୁମାର ପାଗଳ ଦାବି କରିଛନ୍ତି।

**ପାଚିଲା ଧାନ ଅନ୍ୱେଷଣରେ ହାତୀପଲ**

## ଅମଳ ପୂର୍ବରୁ ଚାଷୀ କ୍ଷତିଗ୍ରସ୍ତ

**ଚମ୍ପୁଆ, ୪।୬ (ସମିସ)**



ଚମ୍ପୁଆ ବନାଞ୍ଚଳ ଉଖୁଣ୍ଡା ସେକ୍ସନ ବନିକା ବିଟ୍ ରଙ୍ଗାମାଟିଆ ପଞ୍ଚାୟତ ରରୁଆଁଗୋଡ଼ା ଗ୍ରାମ ନିକଟ ଇଉକାଲି ପଟାସ ଜଙ୍ଗଲରେ ୨୭ ଟିକିଆ ହାତୀପଲ ଦୁଇଦିନ ହେବ ଉପଦ୍ରବ କରିଆସୁଛନ୍ତି। ଅଞ୍ଚଳବାସୀଙ୍କ ନିଦ ହଜି ଯାଇଥିବା ବେଳେ ସେମାନେ ବହୁ କ୍ଷୟକ୍ଷତି କଲେଣି। ଏହି ହାତୀପଲ ମୟୂରଭଞ୍ଜ ପଟୁ ବୈତରଣୀ ପାରି ହୋଇ ପଦ୍ମପୁର ଦେଇ ବିଭିନ୍ନ ଗ୍ରାମ ନିକଟ ଚାଷ ଜମିରେ କ୍ଷୟକ୍ଷତି କରିଛନ୍ତି। ଏହାଦ୍ୱାରା ଖରାଟିଆ ଧାନଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଚାଷୀମାନେ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ରେଙ୍ଗାଳବେଡା, କେମୁଣ୍ଡିଆ, ରରୁଆଁ ଗୋଡ଼ା ଆଦି ଗ୍ରାମରେ ଏକର ଏକର ପାଚିଲା ଧାନ ଫସଲ ଓ ପନିପରିବା ସବୁ ନଷ୍ଟ କରିବା ସହ ଏକ ମନ୍ଦିର ପାଚେରି ଭାଙ୍ଗିଥିବା ସୂଚନା ରହିଛି। ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ନିର୍ଦ୍ଦେଶକ୍ରମେ ଉଖୁଣ୍ଡା ବନପାଳ ପ୍ରଦୀପ ବାରିକ, ବନରକ୍ଷୀ ସାଗରିକା ବେଜଙ୍କ ସହ ବନ ବିଭାଗରେ କାର୍ଯ୍ୟରତ ହାତୀ ସ୍କ୍ୱାଡ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗ୍ରାମର ଲୋକଙ୍କୁ ସତର୍କ କରାଇଥିଲେ। ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ଦେଖିବାକୁ ମିଳିଛି। ଏହି ହାତୀପଲରେ ୮ଟି ଦନ୍ତାହାତୀ, ୧୩ଟି ମାଈ ହାତୀ ଓ ଛୁଆ ହାତୀ ୬ଟି ମୋଟ ୨୭ଟି ବଣୁଆ ହାତୀ ରହିଥିବା ଜଣାପଡ଼ିଛି। ସେହିପରି ଚମ୍ପୁଆ ସେକ୍ସନର ମିରିଗିସିଙ୍ଗା ଜଙ୍ଗଲରେ ୩ଟି ଦନ୍ତା ହାତୀ, ୬ଟି ମାଈ ହାତୀ, ୨ଟି ଛୁଆ ହାତୀ ଏପରିକି ମୋଟ ୧୧ଟି ବଣୁଆ ହାତୀ ସର୍ବମୋଟ ୩୮ଟି ବଣୁଆ ହାତୀ ରହିଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ଛତ୍ରିୟା ସୂଚନା ଦେଇଛନ୍ତି। ଚମ୍ପୁଆ ବନପାଳ ଜ୍ୟୋତିରୂପା ପାଣି, ବନରକ୍ଷୀ ନିରୁପମା ମହାକୁଡ଼ଙ୍କ ସହିତ ବନ ବିଭାଗରେ କାର୍ଯ୍ୟରତ ହାତୀ ସ୍କ୍ୱାଡ ଓ ଗ୍ରାମରେ ରହିଥିବା ଗଜସାଥୀ ଏହି ୧୧ଟି ବଣୁଆ ହାତୀଙ୍କ ଗତିବିଧି ଉପରେ ନଜର ରଖିଥିବା ଜଣାପଡ଼ିଛି।

**ପ୍ରଶାସନ ଉଦାସୀନ; ଲାଗୁ ହେଉନି ବଦଳି ନିୟମ**

## ଆଡ୍ଡା ଜମାଇଛନ୍ତି ସରକାରୀ କର୍ମଚାରୀ

**ଆନନ୍ଦପୁର, ୪।୬ (ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବିଭାଗରେ ନିଯୁକ୍ତ କର୍ମଚାରୀମାନେ ଦୀର୍ଘବର୍ଷ ଧରି ଗୋଟିଏ ଜାଗାରେ ଅବସ୍ଥାପିତ ହୋଇ କାର୍ଯ୍ୟ କରୁଥିବା ବେଳେ ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ନେଇ ସ୍ଥାଣୁତା ପରିଲକ୍ଷିତ ହେଉଛି। ଗୋଟିଏ ପଟେ ସରକାରୀ ନିୟମ ବଦଳି କ୍ଷେତ୍ରରେ ପାଳନ କରାଯାଉ ନଥିବା ବେଳେ, ଗୋଟିଏ ସ୍ଥାନରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବାରୁ ସରକାରୀ ଯୋଜନାଗୁଡ଼ିକୁ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାରେ ଉଦାସୀନତା ପରିଲକ୍ଷିତ ହେଉଛି। ତିନି ବର୍ଷରେ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ନିୟମକୁ ଏହି ଉପଖଣ୍ଡରେ ଫୁଁ' କରି ଉଡ଼ାଇ ଦିଆଯାଇଛି। ଉପଖଣ୍ଡର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରୁ ତହସିଲ କାର୍ଯ୍ୟାଳୟ, ଶିଶୁବିକାଶ ବିଭାଗ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ କର୍ମଚାରୀମାନେ ଅଦଳବଦଳ ହୋଇ କାର୍ଯ୍ୟ କରୁଛନ୍ତି। ଆନନ୍ଦପୁର ଉପଖଣ୍ଡର ସ୍ଥାୟୀ ବାସିନ୍ଦା ହୋଇଥିବା କେତେକ କର୍ମଚାରୀ ଚାକିରି କାଳର ଅଧାରୁ ଅଧିକ ସମୟ ଆନନ୍ଦପୁରରେ ବିତାଇ ସାରିଲେଣି ଆଉ କେତେକ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନରେ ରହି ସ୍ଥାନୀୟ ସାଧାରଣ ଲୋକଙ୍କୁ ବ୍ୟକ୍ତିଗତ ଶତ୍ରୁତା ଯୋଗୁଁ ପ୍ରଶାସନିକ ସ୍ତରରେ ହଇରାଣ ହରକତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆଉ କେତେକ କର୍ମଚାରୀ ନିଜେ ଥିବା କାର୍ଯ୍ୟାଳୟର ଅଧିକାରୀଙ୍କୁ ଭୁଲ ତଥ୍ୟ ଦେଇ ହେବାକୁ ଥିବା ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ତୋସାମତ କରିବା ପୁଣି କେତେବେଳେ ରାଜନୈତିକ ଚାପ ସୃଷ୍ଟି କରି ଦୀର୍ଘ ଦିନ ଧରି ଆଡ୍ଡା ଜମାଇଥିବା ଏହି କର୍ମଚାରୀ ନିଜନିଜ କାର୍ଯ୍ୟାଳୟରେ ଭଡ଼ାସୂତ୍ରରେ ଗାଡି ନିୟୋଜିତ କରିବା ବିଭିନ୍ନ ଉପକରଣ ଯୋଗାଇବା ଭଳି ବ୍ୟବସାୟରେ ଲିପ୍ତ ଥିବା ଆଲୋଚନାର ବିଷୟ ହୋଇଛି। ୨୦୨୪ ଅଗଷ୍ଟରେ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଜାରି କରିଥିବା ପତ୍ରସଂଖ୍ୟା ୧୬୨୬୫ର ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ ନିୟମ ଅନୁଯାୟୀ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ କୁହାଯାଇଛି। ମାତ୍ର କେନ୍ଦୁଝର ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବା ଚିନ୍ତାର କାରଣ ହୋଇଛି।

## ପାକିସ୍ତାନ ପାଇଁ ଗୁଇନ୍ଦାଗିରି: ଆଉଜଣେ ୟୁଟ୍ୟୁବର ଗିରଫ

ଚଣ୍ଡିଗଡ଼, ୪।୬ (ଏଜେନ୍ସି): ଜ୍ୟୋତି ମାଲହୋତ୍ରାଙ୍କୁ ନେଇ ଦେଶରା ଚର୍ଚ୍ଚା ଜାରି ରହିଥିବାବେଳେ ପଞ୍ଜାବରୁ ଆଉ ଜଣେ ୟୁଟ୍ୟୁବର ଯଶବୀର ସିଂହଙ୍କୁ ଗିରଫ କରାଯାଇଛି। ସେ ମଧ୍ୟ ଜ୍ୟୋତିଙ୍କ ପରି ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ପାଇଁ କାର୍ଯ୍ୟ କରୁଥିଲେ। ରୁପନଗର ମହଲାନ ଗାଁରେ ବାସିନ୍ଦା ଯଶବୀର 'ଜନ ମହଲ' ନାଁରେ ୟୁଟ୍ୟୁବ ଚ୍ୟାନେଲ ଚଲାଉଛନ୍ତି। ଏହି ଚ୍ୟାନେଲ ନାମରେ ସେ ପାକିସ୍ତାନ ଠାରୁ ପାଣ୍ଠି ଆଣିଥିବା ମୋହାଲି ପୁଲିସ୍ ପକ୍ଷରୁ କୁହାଯାଇଛି। ପଞ୍ଜାବ ଡିଜିପିଙ୍କ ଅନୁଯାୟୀ ସେ ପାକିସ୍ତାନ ହ୍ୟାଣ୍ଡେଲର୍ସଙ୍କ ଲିଙ୍କରେ ଥିବା ଅନେକ ଭାରତୀୟ ଗୁପ୍ତଚରଙ୍କ ଯୋଗାଯୋଗରେ ଥିଲେ। ଏମାନଙ୍କ ମଧ୍ୟରେ ଜ୍ୟୋତି ବି ସାମିଲ ରହିଛନ୍ତି। ବହିଷ୍କୃତ ହୋଇଥିବା ପାକିସ୍ତାନ ଉଚ୍ଚାୟୁକ୍ତର କର୍ମଚାରୀ ଏହଶାନ ଉର ରହିମ ଓରଫ ଦାନିଶଙ୍କ ସହ ମଧ୍ୟ ଯଶବୀର ଯୋଗାଯୋଗରେ ଥିଲେ। ପାକିସ୍ତାନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯଶବୀରଙ୍କୁ ସେ ଦିଲ୍ଲୀ ନିମନ୍ତ୍ରଣ କରିଥିଲେ। ସେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ପାକିସ୍ତାନ ସେନା ଅଧିକାରୀ ଓ ବ୍ଲଗର୍ସଙ୍କ ସହ କଥା ହୋଇଥିଲେ। ସୂଚନା ଅନୁଯାୟୀ ଯଶବୀର ୨୦୨୦, ୨୦୨୧ ଓ ୨୦୨୪ରେ ପାକିସ୍ତାନ ଗସ୍ତ କରି ଅଧିକାରୀଙ୍କ ସହ ବୈଠକ କରିଥିଲେ। ତାଙ୍କ ନିକଟରୁ ଅନେକ ଇଲେକଟ୍ରୋନିକ ସାମଗ୍ରୀ ଏବଂ ପାକିସ୍ତାନ ଭିତ୍ତିକ ଏକାଧିକ ମୋବାଇଲ ନମ୍ବର ମିଳିଛି। ବର୍ତ୍ତମାନ ସେଗୁଡ଼ିକର ଫରେନ୍ସିକ ଯାଞ୍ଚ କରାଯାଉଛି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଜ୍ୟୋତି ଗିରଫ ହେବା ପରେ ଯଶବୀରଙ୍କ ଚିନ୍ତା ବଢ଼ି ଯାଇଥିଲା। ସେ ଭୟରେ ପାକିସ୍ତାନୀ ନେଟୱର୍କ ସହ ଯୋଗାଯୋଗର ସମସ୍ତ ପ୍ରମାଣକୁ ନଷ୍ଟ କରିବାକୁ ପ୍ରୟାସ କରିଥିଲେ।

## ଅପରେସନ ସିନ୍ଦୂର ବେଳେ ଧ୍ୱଂସ ହୋଇଥିଲା ପାକିସ୍ତାନର ୯ଟି ବିମାନ


ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହି ସମୟରେ ଭାରତ ଆତଙ୍କବାଦୀଙ୍କ ଆଡ୍ଡାକୁ ନିଶାଣ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଆତଙ୍କବାଦୀ ଆଡ୍ଡା ଧ୍ୱଂସ ହେବା ସତ୍ତ୍ୱେ ଭାରତର ଅନେକ ସାମରିକ ଠିକଣାକୁ ନିଶାଣ କରି ପାକିସ୍ତାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏହା ପରେ ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ୬ଟି ଲଢ଼ୁଆ ବିମାନ, ଦୁଇଟି ନିରୀକ୍ଷଣ ବିମାନ, ଦଶରୁ ଅଧିକ ସଶସ୍ତ୍ର ଡ୍ରୋନ ଏବଂ ଏକ ସି-୧୩୦ ହର୍କୁଲସ ପରିବହନ ବିମାନ ଧ୍ୱଂସ ହୋଇଥିଲା ବୋଲି ସୂତ୍ରରୁ ସୂଚନା ମିଳିଛି। ସଂଘର୍ଷ ପରବର୍ତ୍ତୀ ମୂଲ୍ୟାଙ୍କନରୁ ପାକିସ୍ତାନ ବାୟୁ ଏବଂ ସ୍ଥଳସେନାର ବିପୁଳ କ୍ଷୟକ୍ଷତି ହୋଇଥିଲା ବୋଲି ଜଣାପଡ଼ିଛି। ଆକ୍ରମଣ ସମୟରେ ଭାରତର ବାୟୁ ପ୍ରତିରକ୍ଷା ସିଷ୍ଟମ ଛଅଟି ଲଢ଼ୁଆ ବିମାନକୁ ଖସାଇ ଦିଆଯାଇଥିଲା। ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଏହାକୁ ବ୍ୟବହାର କରିଥିଲା। ପାକିସ୍ତାନର ପଞ୍ଜାବ ଏବଂ ପିଓକେର କିଛି ଅଂଶ ଏହି ଯୁଦ୍ଧ ଘଟିଥିଲା। ରାଡାର ଟ୍ରାକିଂ, ଭାରତୀୟ ସେନାର ଗ୍ରାଉଣ୍ଡ ବେସ୍ ମିସାଇଲ ସିଷ୍ଟମ, ଥର୍ମାଲ ସିଗ୍ନେଚର ମାଧ୍ୟମରେ ଏହାକୁ ଚିହ୍ନଟ କରାଯାଇଥିଲା। କଏଦ କରାଯାଇଥିବା ଥର୍ମାଲ୍ ସିଗନେଚର୍ ମାଧ୍ୟମରେ ନିଶ୍ଚିତ କରାଯାଇଥିଲା। ପ୍ରଭାବ ଆକଳନ ପରେ ଟ୍ରାକିଂ ଗ୍ରୀଡରୁ ପାକିସ୍ତାନୀ ବିମାନ ଅଦୃଶ୍ୟ ହୋଇଯାଇଥିଲା।

# କଲେଜିୟମ ସପକ୍ଷରେ ଗଭାଇଙ୍କ ଦୃଢ଼ ଯୁକ୍ତି

### ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ ହେବନି

ଲଣ୍ଡନ, ୪।୬ (ଏଜେନ୍ସି): ନ୍ୟାୟପାଳିକାର ସ୍ୱାଧୀନତାକୁ ନେଇ ଭାରତର ପ୍ରଧାନ ବିଚାରପତି ବି ଆର ଗଭାଇ ବଡ଼ ଟିପ୍ପଣୀ ଦେଇଛନ୍ତି। କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିପାରିବେ, କିନ୍ତୁ କୌଣସି ବ୍ୟବସ୍ଥାରେ ନ୍ୟାୟପାଳିକାର ସ୍ୱାଧୀନତା ସହ ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ୨୦୧୫ରେ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ (ଏନଜେଏସି) ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରି ଦେଇଥିଲେ। କାରଣ ଏହା ନ୍ୟାୟପାଳିକାର ସ୍ୱାଧୀନତାକୁ ଦୁର୍ବଳ କରୁଥିଲା। କେନ୍ଦ୍ର ସରକାର କଲେଜିୟମ୍ ବଦଳରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ। ସେ ବିଚାରପତିଙ୍କୁ ନେଇ ମଧ୍ୟ କଡ଼ା ଟିପ୍ପଣୀ ଦେଇଛନ୍ତି। ବାହ୍ୟ ଚାପରୁ ବିଚାରପତି ମୁକ୍ତ ରୁହନ୍ତୁ ବୋଲି ପରାମର୍ଶ ଦେଇଛନ୍ତି। ଲଣ୍ଡନରେ ବ୍ରିଟେନ ସୁପ୍ରିମକୋର୍ଟ ପକ୍ଷରୁ ଆୟୋଜିତ ରାଉଣ୍ଡ-ଟେବୁଲ ବୈଠକରେ ପ୍ରଧାନ ବିଚାରପତି ଏହି ଟିପ୍ପଣୀ ଦେଇଛନ୍ତି। ଏହି ଚର୍ଚ୍ଚାରେ ଭାରତରୁ ଜଷ୍ଟିସ ବିକ୍ରମ ନାଥ ଏବଂ ବ୍ରିଟେନ ସୁପ୍ରିମକୋର୍ଟର ବିଚାରପତି ବେରୋନେସ କାର୍, ଜର୍ଜ ଲେଗେଟ ସାମିଲ ଥିଲେ।

ପ୍ରଧାନ ବିଚାରପତି କହିଛନ୍ତି ଯେ ୧୯୯୩ ପୂର୍ବରୁ ବିଚାରପତି ନିଯୁକ୍ତି ଉପରେ ସରକାର ଶେଷ ନିଷ୍ପତ୍ତି ନେଉଥିଲେ। ତେବେ ସରକାର ଦୁଇ ଥର ବରିଷ୍ଠ



ବିଚାରପତିଙ୍କୁ ଅଣଦେଖା କରି ଅନ୍ୟମାନଙ୍କୁ ପ୍ରଧାନ ବିଚାରପତି ନିଯୁକ୍ତ କରିଥିଲେ। ୧୯୬୪ରେ ଜଷ୍ଟିସ୍ ସୟଦ ଜାଫର ଇମାମଙ୍କୁ ଖରାପ ସ୍ୱାସ୍ଥ୍ୟାବସ୍ଥା କାରଣରୁ ମୁଖ୍ୟ ବିଚାରପତି କରାଯାଇ ନ ଥିଲା। ତାଙ୍କ ସ୍ଥାନରେ ପିବି ଗଜେନ୍ଦ୍ର ଗଡକରଙ୍କୁ ନିଯୁକ୍ତ କରାଯାଇଥିଲା। ସେହିପରି ୧୯୭୭ରେ ଜରୁରୀକାଳୀନ ସ୍ଥିତି ସମୟରେ ସରକାରଙ୍କ ବିରୋଧରେ ନିଷ୍ପତ୍ତି ଦେବା ପାଇଁ ଜଷ୍ଟିସ୍ ଏଚ୍.ଆର୍. ଖାନ୍ନାଙ୍କୁ ଅଣଦେଖା କରାଯାଇଥିଲା। ଜରୁରୀକାଳୀନ ସ୍ଥିତିରେ ବି ନାଗରିକଙ୍କ ମୌଳିକ ଅଧିକାର ଶେଷ ହୁଏ ନାହିଁ, କିନ୍ତୁ ଏହାକୁ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସରକାର ନାପସନ୍ଦ କରିଥିଲେ। ଏହା ପରେ ୧୯୯୩ ଏବଂ ୧୯୯୮ରେ ବିଚାରପତି ନିଯୁକ୍ତି ସୁପାରିସ ପାଇଁ ପ୍ରଧାନ ବିଚାରପତି ଏବଂ ଚାରି ଜଣ ବରିଷ୍ଠ ବିଚାରପତି ମିଶି କଲେଜିୟମ୍ ଗଠନ କରିଥିଲେ। ପ୍ରଧାନ ବିଚରାପତି ଅବସରପ୍ରାପ୍ତ ଜଷ୍ଟିସଙ୍କ ନିର୍ବାଚନ ଲଢ଼ିବା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ବିଚାରପତିମାନେ ସରକାରୀ ପଦ ପଦବୀରେ ରହିବା କିମ୍ବା ଅବସର ପରେ ନିର୍ବାଚନ ଲଢ଼ିବା ଏକ ଗମ୍ଭୀର ନୈତିକ ଚିନ୍ତାର ବିଷୟ। ଏହା ଜନସାଧାରଣଙ୍କୁ ଭୁଲ୍ ବାର୍ତ୍ତା ଦେଇପାରେ। ଭବିଷ୍ୟତର ଲାଭ ଆଶାରେ ନିଷ୍ପତ୍ତି ନିଆଯାଇଥିଲା ବୋଲି କୁହାଯାଇପାରେ।

## ହନିମୁନ୍ ପାଇଁ ଯାଇଥିବା ଇନ୍ଦୋର ଯୁବକଙ୍କୁ ହତ୍ୟା

ସିଲଂ, ୪।୬ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରରୁ ହନିମୁନ୍ ପାଇଁ ମେଘାଳୟ ଯାଇଥିବା ଇନ୍ଦୋରର ରାଜା ରଘୁବଂଶୀଙ୍କୁ ହତ୍ୟା କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଏହି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜା ଏବଂ ତାଙ୍କ ପତ୍ନୀ ସୋନମ ୧୨ ଦିନ ତଳେ ମେଘାଳୟ ଯାଇଥିଲେ। ସୋମବାର ରାଜାଙ୍କ ମୃତଦେହ ସିଲଂର ଏକ ଖାଇରୁ ମିଳିଥିଲା। ମାତ୍ର ସୋନମ ଏବେ ବି ନିଖୋଜ ଅଛନ୍ତି। ମେଘାଳୟର ପୂର୍ବ ଖାସି ହିଲ୍ସ ଏସ୍‌ପି ବିବେକ ସିମ୍ କହିଛନ୍ତି ଯେ ଗଛ କାଟୁଥିବା ଅସ୍ତ୍ରରେ ବିବେକଙ୍କୁ ହତ୍ୟା କରାଯାଇଥିଲା। ଏହି ଅସ୍ତ୍ରକୁ ଜବତ କରାଯାଇଛି। ଖୁବଶୀଘ୍ର ମାମଲାର ପର୍ଦ୍ଦାଫାସ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରାଜାଙ୍କ ଭାଇ ବିପିନ ରଘୁବଂଶୀ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଅପହରଣ ପରେ ହତ୍ୟା କରାଯାଇଥିବା ସେ ଆଶଙ୍କା କରିଛନ୍ତି। ମେଘାଳୟ ପୁଲିସ ମାମଲାକୁ ଚପାଇବାକୁ ଉଦ୍ୟମ କରୁଛି। ଏ ପର୍ଯ୍ୟନ୍ତ ରାଜାଙ୍କ ପର୍ସ, ବ୍ରେସଲେଟ, ଚେନ୍, ବ୍ୟାଗ, ମୁଦି ଏବଂ ପାୱାର ବ୍ୟାଙ୍କ ଜବତ ହୋଇନାହିଁ। ଏହା ମଧ୍ୟରେ ତାଙ୍କ ମୃତଦେହ ଘରେ ପହଞ୍ଚିଛି। ତେବେ ରାଜାଙ୍କ ପତ୍ନୀଙ୍କ ମୃତଦେହ ଏ ଯାଏଁ ମିଳିପାରି ନାହିଁ। ଅନ୍ୟପଟେ ଜିପିଏସ ଟ୍ରାକରରୁ ଜଣାପଡ଼ିଛି ଯେ ଦମ୍ପତି ଯେଉଁ ସ୍କୁଟି ବ୍ୟବହାର କରିଥିଲେ ତାହା ଗତ ୨୩ ତାରିଖରେ କିଛି ସମୟ ପର୍ଯ୍ୟନ୍ତ ଅଟକି ରହିଥିଲା। ଏହା ପୂର୍ବରୁ ରାଜାଙ୍କ ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ୱେଇସାଡୋଙ୍ଗ ଅଞ୍ଚଳରୁ ଭଙ୍ଗା ମୋବାଇଲ ଫୋନ ଜବତ କରାଯାଇଥିଲା।

■ ଘରୁ ଟଙ୍କା ଜବତ ମାମଲା

## ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଦିଲ୍ଲୀ ସ୍ଥିତ ବାସଭବନରୁ ଟଙ୍କା ଜବତ ମାମଲାରେ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଇସ୍ତଫା ଦେବାକୁ ମନା କରି ଦେଇଥିବା ଏହି ବିଚାରପତିଙ୍କ ବିରୋଧରେ ମୌସୁମୀ ଅଧିବେଶନରେ ମହାଭିଯୋଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ସରକାର ପ୍ରସ୍ତୁତି କରୁଛନ୍ତି ବୋଲି ସୂତ୍ରରୁ ସୂଚନା ମିଳିଛି। ଜଣେ କାର୍ଯ୍ୟରତ ବିଚାରପତିଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ବିରଳ। ଏହା ସାମ୍ବିଧାନିକ ବ୍ୟବସ୍ଥାର ସବୁଠାରୁ ସମ୍ବେଦନଶୀଳ ମାମଲା ମଧ୍ୟ। ଏ ସମ୍ବନ୍ଧରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ସବୁ ଦଳଙ୍କ ସହ କଥାହେବେ। ବିଚାରପତିଙ୍କ ମହାଭିଯୋଗ ପାଇଁ ସବୁ ଦଳଙ୍କ ସହମତି ଲୋଡ଼ା। ଏହାକୁ ନେଇ ମଙ୍ଗଳବାର ମାରାଥନ ବୈଠକ ହୋଇଥିଲା। ଏ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା।

## ସିକିମରେ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ସମେତ ୫ ନିଖୋଜ

ନୂଆଦିଲ୍ଲୀ, ୩।୬ (ଏଜେନ୍ସି): ପୂର୍ବୋତ୍ତର ରାଜ୍ୟଗୁଡିକରେ ଗତ ଦୁଇ ସପ୍ତାହ ହେଲା ପ୍ରବଳ ବର୍ଷା ଜାରି ରହିଛି। ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଭାରତୀୟ ସେନା ମଙ୍ଗଳବାର ସିକିମର ଲାଚେନରୁ ବିମାନ ଯୋଗେ ବିଦେଶୀ ନାଗରିକଙ୍କ ସମେତ ୩୦ ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରିଥିଲା। ୮୩ ଜଣ ଏବେ ବି ଫସି ରହିଛନ୍ତି। ୬ଜଣ ନିଖୋଜ ଅଛନ୍ତି। ଏମାନଙ୍କୁ ଉଦ୍ଧାର କରିବାକୁ ତଲାସୀ ଅଭିଯାନ ଜାରି ରହିଛି। ଏବେ ମିଜୋରାମ ସରକାର ପର୍ଯ୍ୟଟକଙ୍କ ପାଇଁ ଏକ ମାର୍ଗଦର୍ଶିକା ଜାରି କରି ୧୩ ତାରିଖ ପର୍ଯ୍ୟନ୍ତ ରାଜ୍ୟକୁ ନ ଆସିବାକୁ କୁହାଯାଇଛି। ଏହି ରାଜ୍ୟରେ ଗତ ୨୪ ତାରିଖରୁ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି। ସେବେଠାରୁ ଜୁନ୍ ୩ ପର୍ଯ୍ୟନ୍ତ ମିଜୋରାମରେ ୬୨୬ଟି ଭୂସ୍ଖଳନ ଘଟଣା ସାମ୍ନାକୁ ଆସିଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଆସାମର ସେନା ଶିବିର ନିକଟରେ ହୋଇଥିବା ଭୂସ୍ଖଳନରେ ସେନା କର୍ଣ୍ଣେଲଙ୍କ ସମେତ ୬ ଜଣ ନିଖୋଜ ଅଛନ୍ତି। ବନ୍ୟା ଯୋଗୁଁ ଆଉ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ଭୂସ୍ଖଳନ-ବର୍ଷା ଜନିତ ମୃତ୍ୟୁ ସଂଖ୍ୟା ୧୭ରେ ପହଞ୍ଚିଛି।

## ୧୧ ମାସରେ ଭୁଶୁଡ଼ିଗଲା ନେଦରଲାଣ୍ଡ ସରକାର

ହେଗ୍, ୪।୬ (ଏଜେନ୍ସି): ମାତ୍ର ୧୧ ମାସ ମଧ୍ୟରେ ନେଦରଲାଣ୍ଡ ସରକାର ଭୁଶୁଡି ଯାଇଛି। ଦକ୍ଷିଣପନ୍ଥୀ ଦଳ ପିଭିଭି ମେଣ୍ଟରୁ ବାହାରିଯିବାକୁ ଘୋଷଣା କରିବା ପରେ ଏଭଳି ହୋଇଛି। ଦଳର ମୁଖ୍ୟ ଗିର୍ଟ ୱାଇଲ୍ଡର୍ସ କହିଛନ୍ତି ଯେ ତାଙ୍କ ଦଳର ସମସ୍ତ ମନ୍ତ୍ରୀ ସରକାରରୁ ଇସ୍ତଫା ଦେଇଛନ୍ତି। ୨୦୨୪ ଜୁଲାଇରେ ଏହି ମେଣ୍ଟ ସରକାର ଗଠନ ହୋଇଥିଲା। ୱାଇଲ୍ଡର୍ସ ନିଜେ ସରକାରରେ କୌଣସି ପଦବୀରେ ନ ଥିଲେ। ସେ କହିଛନ୍ତି ଯେ ମେଣ୍ଟ ଅଂଶୀଦାରମାନେ ଶରଣାର୍ଥୀ ସଙ୍କଟ ସମ୍ପର୍କରେ ଏକ ଦୃଢ଼ ନୀତି ପ୍ରସ୍ତୁତ କରୁ ନଥିଲେ। ଏହି କାରଣରୁ ସେ ମେଣ୍ଟ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ମେଣ୍ଟ ଦୁର୍ବଳ ସ୍ଥିତିରେ ଥିଲା। ଏବେ ଏକ କାମଚଳା ପ୍ରଶାସନକୁ ଶାସନ୍ତ ବ୍ୟବସ୍ଥା ହସ୍ତାନ୍ତର କରାଯାଇଛି।

## ଆତଙ୍କବାଦୀଙ୍କ କାରଖାନା ପାକିସ୍ତାନକୁ ଜାତିସଂଘର 'ପୁରସ୍କାର'

# ଆତଙ୍କ ରୋକୁଥିବା କମିଟିର ଉପାଧ୍ୟକ୍ଷ ନିଯୁକ୍ତ

ନ୍ୟୁୟର୍କ, ୪।୬ (ଏଜେନ୍ସି): ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଆତଙ୍କବାଦ ଏବଂ ଯୁଦ୍ଧ ରୋକିବାରେ ବିଫଳ ହୋଇଥିବା ଏହି ଅନ୍ତର୍ଜାତୀୟ ସଂସ୍ଥା ଏବେ ଆତଙ୍କ ରୋକିବା ପାଇଁ ଗଠିତ କମିଟିରେ ଆତଙ୍କବାଦକୁ ସମର୍ଥନ, ପ୍ରୋତ୍ସାହନ ଏବଂ ପାଣ୍ଠି ଯୋଗାଉଥିବା ପାକିସ୍ତାନକୁ ଉପାଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏଭଳି ଘଟଣା ସମସ୍ତଙ୍କୁ ବିଚଳିତ କରିଦେଇଛି। ଖାଲି ସେତିକି ନୁହେଁ, ପାକିସ୍ତାନକୁ ତାଲିବାନ କଟକଣା କମିଟି ତଥା ୧୯୮୮ କମିଟିର ଅଧ୍ୟକ୍ଷ ମଧ୍ୟ ନିଯୁକ୍ତ କରାଯାଇଛି। ଗୁଏନା ଏବଂ ରୁଷ୍ ଏହି କମିଟିର ଅଧ୍ୟକ୍ଷ ରହିଛି। ଏହି କମିଟି ଆଫଗାନିସ୍ତାନର ଶାନ୍ତି, ସ୍ଥିରତା ଏବଂ ସୁରକ୍ଷା ପାଇଁ ବିପଦ ବୋଲି ବିବେଚିତ ବ୍ୟକ୍ତି, ଗୋଷ୍ଠୀ ଏବଂ ସଂସ୍ଥାଗୁଡ଼ିକର ଆର୍ଥିକ ସମ୍ପତ୍ତି ଫ୍ରିଜ୍ କରିଥାଏ। ଯାତ୍ରା ଏବଂ ଅସ୍ତ୍ରଶସ୍ତ୍ର କଟକଣା ଭଳି ନିଷ୍ପତ୍ତି ନେଇଥାଏ। ଦୁଃଖର ବିଷୟ ଏହି କି ଯେ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର ଜୋରଦାର ସଂଘର୍ଷ ଚାଲିଛି। ଦୁଇ ଦେଶ ହେଲମନ୍ଦ ପ୍ରଦେଶର ସୀମାରେ ମୁହାଁମୁହିଁ ହୋଇଛନ୍ତି। ତାଲିବାନର ଆକ୍ରମଣରେ ପାକିସ୍ତାନ ସେନା ପଛଘୁଞ୍ଚା ଦେଇଥିବାବେଳେ ୟୁଏନ୍‌ଏସ୍‌ସି ଏପରି ପଦକ୍ଷେପ ନେଇଛି।

ସୂଚନା ଅନୁଯାୟୀ ପାକିସ୍ତାନ ଏବେ ତାଲିବାନ କଟକଣା କମିଟି ସହ ଜଡିତ ବୈଠକର ଅଧ୍ୟକ୍ଷତା କରି ସଦସ୍ୟ ମାନଙ୍କ ସହମତି ଭିତିରେ ବିଭିନ୍ନ ପଦକ୍ଷେପ ନେବାକୁ ସୁପାରିସ କରିବ। ପୂର୍ବରୁ ଏହି କମିଟି ଆଇଏସଆଇଏଲ ଏବଂ ଅଲ-କାଏଦା ସହ ଜଡିତ ଆତଙ୍କବାଦୀଙ୍କ ଉପରେ ନଜର ରଖିଥିଲା। ପରେ ୨୦୧୧ରେ ୧୯୮୮ର ପ୍ରସ୍ତାବ ଅନୁଯାୟୀ ଏହାକୁ ପୃଥକ ଭାବରେ ପୁନର୍ଗଠିତ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ଯଦି ପାକିସ୍ତାନ ତାଲିବାନ କଟକଣା କମିଟିର ନିର୍ଦ୍ଦେଶ ପାଇବା ପରେ ତାଲିବାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଏ ତେବେ ଏହା ସମ୍ପର୍କକୁ ପ୍ରଭାବିତ କରିପାରେ।

ଏହା ବ୍ୟତୀତ ପାକିସ୍ତାନକୁ ଆତଙ୍କବାଦ ବିରୋଧୀ କମିଟି-୧୯୭୩ (୧୩୭୩ କାଉଣ୍ଟର ଟେରୋରିଜମ୍ କମିଟି)ର ଉପାଧ୍ୟକ୍ଷ ମଧ୍ୟ କରାଯାଇଛି। ଆଲଜେରିଆକୁ ଆତଙ୍କବାଦ ବିରୋଧୀ କମିଟିର ଅଧ୍ୟକ୍ଷ କରାଯାଇଛି। ପାକିସ୍ତାନ ସହିତ ଫ୍ରାନ୍ସ ଏବଂ ରୁଷ୍ ମଧ୍ୟ କମିଟିର ଉପାଧ୍ୟକ୍ଷ ହୋଇଛି। ତେବେ

ଆତଙ୍କବାଦ ବିରୋଧୀ କମିଟିର ନିଜସ୍ୱ ଦଣ୍ଡ ଦେବା କିମ୍ବା କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ନାହିଁ। କିନ୍ତୁ ଏହା ସଦସ୍ୟ ଦେଶଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖିଥାଏ। ଆତଙ୍କବାଦ ବିରୋଧରେ ପଦକ୍ଷେପ ନେବା ପାଇଁ ଦେଶଙ୍କୁ ପରାମର୍ଶ ଦେଇଥାଏ। ପ୍ରତିବର୍ଷ ଏହି କମିଟିର ଅଧ୍ୟକ୍ଷତା ପରିବର୍ତ୍ତନ ହୋଇଥାଏ। ୨୦୨୨ରେ ଭାରତ ଏହି କମିଟିର ଅଧ୍ୟକ୍ଷତା କରିଥିଲା। ୨୦୨୧-୨୨ ପାଇଁ ଅସ୍ଥାୟୀ ସଦସ୍ୟ ଭାବରେ ନିର୍ବାଚିତ ହେବା ପରେ ଭାରତକୁ ଏହି ଦାୟିତ୍ୱ ଦିଆଯାଇଥିଲା। ୟୁଏନ୍‌ଏସ୍‌ସିର କମିଟି ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଏବଂ ପରିସର ଭିନ୍ନ ହୋଇଥାଏ।

ପାକିସ୍ତାନ ସର୍ବାଧିକ ବିଶ୍ୱ ଆତଙ୍କବାଦୀଙ୍କୁ ଶରଣ ଦେଇଛି ବୋଲି ଭାରତ କ୍ରମାଗତ ଭାବେ ଅଭିଯୋଗ କରିଆସୁଛି। ତଥାପି ଜାତିସଂଘ କୌଣସି ପଦକ୍ଷେପ ନେଉନାହିଁ। ଆଉ ଏବେ ପାକିସ୍ତାନକୁ ଏହି କମିଟିର ଉପାଧ୍ୟକ୍ଷ କରିବା ଜାତିସଂଘର ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ଅଲକାଏଦା ଆତଙ୍କବାଦୀ ଓସାମା ବିନ୍ ଲାଡେନ ପାକିସ୍ତାନର ଆବୋଟାବାଦରେ ଲୁଚି ରହିଥିବାବେଳେ ଆମେରିକା ତାକୁ ମାରିଥିଲା। ହାଫିଜ ସୈଦ, ଦାଉଦ ଇବ୍ରାହିମ, ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ କସୁରୀ ଆଦି ପାକିସ୍ତାନରେ ଅଛନ୍ତି। ଏମାନଙ୍କୁ ପାକିସ୍ତାନ ସେନା ଏବଂ ସରକାର ସୁରକ୍ଷା ଯୋଗାଇ ଆସୁଛି। ଭାରତ ବିରୋଧୀ ଆକ୍ରମଣ ପାଇଁ ମଧ୍ୟ ଉସୁକାଉଛି। ନିକଟରେ ଘଟିଥିବା ପହଲଗାମ ଆକ୍ରମଣ ଏହାର ଉଦାହରଣ।

## ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୨୫
- ପାଉଣ୍ଡ ୧୧୬.୮୨
- ୟୁରୋ ୯୭.୯୨
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୦,୮୧୦ (ନୂଆଦିଲ୍ଲୀ)
- ରୁପା : ୧୦୦,୨୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୯୯୮.୦୦
- ନିଫ୍ଟି ୨୪,୬୨୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## କର୍ପୋରେଟ୍ କନେକ୍ସନର ଭୁବନେଶ୍ୱର ଚାପ୍ଟର ଆରମ୍ଭ

ଭୁବନେଶ୍ୱର, ୪।୬ (ସମିସ): ରାଜ୍ୟରେ କର୍ପୋରେଟ୍ କନେକ୍ସନ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ହୋଇଛି। ଏହି ସ୍ୱତନ୍ତ୍ର ସମାବେଶରେ ୫୦ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ନେତୃବୃନ୍ଦ ସାମିଲ ହୋଇଥିଲେ। ଦେଶର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ୮୫୦ରୁ ଅଧିକ ଅଭିଜ୍ଞ ସଦସ୍ୟଙ୍କୁ ନେଇ ଗଠିତ କର୍ପୋରେଟ୍ କନେକ୍ସନ। ଏହି ଚାପ୍ଟରର ଶୁଭାରମ୍ଭ କାର୍ଯ୍ୟକ୍ରମରେ କର୍ପୋରେଟ୍ କନେକ୍ସନ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭିକେ ସିଂଘଭି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ରୁଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ

# ୫୦୦% ଶୁଳ୍କ ଲଗାଇବାକୁ ଧମକ

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ୟୁକ୍ରେନ୍ ବିରୁଦ୍ଧରେ ରଷର ଆକ୍ରମଣ ରୋକିବାକୁ ହେଲେ ପ୍ରଥମେ କ୍ରିମ୍‌ଲିନ୍‌କୁ ପାଣ୍ଠି ଶୂନ୍ୟ କରିବାକୁ ହେବ। ଏଥିପାଇଁ ଭାରତକୁ ଅଟକାଇବାକୁ ପଡ଼ିବ। ଯାହାଫଳରେ ରଷକୁ ରୋକିବାକୁ ଆମେରିକା ଟାର୍ଗେଟ୍‌ରେ ଭାରତ ରହିଛି। ଏହି ଚିନ୍ତାଧାରା ସହିତ ଆମେରିକା ବର୍ତ୍ତମାନ ଭାରତ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯୋଜନା କରୁଛି। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ଭାରତ ଉପରେ ୫୦୦% ଶୁଳ୍କ ଲାଗିବ। ଏହି ଧମକ ଏବେ ଦେଉଛି ଆମେରିକା। ଆମେରିକାର ସଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ ଏହି ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ସପ୍ତାହରେ ଏହା ଉପରେ ଆଲୋଚନା ହୋଇପାରେ। ସେପଟେ ଭାରତରୁ ଇସ୍ପାତ ଆମଦାନୀ ଉପରେ ମଧ୍ୟ ଟ୍ରମ୍ପ ସରକାରଙ୍କ ୫୦% ଶୁଳ୍କ ବୃଦ୍ଧି ଭାରତୀୟ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି।

ରଷ ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ନେଉନି। ଯୁଦ୍ଧ ବନ୍ଦ କରି ବାହା ବାହା ନେବାକୁ ଚାହୁଁଥିବା ଆମେରିକାର ଉଦ୍ଦେଶ୍ୟ ପୂରା ହୋଇପାରୁନି। ତେଣୁ ଔଷଧ ରାଗରେ ତାଟିଆ କାମୁଡ଼ିବା





ଭଳି ଏବେ ଆମେରିକା ଭାରତ ଉପରେ ଟାର୍ଗେଟ୍ କରୁଛି। ଭାରତ ରଷଠାରୁ ତେଲ, ପେଟ୍ରୋଲ କିମ୍ବା ପେଟ୍ରୋକେମିକାଲ୍ସ କିଣୁଛି, ଆଉ ଏହି ଅର୍ଥରେ ରଷ ବଳିଆନ ହେଉଛି ବୋଲି ଆମେରିକା ଭାବୁଛି। ତେଣୁ ଭାରତକୁ ଅଟକାଇବାକୁ ଶୁଳ୍କକୁ ଅସ୍ତ୍ର କରିଛି ଆମେରିକା। ରଷଠାରୁ ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣିଲେ ୫୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି ଆମେରିକା ସଂସଦ ରିଚାର୍ଡ ବ୍ଲୁମେନ୍‌ଥାଲ୍। ବିଶେଷ କରି ଚୀନ ଓ ଭାରତ ଉପରେ ଚାପ ପକାଇବାକୁ ସେ ଏପରି କହିଛନ୍ତି। ତେବେ ଏପ୍ରିଲରେ ଆମେରିକା ସଂସଦ ଲିଣ୍ଡସେ ଗ୍ରାହାମଙ୍କ ଦ୍ୱାରା ଏକ ଦ୍ୱିପାକ୍ଷିକ ପ୍ରତିବନ୍ଧକ ବିଲ୍ ଆଗତ ହୋଇଥିଲା। ଯେଉଁଥିରେ ବ୍ଲୁମେନ୍‌ଥାଲ୍ ୫୦୦ % ଶୁଳ୍କ ପ୍ରସ୍ତାବ ଦେଇଥିଲେ। ଆସନ୍ତା ସପ୍ତାହରେ ଏହି ବିଲ୍ ଉପରେ ଆଲୋଚନା ହୋଇପାରେ। ଭାରତ ଓ ଚୀନ ରଷଠାରୁ ୭୯% ତେଲ, ପେଟ୍ରୋଲ, କିମ୍ବା ପେଟ୍ରୋକେମିକାଲ୍ସ କିଣୁଛନ୍ତି। ପ୍ରତିବନ୍ଧକ ସତ୍ତ୍ୱେ ବି ଭାରତ ମେ ମାସରେ ରଷ ଠାରୁ ୧୯ ଲକ୍ଷ ୬୦ ହଜାର ବ୍ୟାରେଲ ଅଶୋଧିତ ତେଲ କିଣିଛି।

ଅପରପକ୍ଷେ ଇସ୍ପାତ ଓ ଆଲୁମିନିୟମ ଆମଦାନୀ ଉପରେ ଟ୍ରମ୍ପ ୫୦% ଶୁଳ୍କ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି, ଯାହାକୁ ଭାରତ ବିରୋଧ କରିଛି। ୨୦୧୮ ରେ ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଆମେରିକା ଇସ୍ପାତ ଉପରେ ୨୫% ଓ ଆଲୁମିନିୟମ ଉପରେ ୧୦% ଶୁଳ୍କ ଲଗାଇଥିଲା। ଫଳରେ ଭାରତକୁ ୭.୬ ଆରବ ଡଲାରର କ୍ଷତି ସହିବାକୁ ପଡ଼ିଥିଲା। ଜବାବରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ଦ୍ୱାରସ୍ଥ ହୋଇଥିଲା। ଟିକସ କମାଇବା ପାଇଁ ୨୦୧୮ରୁ ୨୦୨୫ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲେ ବି ବିଫଳ ହୋଇଛି। ତେଣୁ ବର୍ତ୍ତମାନ ଭାରତ ଆମେରିକାର ୨୯ ଆମେରିକା ସାମଗ୍ରୀ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ଯଦି ଏହା ହୁଏ ତେବେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇପାରେ।

## ବେଦାନ୍ତ ଆଲୁମିନିୟମ୍ ଏକ ସ୍ଥାୟୀ ପରିବର୍ତ୍ତନର ନେତୃତ୍ୱ ନେଇଛି

ଭୁବନେଶ୍ୱର, ୪।୬ (ସମିସ): ବେଦାନ୍ତ ଆଲୁମିନିୟମ୍ ଡିକାର୍ବୋନାଇଜେସନ୍ ପଦକ୍ଷେପର ଏକ ବ୍ୟାପକ ସିରିଜ୍ ସହିତ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏକ ସାହସିକ ପଥ ପ୍ରସ୍ତୁତ କରୁଛି, ଯାହା ମହତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରେ। ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ, ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟୀତ୍ୱରେ ଏକ ନେତା ଭାବରେ ଉଭା ହେଉଛି, ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ ଏକତ୍ରିତ କରୁଛି। ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି



ସେରେଣ୍ଟିକା ରିନ୍ୟୁଏବଲ୍ସ ସହିତ ଏକ ଦୀର୍ଘକାଳୀନ ସହଭାଗୀତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତ୍ତନ। ଏହି ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୧୫ ଏମଡବ୍ଲ୍ୟୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି।

## ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ୍ ଜୁଏଲାରି ଚେନ୍ ଅଫ୍ ଦି ଇୟର' ସମ୍ମାନ

ଭୁବନେଶ୍ୱର, ୪।୬ (ସମିସ): ଖିମଜୀ ଜୁଏଲର୍ସ ଏହାର ସଫଳତାରେ ଆଉ ଏକ ଉଜ୍ଜ୍ୱଳ ଫର୍ଦ୍ଦ ଯୋଡ଼ିଛି। ପ୍ରତିଷ୍ଠିତ ଟାଇମ୍ସ ନାଓ ବିଜନେସ୍ ଏକ୍ସିଲେନ୍ସ ୱାର୍ଡସ୍-ଇଷ୍ଟ ୨୦୨୫ରେ ଖିମଜୀ ଜୁଏଲର୍ସଙ୍କୁ 'ମୋଷ୍ଟ ଟ୍ରଷ୍ଟେଡ ଜୁଏଲେରୀ ଚେନ୍ ଅଫ୍ ଦ ଇୟର' ଭାବେ ସମ୍ମାନିତ କରାଯାଇଛି। ଏହି ଉଜ୍ଜ୍ୱଳ ପୁରସ୍କାର ସମାରୋହରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସନ୍ତୋଷଜନକ ସ୍ୱୀକୃତି ଖିମଜୀର ନବୀନତା, ଉତ୍କୃଷ୍ଟ ଗୁଣବତ୍ତା ଏବଂ ଅତୁଳନୀୟ ଗ୍ରାହକ ସେବା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପାଳନ କରୁଛି। ୧୯୩୬ରେ ଶ୍ରୀ ଦୟାଭାଇ ଖିମଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମଜୀ ଜୁଏଲର୍ସ ପ୍ରାୟ ୯ ଦଶକ ଧରି ବିଶ୍ୱାସ ଏବଂ କାରିଗରୀରର ପରିପୂରକ ଭାବେ ପରିଚିତ ରହିଛି।

ଟାଇମ୍ସ ନାଓର ଏହି ସ୍ୱୀକୃତି ପ୍ରତି କୃତଜ୍ଞତା ପ୍ରକାଶ କରି ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି ଯେ, ଟାଇମ୍ସ ନାଓର ଏହି ସ୍ୱୀକୃତି ଆମକୁ ଗର୍ବିତ କରିଛି। ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଆମ ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଆମ ଗ୍ରାହକମାନଙ୍କ ବିଶ୍ୱାସର ଫଳ। ଖିମଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ, ବରଂ ଆମେ ଜୀବନର ସୁନ୍ଦର ସ୍ମୃତିଗୁଡିକୁ ସଜାଇଥାଉ। ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି। ଟାଇମ୍ସ ନାଓ ବିଜନେସ୍ ଏକ୍ସଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ ସେହି ଉଦ୍ୟୋଗଗୁଡ଼ିକ ପାଇଁ ଏକ ଉଜ୍ଜ୍ୱଳ ଚିହ୍ନ ଯେଉଁମାନେ ନବସୃଜନ, ସ୍ଥିରତା ଏବଂ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ଶିଳ୍ପର ପୁନର୍ବିନ୍ୟାସ କରୁଛନ୍ତି।





# ହିନ୍ଦୀ ମ୍ୟୁଜିକ୍ ଭିଡିଓରେ ସ୍ୱପ୍ନା ଓ ରାକେଶ

ବଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ ନା ଲଗେ...'। ଏହାର ସୁଟିଂ ଭୁବନେଶ୍ୱର ଏବଂ ପୁରୀରେ ହୋଇଛି। ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ। ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି। ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି। ସଙ୍ଗୀତ ଦେଇଛନ୍ତି ସୁଦୀପ ଜେନା। ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାର ରେକର୍ଡ କରାଯାଇଛି। ସେହିପରି ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି। ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ। ସେ ଏହାର ନୃତ୍ୟ ନିର୍ଦ୍ଦେଶନା ବି ଦେଇଛନ୍ତି। ଦୃଶ୍ୟଗ୍ରହଣ କରିଛନ୍ତି ଅଜିତ ଦାସ। ତେବେ ଏକ ଜାତୀୟ ସ୍ତରର ମ୍ୟୁଜିକ ଭିଡିଓରେ ଓଡ଼ିଆ ଅଭିନେତା ଅଭିନେତ୍ରୀଙ୍କ ସମେତ ଓଡ଼ିଆ ଟେକ୍ନିସିଆନ୍ କାମ କରିବା ନିଶ୍ଚିତ ଭାବରେ ଗୌରବର ବିଷୟ। ■



# ନିର୍ଦ୍ଦେଶନାରେ ପାଦ ଦେଲେ ଦେବ

ଓଡ଼ିଶାର ପୁଅ କୁମାର ସି. ଦେବ ମହାପାତ୍ରଙ୍କ କର୍ମ ସ୍ଥଳ ସୁଦୂର ମୁମ୍ବାଇ ଓ ଚେନ୍ନାଇ। ସେ ଓଡ଼ିଆ, ହିନ୍ଦୀ ଓ ଅନ୍ୟାନ୍ୟ ଭାଷାଭାଷୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶତାଧିକ ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ତଥା କ୍ୟାମେରାମ୍ୟାନ୍ ଭାବେ ସୁନାମ ଅର୍ଜନ କରିଛନ୍ତି। କିନ୍ତୁ ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ପରି ଇଚ୍ଛା ଥିଲା ନିର୍ଦ୍ଦେଶନା କ୍ଷେତ୍ରରେ ନିଜର କ୍ୟାରିଅର ଗଢ଼ିବା। ଏବେ ପ୍ରଥମ ଥର ପାଇଁ 'ଅନନ୍ତା' ନାମକ ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଏହାକୁ ପ୍ରଯୋଜନା କରିଛନ୍ତି ନବୀନ ଭଣ୍ଡାରୀ, ସୂରଜ ମହନୋତ ଏବଂ ଅର୍ଚ୍ଚିତା ସାହୁ। ଏଥିରେ ଅନନ୍ତା ଭୂମିକାରେ ନାୟକ ସବ୍ୟସାଚୀ ମିଶ୍ର ଅଭିନୟ କରିଛନ୍ତି। ତେବେ ସହଯୋଗୀ ନିର୍ଦ୍ଦେଶକ ଭାବେ ପ୍ରଥମେ ହିନ୍ଦୀ ସିନେମା 'ଗୁରୁ' ମାଧ୍ୟମରେ ଏଣ୍ଟ୍ରି କଲେ। ପରେ 'କଭି ଖୁସି କଭି ଗମ୍', 'ପୁଷ୍ପା ୧', 'ପୁଷ୍ପା ୨', 'ପଠାନ', ଆଦି ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ କଲେ। କୁମାର 'ରାବଣ' ଫିଲ୍ମରେ ମଧ୍ୟ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ତା'ପରେ ସେ ଗୋଟିଏ ପରେ ଗୋଟିଏ ଉଭୟ ହିନ୍ଦୀ ଏବଂ ତେଲଗୁ ସିନେମା କରି ଚାଲିଲେ। ୨୦୧୩ ରେ 'ଦିଲ୍ଲୀ ଇନ୍ ଏ ଡେ' ନାମକ ଏକ ଇଂରାଜୀ ଚଳଚ୍ଚିତ୍ରର ପ୍ରଯୋଜନା ମଧ୍ୟ କରିଥିଲେ। ପୂର୍ବରୁ କୁମାର ନିଜ ବାପା ସବ୍ୟସାଚୀ ମହାପାତ୍ରଙ୍କ ସହିତ 'ଶଳାବୁଢ଼ା', 'ଆଦିମ ବିଚାର', 'ପାହାଡ଼ର ଲୁହ' ଇତ୍ୟାଦି ଚଳଚ୍ଚିତ୍ରରେ ବାପାଙ୍କ ସହଯୋଗୀ ନିର୍ଦ୍ଦେଶକ ତଥା ଏଡିଟର୍ ଭାବେ କାମ କରିଛନ୍ତି। 'ଶଳାବୁଢ଼ା ବଦଲା'ର ପ୍ରଯୋଜନା ଭାର ସମ୍ଭାଳିଥିଲେ କୁମାର ଏବଂ ଏ ଲାଗି ପ୍ରଯୋଜକ ଭାବରେ ଜାତୀୟ ପୁରସ୍କାର ପାଇଥିଲେ। ■

ରଜ କୁଇନ୍ ୨୦୨୫

# ଦର୍ଶକଙ୍କୁ ଆକର୍ଷିତ କରୁଛି ଗାଲା ରାଉଣ୍ଡ



ଜୀ ସାର୍ଥକରେ ଏବେ ପ୍ରସାରିତ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ରିୟାଲିଟି ଶୋ' 'ରଜ କୁଇନ୍ ୨୦୨୫'। ଅନେକ ଆଶାୟୀ ପ୍ରାର୍ଥୀ ଏଥିରେ ଭାଗ ନେଇ ଅଡିସନ୍ ରାଉଣ୍ଡରୁ ଆଗକୁ ଆସି ଗାଲା ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ଚଳିତ ବର୍ଷ 'ରଜ କୁଇନ୍'ର ଗାଲା ରାଉଣ୍ଡରେ ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣଭାବେ ଏକ ଭିନ୍ନ ଓ ଆକର୍ଷଣୀୟ ପର୍ଯ୍ୟାୟ ମାଧ୍ୟମରେ ଆଗକୁ ବଢ଼ିବେ। ସବୁ ପର୍ଯ୍ୟାୟରେ ନିଜର ଚତୁରତା, ବୁଦ୍ଧିମତା ଓ କୌଶଳର ପରିଚୟ ଦେଖାଇ ପ୍ରତିଯୋଗୀମାନେ ଜଜ୍‌ମାନଙ୍କୁ ଆକର୍ଷିତ କରିବା ସହ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବେ। ପ୍ରତିଯୋଗୀମାନେ ଏକ ଐତିହ୍ୟ ଯାତ୍ରାରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ପରିଦର୍ଶନ କରିବା ସହ ନିଜର ସାହସିକ କୌଶଳ ମାଧ୍ୟମରେ ଓ ପଥପ୍ରାନ୍ତ ନାଟକ ଦ୍ୱାରା ଆଗ ପର୍ଯ୍ୟାୟକୁ ବଢ଼ିବେ। ଚଳିତବର୍ଷ ଏହି ସିଜନ୍‌ରେ ମେଣ୍ଟର୍ ଭାବରେ ଓଲିଉଡ଼ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୂର୍ଯ୍ୟମୟୀ, ଅନୀଷା ଓ ଅନୁଭା ନିଜର ଟିମ୍ ମନୋନୀତ କରିଛନ୍ତି। ସେହିପରି ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିଛନ୍ତି ଲିପି ମହାପାତ୍ର, ଶ୍ରୀତମ ଦାସ ଓ ଦେବାଶିଷ ପାତ୍ର। ■


# ଜୁନ୍ ୬ରେ 'ଫାଷ୍ଟ ଲଭ୍'



ଜୀ ସାର୍ଥକ ବ୍ୟାନର୍‌ରେ ନିର୍ମିତ 'ଫାଷ୍ଟ ଲଭ୍' ଚଳଚ୍ଚିତ୍ର ୬ ଜୁନ୍‌ରେ ରଜ ଉପଲକ୍ଷେ ମୁକ୍ତିଲାଭ କରିବ। ଏକ ରୋମାଣ୍ଟିକ ଲଭ୍ ଷ୍ଟୋରିକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ରେଞ୍ଜି ରୟାଲ୍ ସିନେ ଲ୍ୟାବ୍ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଭିଷେକ ମିତ୍ର। ସଂଳାପ ରଚନା କରିଛନ୍ତି ଡଃ ନିର୍ମଳ ନାୟକ। ଏହାର ଗୀତଗୁଡ଼ିକକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥି, ସାନ୍ତୋଜିତ ଚାଟାର୍ଜୀ, ନବ୍‌ସ ଏବଂ ସରୋଜ। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ବଲିଉଡ ଓ ଓଲିଉଡ଼ର ସୁନାମଧନ୍ୟ ଗାୟକ ଜାଭେଦ ଅଲି, ହ୍ୟୁମାନ୍ ସାଗର, ଅସୀମ ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ଗୌରବ ଆନନ୍ଦ ଓ କୁଳଦୀପ ପଟ୍ଟନାୟକ। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଅମିତ ନାୟକ, ଗିରିଶ ମହାନ୍ତି ଓ ଦିବ୍ୟ। ସିନେମାର ମୁଖ୍ୟ ଭୂମିକାରେ ଶୈଳେନ୍ଦ୍ର ଏବଂ ଦିବ୍ୟା ବ୍ୟତୀତ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖ ଅଛନ୍ତି। ଓଡ଼ିଆ ଯୁବଦର୍ଶକଙ୍କ ପସନ୍ଦକୁ ଧ୍ୟାନରେ ରଖାଯାଇ ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଯାହା ଦର୍ଶକଙ୍କ ମନକୁ ଛୁଇଁବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

# ଗୋଟିଏ ବିଲ୍ଡିଂରେ ଫିଲ୍ମ ସୁଟିଂ




ବଲିଉଡ୍‌ରେ କମ୍ ବଜେଟ୍‌ରେ ତିଆରି ହୋଇଥିବା ଅନେକ ଫିଲ୍ମ ରହିଛି। ତେବେ କମ୍ ବଜେଟ୍ ସତ୍ତ୍ୱେ ଏଭଳି ଫିଲ୍ମ ସୁପରହିଟ୍ ହୋଇଛି। ସେମିତି ଏକ ଫିଲ୍ମ ହେଉଛି 'ଟ୍ରାପ୍‌ଡ'। ବିକ୍ରମାଦିତ୍ୟ ମୋଟ୍‌ୱାନେ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଲୋକେ ଏବେ ବି ଝୁରୁଛନ୍ତି। ରାଜକୁମାର ରାଓଙ୍କ ଅଭିନୀତ ଏହି ଫିଲ୍ମ ୨୦୧୬ ମସିହାରେ ମୁକ୍ତିଲାଭ କରିଥିଲା। ୨୦ ଦିନରେ ନିର୍ମିତ ଏହି ଫିଲ୍ମର ସଫଳତା ସମସ୍ତଙ୍କୁ ଚକିତ କରିଥିଲା। ଏଥିରେ ରାଜ କୁମାରଙ୍କ ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଫିଲ୍ମଟି ସର୍‌ଭାଇଭର୍ ଡ୍ରାମା (ବଞ୍ଚିବା ପାଇଁ ସଂଘର୍ଷ) ଉପରେ ଆଧାରିତ। ଅର୍ଥାତ୍ ଜଣେ ବ୍ୟକ୍ତି ବଞ୍ଚିବା ପାଇଁ ଗୋଟିଏ ଖାଲି ଆପାର୍ଟମେଣ୍ଟରେ କିପରି ସଂଘର୍ଷ କରୁଛନ୍ତି ତାହା ଏଥିରେ ଦର୍ଶାଯାଇଛି। ଏହା ଏକ ସାଧାରଣ ଫିଲ୍ମ ଥିଲା। କିନ୍ତୁ ଏଥିରେ ଏମିତି କିଛି ଦୃଶ୍ୟ ଥିଲା, ଯାହା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ମୁମ୍ବାଇର ଏକ ଖାଲି ଆପାର୍ଟମେଣ୍ଟରେ 'ଟ୍ରାପ୍‌ଡ'ର ସୁଟିଂ କରାଯାଇଥିଲା। ଯାହାକୁ ରାଜ କୁମାର ଭଡ଼ାରେ ନେଇଥିଲେ। ଏହି ଗୋଟିଏ ଆପାର୍ଟମେଣ୍ଟରେ ହିଁ ସମ୍ପୂର୍ଣ୍ଣ ଫିଲ୍ମର କାହାଣୀ ସୁଟିଂ ହୋଇଛି। ଫିଲ୍ମର ପ୍ରତିଟି ଦୃଶ୍ୟ ଛାତି ଥରାଇବା ପରି ଥିଲା। ଆଜି ମଧ୍ୟ ଲୋକେ ଏହାକୁ ପ୍ରଥମ ଫିଲ୍ମ ଭଳି ଉତ୍ସାହର ସହ ଦେଖିଥାନ୍ତି। ପାଞ୍ଚ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ସମଗ୍ର ବିଶ୍ୱରେ ୩୦ କୋଟି ଆୟ କରିଥିଲା। 'ଟ୍ରାପ୍‌ଡ' ଫିଲ୍ମ ବଜେଟଠାରୁ ଛଅ ଗୁଣା ଅଧିକ ଆୟ କରିଥିଲା। ଏହି ଫିଲ୍ମକୁ ସିନେ ଦର୍ଶକେ ମଧ୍ୟ ବେଶ୍ ପ୍ରଶଂସା କରିଥିଲେ। ଏଥିରେ ରାଜ କୁମାରଙ୍କ ଅଭିନୟକୁ ଲୋକେ ଖୁବ୍ ପ୍ରଶଂସା କରିଥିଲେ। ■

# "ବିଫଳତା ହିଁ ସଫଳତାର ମାପକାଠି"

**ଅସୀମା ପତି, ଅଭିନେତ୍ରୀ**

## ସାକ୍ଷାତକାର



ବିଫଳତା ହିଁ ତାଙ୍କୁ ସଫଳତାର ସ୍ୱାଦ ଚଖାଇଥିଲା। ବିଫଳତାରେ ସେ ଧୈର୍ଯ୍ୟହରା ହୋଇନଥିଲେ, ବରଂ ସଫଳ ହେବାକୁ ପ୍ରୟାସ ଜାରି ରଖିଥିଲେ। ଆଉ ଶେଷରେ ଅଭିନୟରେ ସଫଳତା ଲାଭ କରିଥିଲେ କଟକର ଅସୀମା ପତି। କୌଣସି ଅଭିଜ୍ଞତା ନ ଥାଇ ସେ ଧାରାବାହିକ 'ତୋ ପାଇଁ ମୁଁ ମୋ ପାଇଁ ତୁ'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ଏହା ପରେ 'ତାରିଣୀ ଆଖିର ତାରା' ଧାରବାହିକରେ 'ତାରା' ଚରିତ୍ର ଜରିଆରେ ସେ ଘରେ ଘରେ ହେଲେ ପରିଚିତ। ଦର୍ଶକଙ୍କୁ ଏକାଧିକ ହିଟ୍ ମ୍ୟୁଜକ୍ ଭିଡ଼ିଓ ଭେଟି ଦେଇଛନ୍ତି ଏହି ଅଭିନେତ୍ରୀ ଜଣକ। ଜଣେ ୟୁଟ୍ୟୁବର୍ ଭାବେ ତାଙ୍କର ବେଶ୍ ନାଁ ରହିଛି। ତେବେ ଧାରାବାହିକରୁ ତାଙ୍କ ଅଭିନୟ ଯାତ୍ରା କିପରି ଆରମ୍ଭ ହେଲା, ଜାଣିବା ତାଙ୍କ ମୁହଁରୁ...

**ଅଭିନୟ ପ୍ରତି କେବେଠୁ ଆଗ୍ରହ ବଢ଼ିଲା?**

- ମୋ ଜେଜେମା କିରଣବାଳା ପତି ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ। ସେ ଅନେକ ଥିଏଟରରେ ନାଟକ କରିଛନ୍ତି। ମୁଁ ଭାବେ ତାଙ୍କ କଳାଟା ମୋ ପାଖକୁ ଆସିଛି। ତେଣୁ ପିଲାଟି ଦିନରୁ ମୁଁ ଅଭିନେତ୍ରୀ ହେବି ବୋଲି ଭାବି ନେଇଥିଲି। ମୋ ଜେଜେମା ସବୁବେଳେ ମୋତେ ସମର୍ଥନ କରୁଥିଲେ। ଘରଲୋକଙ୍କ ସହଯୋଗରେ ରଜ କୁଇନ୍ -୧୯ ରେ ଟପ୍ ୮ ରେ ଥିଲି। ଏହା ପରେ ଦୁଇଥର ରଜ କୁଇନ୍ ମେଗା ଅଡିସନ୍‌ରେ ହାରିଯିବା ପରେ ମ୍ୟୁଜିକ୍ ଭିଡିଓରେ କାମ ଆରମ୍ଭ କରିଥିଲି। 'ତୋ ପାଇଁ ମୁଁ ମୋ ପାଇଁ ତୁ' ମୋର ପ୍ରଥମ ଧାରାବାହିକ। ଏହି ଧାରାବାହିକ ସୁଟିଂ କରିବାର ୧୫ ଦିନ ପରେ 'ତରଙ୍ଗ'ରୁ 'ତାରିଣୀ ଆଖିର ତାରା'ରେ ଲିଡ୍ ରୋଲ୍ ମିଳିଥିଲା। ଏଥିରେ 'ତାରା' ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହି ଶୋ ସାଢ଼େ ତିନିବର୍ଷ ଚାଲିଥିଲା। 'ତାରିଣୀ ଆଖିର ତାରା' ପାର୍ଟ ଟୁ 'ତୁ ମୋ ଆଖିର ତାରା' ହୋଇଥିଲା। ମୋର ୨୫ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓ ମଧ୍ୟରୁ 'ମୋ ଧନ ଭାଙ୍ଗିଦେଇ ଗଲା ମୋରି ମନ' ଏବଂ 'ଏ ମେଘ ଏ ମେଘ' ଦୁଇଟି ମ୍ୟୁଜିକ୍ ଭିଡ଼ିଓ ଅଧିକ ଲୋକପ୍ରିୟ ହୋଇଛି। 'ଚୋରି ଚୋରି ବୋହୂ ଚୋରି' ଫିଲ୍ମରେ ବି ଲିଡ୍ ରୋଲ କରିଛି।

**ପ୍ରଥମେ କ୍ୟାମେରା ସାମ୍ନା କରିବାକୁ ଡର ଲାଗିଥିଲା?**

- ଆଦୌ ଭୟ କରି ନ ଥିଲି। କାରଣ ଅଭିନୟ କରିବା ପୂର୍ବରୁ ମୋ ନିଜକୁ ମୁଁ ସେମିତି ଗଢ଼ି ଦେଇଥିଲି। ତେଣୁ କ୍ୟାମେରା ସାମ୍ନାରେ ମୋର ପ୍ରଥମ ଟେକ୍ ଓକେ ହୋଇଥିଲା।

**ଦୀର୍ଘ ସମୟ ଧରି ଡବଲ୍ ରୋଲ୍ କରିଲେ। ଏହା ଆପଣଙ୍କ ପାଇଁ କେତେ ଚ୍ୟାଲେଞ୍ଜେସ୍ ଥିଲା?**

- ଡବଲ ରୋଲ୍ କରିବା ବହୁତ କଠିନ। ହେଲେ ମୁଁ ମୋ ଫ୍ୟାନ୍‌ଙ୍କ ଖୁସି ପାଇଁ ଏହି ଚ୍ୟାଲେଞ୍ଜ ପୂରା କରିପାରିଥିଲି।

**ସୁଟିଂ ସେଟ୍‌ର ଅଭୁଲା ଅନୁଭୂତି?**

- ଥରେ ସୁଟିଂ ପାଇଁ ମୋ ଆଖି, ନାକ ଆଉ ପାଟିକୁ ଛାଡ଼ି ପୂରା ଶରୀରକୁ ମାଟିରେ ପୋତି ଦିଆଯାଇଥିଲା। କାଳେ ମୋର କିଛି ହୋଇଯିବ ଭାବି ଭୟ କରିଦେଇଥିଲି।

**ଅଭିୟନକୁ ବାଦ୍ ଦେଲେ କ'ଣ କରନ୍ତି?**

- ରୋଷେଇ, ନୃତ୍ୟରେ ମୋର ରୁଚି ରହିଛି। ମୋର ୟୁଟ୍ୟୁବ୍ ଚ୍ୟାନେଲ ରହିଛି। ମୋ ଜେଜେମାଙ୍କ ସହ ମିଶି ଅନେକ ଗୁଡ଼ିଏ ମଜାଳିଆ ଭିଡ଼ିଓ କରେ। ମା' ମୋତେ ଓଡ଼ିଶୀ ଷ୍ଟେପ୍‌ସ ଶିଖାନ୍ତି।

**ଭଲ ଅଭିନୟ ପାଇଁ କ'ଣ କରନ୍ତି?**

- ବିଫଳତା ହିଁ ସଫଳତାର ଚାବି କାଠି। ଏହି ବିଶ୍ୱାସ ରଖି ମୁଁ କାମକୁ ଯାଏ। ବାକି ଭଗବାନଙ୍କ ଉପରେ ଛାଡ଼ିଦିଏ। ହାର୍‌କୁ ନକାରାତ୍ମକ ଭାବେ ଗ୍ରହଣ ନ କରି ଦ୍ୱିତୀୟ ଥର କିପରି ସଫଳ ହେବି ତାହାକୁ ଗୁରୁତ୍ୱ ଦେଇଥାଏ। ଏ ଲାଇନ୍‌କୁ ଆସିବା ପୂର୍ବରୁ ଘରେ ଦର୍ପଣ ଆଗେ ଅଭ୍ୟାସ ଜାରି ରଖୁଥିଲି। କିଛି ନା କିଛି ସଂଳାପ କହୁଥାଏ। ଏଥିପାଇଁ ଘରେ ବହୁତ ଗାଳି ବି ଖାଇଛି।

**ଆଗାମୀ ଯୋଜନା?**

- ଏବେ ନିଜକୁ କିଛି ସମୟ ଦେଉଥିବାରୁ ଦୁଇଟି ପ୍ରୋଜେକ୍ଟକୁ ଛାଡ଼ି ଦେଇଛି। କିଛି ସମୟ ବିରତି ପରେ ମୁଁ ପୁଣି କମ୍‌ବ୍ୟାକ୍ କରିବି। ■



# ପୁରନ ମାରିଲେ ସର୍ବାଧିକ ଛକା

ଅହମ୍ମଦାବାଦ, ୪।୬ (ଏଜେନ୍ସି): ଆଇପିଏଲ୍ ଅଷ୍ଟାଦଶ ସଂସ୍କରଣରେ ଏଥର ଛକା ଚୌକାର ବୃଷ୍ଟି ଦେଖିବାକୁ ମିଳିଥିଲା। ଏଥର ଫାଇନାଲକୁ ମିଶାଇ ମୋଟ୍ ୭୪ ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ମୋଟ୍ ୧୨୯୪ ଛକା ଓ ୨୨୪୫ ଚୌକା ହୋଇଥିଲା। ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ନିକୋଲସ ପୁରନ ବ୍ୟକ୍ତିଗତ ଭାବେ ସର୍ବାଧିକ ୪୦ ଛକା ମାରିଥିଲେ। ପୁରନଙ୍କ ପଛକୁ ଶ୍ରେୟସ ଆୟର ୩୯ଟି, ସୂର୍ଯ୍ୟକୁମାର ଯାଦବ ୩୮, ମିଚେଲ ମାର୍ଶ ୩୭ଟି ଛକା ମାରିଛନ୍ତି। ଫାଇନାଲ ମ୍ୟାଚରେ ଆୟର ମାତ୍ର ୧ ରନ କରି ଆଉଟ୍ ହୋଇଥିଲେ। ଫଳରେ ତାଙ୍କ ନିକଟରେ ସର୍ବାଧିକ ଛକା ମାରିବାର ସୁଯୋଗ ଅଳ୍ପକେ ହାତଛଡ଼ା ହୋଇଥିଲା। ତେବେ ଆଇପିଏଲ୍‌ର ଗୋଟିଏ ସିଜନରେ ସର୍ବକାଳୀନ ସର୍ବାଧିକ ଛକା ମାରିବାର ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି। ୨୦୧୨ ସିଜନରେ ଗେଲ୍‌ଙ୍କ ବ୍ୟାଟ୍‌ରୁ ୫୯ଟି ଛକା ଦେଖିବାକୁ ମିଳିଥିଲା। ସେହିଭଳି ସର୍ବାଧିକ ଚୌକା ମାରିବାରେ ଗୁଜରାଟ ଟାଇଟନ୍ସର ସାଇ ସୁଦର୍ଶନ ସର୍ବାଗ୍ରେ ରହିଛନ୍ତି। ସେ ୧୫ ମ୍ୟାଚ୍ ଖେଳି ମୋଟ୍ ୮୮ଟି ଚୌକା ମାରିଛନ୍ତି। ସୂର୍ଯ୍ୟକୁମାର (୬୯), ବିରାଟ କୋହଲି (୬୩) ଓ ଶୁବମନ ଗିଲ୍ (୬୨) ତାଲିକାରେ ପଛକୁ ପଛ ପରବର୍ତ୍ତୀ ୩ଟି ସ୍ଥାନରେ ରହିଛନ୍ତି।

■ ବିରଳ କ୍ଲବରେ କ୍ରୁନାଲ

## ଆଇପିଏଲ୍ ଫାଇନାଲରେ ୨ଥର ଶ୍ରେଷ୍ଠ ଖେଳାଳି



ଅହମ୍ମଦାବାଦ, ୪।୬ (ଏଜେନ୍ସି): ଆଇପିଏଲ୍-୧୮ ଫାଇନାଲ ମ୍ୟାଚରେ କ୍ରୁନାଲ ପାଣ୍ଡ୍ୟା ଦମ୍‌ଦାର ପ୍ରଦର୍ଶନ କରି ବେଙ୍ଗାଲୁରୁକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୧୭ ରନ ବ୍ୟୟ କରି ପ୍ରଭସିମରନ ସିଂହ ଓ ଜୋଶ୍ ଇଂଲିଶଙ୍କ ମୂଲ୍ୟବାନ ୱିକେଟ୍ ନେଇଥିଲେ। ଏଥିସହ ବ୍ୟାଟିଂରେ ୪ ରନ କରିବା ସହ ଫିଲ୍ଡିଂରେ ନେହାଲ ୱାଧେରାଙ୍କ କ୍ୟାଚ୍ ମଧ ଧରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସେ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଇପିଏଲ୍ ଇତିହାସରେ ପ୍ରଥମ ଖେଳାଳି ଭାବେ କ୍ରୁନାଲ ଦୁଇଥର ଫାଇନାଲର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଏଥିପୂର୍ବରୁ ୨୦୧୭ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚାମ୍ପିଅନ ହୋଇଥିବାବେଳେ ପାଣ୍ଡ୍ୟା ୩୮ ବଲରୁ ୪୭ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।







# ଫିକା ପଡ଼ିଲା ଆର୍‌ସିବିର ବିଜୟ ଉତ୍ସବ



ବେଙ୍ଗାଲୁରୁ, ୪।୬ (ଏଜେନ୍ସି): ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ଟ୍ରଫି ଜିତିବା ସ୍ୱପ୍ନ ସାକାର ହୋଇଛି। ମଙ୍ଗଳବାର ରାତିରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇପିଏଲ୍-୧୮ ଫାଇନାଲରେ ଆର୍‌ସିବି ୬ ରନରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏଥିସହ ଦଳର ତାରକା ଖେଳାଳି ବିରାଟ କୋହଲିଙ୍କ ମଧ ଆଇପିଏଲ୍ ଟ୍ରଫି ଜିତିବା ଆଶା ପୂରଣ ହୋଇଛି। ଏହି ଐତିହାସିକ ସଫଳତା ପରେ ବୁଧବାର ଆର୍‌ସିବି ଆଇପିଏଲ୍ ଟ୍ରଫି ସହ ବେଙ୍ଗାଲୁରୁ ଫେରିଥିଲା। ପ୍ରଥମଥର ଆଇପିଏଲ୍‌ରେ ଚାମ୍ପିଅନ ହୋଇଥିବାରୁ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ବେଙ୍ଗାଲୁରୁ ଦଳ ପାଇଁ ଭବ୍ୟ ସମାରୋହ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆୟୋଜିତ କରାଯାଇଥିଲା। ତେବେ ଷ୍ଟାଡିୟମ ବାହାରେ ଆର୍‌ସିବି ପ୍ରଶଂସକଙ୍କ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଲକ୍ଷ ଲକ୍ଷ ଆର୍‌ସିବି ପ୍ରଶଂସକ ତାଙ୍କ ପ୍ରିୟ କ୍ରିକେଟର୍ ବିରାଟ କୋହଲିଙ୍କୁ ଦେଖିବା ଲାଗି ଉତ୍କଣ୍ଠା ସହ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ। ଅପରାହ୍ଣରେ ଖେଳାଳିମାନେ ପହଞ୍ଚିବା ସମୟରେ ହଠାତ୍ ପ୍ରବଳ ଭିଡ଼ ଯୋଗୁ ଷ୍ଟାଡିୟମ ବାହାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପୁଲିସକୁ ଶେଷରେ ଲାଠି ଚାର୍ଜ କରିବାକୁ ପଡ଼ିଥିଲା। ଫଳରେ ଦଳାଚକଟା ଯୋଗୁ ୧୧ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି। ଫଳରେ ଏହି ଅଘଟଣରେ ବେଙ୍ଗାଲୁରୁର ବିଜୟ ଉତ୍ସବ ଫିକା ପଡ଼ିଯାଇଥିଲା।

ବୁଧବାର ଆର୍‌ସିବି ଏହାର ସାମାଜିକ ଗଣମାଧ୍ୟମ ସାଇଡ୍‌ରେ ବିଜୟ ପରେଡ୍ ହେବ ବୋଲି ସୂଚନା ଦେଇଥିଲା। ସେହିଭଳି କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ ମଧ ଖେଳାଳିଙ୍କୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରାଯାଇଥିଲା। ଆର୍‌ସିବିର ଦଳ ଅପରାହ୍ଣରେ ଅହମ୍ମଦାବାଦରୁ ବେଙ୍ଗାଲୁରୁ ପହଞ୍ଚିବା ପରେ ସିଧା ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଖେଳାଳିଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଏହାପରେ ଖେଳାଳିମାନେ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଯାଇଥିଲେ। ସେଠାରେ ଟ୍ରଫି ସହ ସମସ୍ତ ଖେଳାଳି ପଡ଼ିଆର ଚତୁଃପାଶ୍ୱର୍ ବୁଲି ପ୍ରଶଂସକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଏହି ସମୟରେ ବିରାଟ କୋହଲି, ଅଧିନାୟକ ରଜତ ପାଟିଦାର, କ୍ରୁନାଲ ପାଣ୍ଡ୍ୟା ପ୍ରମୁଖ ଟ୍ରଫି ଧରି ଆଗରେ ରହିଥିଲେ। ଏହାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତେବେ ଦଳାଚକଟା ଯୋଗୁ ଏହି ସମାରୋହର ସମୟସୀମା ଅବଧିକୁ କମାଇ ୧୫ ମିନିଟ୍ କରାଯାଇଥିଲା। ଏହି ଅଘଟଣକୁ ନେଇ ଡିକେ ଶିବକୁମାର ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତଙ୍କୁ ହସ୍ପିଟାଲରେ ଭେଟିଥିଲେ। ସେହିଭଳି ବିସିସିଆଇ ବିସିସିଆଇ ସଚିବ ଦେବଜିତ ସାଇକିଆ ଏହି ଘଟଣାକୁ ଦୁଃଭ।।ଗ୍ୟପୂର୍ଣ୍ଣ ବତାଇଥିଲେ।

■ ସିଏମ୍ ଟ୍ରଫି

## ଭୁବନେଶ୍ୱର ଏଫ୍‌ସି ଜୋନ୍ ଚାମ୍ପିଅନ

ଭୁବନେଶ୍ୱର, ୪।୬ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଚିଫ୍ ମିନିଷ୍ଟର (ସିଏମ୍) ଟ୍ରଫିରେ ଭୁବନେଶ୍ୱର ଜୋନ୍‌ରେ ଭୁବନେଶ୍ୱର ଏଫ୍‌ସି ଚାମ୍ପିଅନ ହୋଇଛି। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ଏଫ୍‌ସି ୯-୧ ଗୋଲରେ କଟକ ଏଫ୍‌ସିକୁ ପରାସ୍ତ କରି ଏହି ସଫଳତା ପାଇଛି। ଶ୍ରୀଜାଲ କିସ୍କୁ ଏହି ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚାମ୍ପିଅନ ଭୁବନେଶ୍ୱର ଏଫ୍‌ସି ଟ୍ରଫି ୫୦ ହଜାର ଟଙ୍କା ଏବଂ କଟକକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗୁରୁବାର ସେମିଫାଇନାଲରେ ଭୁବନେଶ୍ୱର ଏଫ୍‌ସି ବ୍ରହ୍ମପୁର ଜୋନ୍ ଚାମ୍ପିଅନ ନବରଙ୍ଗପୁର ଏଫ୍‌ସିକୁ ଭେଟିବ। ଏହି ମ୍ୟାଚ୍ ଭୁବନେଶ୍ୱର କ୍ୟାପିଟାଲ ଫୁଟ୍‌ବଲ ଏରେନାରେ ଅପରାହ୍ଣ ୪ଟା ୩୦ରେ ଖେଳାଯିବ। ଆଜି ଅତିଥି ଭାବେ ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ (ବିଏଏ) ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଦିଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପୁରୀରେ ହେବ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍

ଭୁବନେଶ୍ୱର, ୪।୬ (ସମିସ): ଓଡ଼ିଶା ଭାରୋତ୍ତୋଳନ ସଂଘର କାର୍ଯ୍ୟକାରୀଣି ବୈଠକ ସ୍ଥାନୀୟ ଉତ୍କଳ ସାମ୍ବାଦିକ ସଂଘ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଭାରୋତ୍ତୋଳନ ସଂଘର ସାଧାରଣ ସମ୍ପାଦକ ଆନନ୍ଦ ଗୌଡ଼ ଏହି ସଭାରେ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ପୁରୀ ଜିଲ୍ଲାରେ ଆୟୋଜିତ ହେବ ବୋଲି ସର୍ବସମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିଭଳି କଟକରେ ଇଣ୍ଟର କ୍ଲବ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରୋତ୍ତୋଳିକା ରିମା ଭୋଇଙ୍କୁ ନିଯୁକ୍ତି ପ୍ରଦାନ କରିଥିବାରୁ ରାଜ୍ୟ ସଂଘର ସଦସ୍ୟମାନେ ଟିପିସିଓଏଲ୍‌କୁ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ସଂଘର ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକଙ୍କ ସହ ଅଲିମ୍ପିଆନ କେ. ରବିକୁମାର ଏହି ଅବସରରେ ଉପସ୍ଥିତ ରହିଥିଲେ।



## ଏକଦିବସୀୟ ସିରିଜ ପୋଛିଲା ଇଂଲଣ୍ଡ

ଲଣ୍ଡନ, ୪।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଚାଲିଥିବା ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜକୁ ଘରୋଇ ଇଂଲଣ୍ଡ ୩-୦ରେ କ୍ଲିନସୁଇପ୍ କରିନେଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ମ୍ୟାଚରେ ଇଂଲଣ୍ଡ ୭ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ଇଂଲଣ୍ଡ ଯଥାକ୍ରମେ ୨୩୮ ରନ ଓ ୩ ୱିକେଟ୍‌ରେ ଜିତିଥିଲା। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠୁ ଆରମ୍ଭ ହେବ। ତୃତୀୟ ଏକଦିବସୀୟ ମ୍ୟାଚ୍ ପୂର୍ବରୁ ୱେଷ୍ଟଇଣ୍ଡିଜ କ୍ରିକେଟର୍‌ଙ୍କ ବସ୍ ଟ୍ରାଫିକ ଜାମ୍‌ରେ ଫସିଯାଇଥିଲା। ଯେଉଁଥି ପାଇଁ ଖେଳାଳି ପହଞ୍ଚିବାରେ ବିଳମ୍ବ ହେବାରୁ ମ୍ୟାଚକୁ ୪୦ ଓଭରବିଶିଷ୍ଟ କରାଯାଇଥିଲା।

## ଜାତୀୟସ୍ତରୀୟ ଟାଏକ୍ୱୋଣ୍ଡୋରେ ବ୍ରହ୍ମପୁରକୁ ୩୬ ପଦକ

ଭୁବନେଶ୍ୱର, ୪।୬ (ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଥିବା ୯ମ ଓପେନ୍ ଜାତୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍। ଏଥିରେ ୧୨ଟି ରାଜ୍ୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ବ୍ରହ୍ମପୁର ଟାଏକ୍ୱୋଣ୍ଡୋ ସଂଘର ୩୭ ଜଣ ପ୍ରତିଯୋଗୀ ଭାଗନେଇ ମୋଟ୍ ୩୬ଟି ପଦକ ଜିତିଛନ୍ତି। ଯେଉଁଥିରେ ୨୦ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା କୃତୀ ପ୍ରତିଯୋଗୀଙ୍କୁ ସାକ୍ଷାତ୍ କରି ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଜିଲ୍ଲା ସଂଘର ସମ୍ପାଦକ ସତ୍ୟ ନାରାୟଣ ତ୍ରିପାଠୀ ଉପସ୍ଥିତ ରହିଥିଲେ।

## ବଂଶିକାଙ୍କ ସହ କୁଲଦୀପଙ୍କ ନିର୍ବନ୍ଧ



ଲକ୍ଷ୍ନୌ ୪।୬ (ଏଜେନ୍ସି): ଭାରତୀୟ କ୍ରିକେଟର୍ କୁଲଦୀପ୍ ଯାଦବଙ୍କ ବୁଧବାର ଲକ୍ଷ୍ନୌରେ ଏକ ସମାରୋହରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ପିଲାଦିନର ବନ୍ଧୁ ତଥା କାନପୁର ନିବାସୀ ବଂଶିକାଙ୍କୁ ଜୀବନସାଥୀ ରୂପେ କୁଲଦୀପ ଚୟନ କରିଛନ୍ତି। ବଂଶିକା ବର୍ତ୍ତମାନ ଏଲ୍‌ଆଇସିର ଜଣେ ଅଧିକାରୀ। ଏହି ନିର୍ବନ୍ଧ ଉତ୍ସବରେ କ୍ରିକେଟର୍ ରିଙ୍କୁ ସିଂଙ୍କ ସମେତ କୁଲଦୀପ୍‌ଙ୍କ ପରିବାର ଲୋକ ଉପସ୍ଥିତ ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୪ ଡିସେମ୍ବର ୧୪ରେ କୁଲଦୀପ୍‌ଙ୍କ ଜନ୍ମ ଉତ୍ତରପ୍ରଦେଶର ଉନ୍ନାବ ଜିଲ୍ଲାରେ ହୋଇଥିଲା। ସେଠାରେ ସେ ୯ ବର୍ଷ ପର୍ଯ୍ୟନ୍ତ ରହିଥିଲେ। ଏହାପରେ ପାଠପଢ଼ା ଓ କ୍ରିକେଟ୍ ପ୍ରଶିକ୍ଷଣ ଲାଗି ସେ ପରିବାର ସହ କାନପୁର ଚାଲିଆସିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ୍ ଭାରତ ପାଇଁ ୧୩ ଟେଷ୍ଟ, ୧୧୩ ଏକଦିବସୀୟ ଓ ୪୦ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୫୬, ୧୮୧ ଓ ୬୯ ୱିକେଟ୍ ନେଇଛନ୍ତି।

# ବିପର୍ଯ୍ୟୟ ଘଟାଇ ସେମିରେ ବୋଇସନ୍




ଫ୍ରେଞ୍ଚ ଓପନ୍

ପ୍ୟାରିସ, ୪।୬ (ଏଜେନ୍ସି): ବିଶ୍ୱ ମାନ୍ୟତାର ୩୬୧ତମ ସ୍ଥାନରେ ରହିଥିବା ଘରୋଇ ଫ୍ରାନ୍ସର ଖେଳାଳି ଲୋଇସ୍ ବୋଇସନ୍ ଚଳିତ ଫ୍ରେଞ୍ଚ ଓପନ୍‌ରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ଏକକ କ୍ୱାର୍ଟର ଫାଇନାଲ ଲଢ଼େଇରେ ବୋଇସନ ବିପର୍ଯ୍ୟୟ ଘଟାଇ ୭-୬ (୮/୬), ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ରୁଷିଆର ମିରା ଆନ୍ଦ୍ରିଭାଙ୍କୁ ପରାସ୍ତ କରିଥିଲେ। ୨୨ ବର୍ଷୀୟା ବୋଇସନ୍ ଚଳିତ ଫ୍ରେଞ୍ଚ ଓପନ୍‌ରେ ପୂର୍ବରୁ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ମଧ ହରାଇ ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ସେମିଫାଇନାଲରେ ବୋଇସନ ୨୦୨୨ ଫାଇନାଲିଷ୍ଟ କୋକୋ ଗଫ୍‌ଙ୍କୁ ଭେଟିବେ। ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଗଫ୍ ଅନ୍ୟ ଏକ କ୍ୱାର୍ଟରରେ ୬-୭, ୬-୪, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ମାଡିସନ୍ କିଜ୍‌ଙ୍କୁ ମାତ୍ ଦେଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି।

ପୂର୍ବରୁ ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରୁଷ ଏକକ କ୍ୱାର୍ଟର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ସ୍ପେନର କାର୍ଲୋସ ଆଲ୍‌କାରାଜ ଓ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି ବିଜୟୀ ହୋଇ ଅନ୍ତିମ-୪'କୁ ଉନ୍ନତି କରିଛନ୍ତି। ଦ୍ୱିତୀୟ ସିଡ୍ ଆଲ୍‌କାରାଜ ୬-୦, ୬-୧, ୬-୪ ସିଧାସଳଖ ସେଟ୍‌ରେ ୧୨ତମ ସିଡ୍ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ମୁସେଟ୍ଟି ୬-୨, ୪-୬, ୭-୫, ୬-୨ ସେଟ୍‌ରେ ଆମେରିକାର ଫ୍ରାନ୍ସିସ୍ ଟିଆଫୋଇଙ୍କୁ ହରାଇଥିଲେ।

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ

# ଆର୍ତ୍ତିକଙ୍କୁ ୭ ୱିକେଟ, ଅମ୍ରିତଙ୍କ ୧୬୫ ରନ

କଟକ, ୪।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚରେ ସୁନ୍ଦରଗଡ଼ ୨୬୯ ରନରେ ଗଜପତିକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୭ ୱିକେଟ ବିନିମୟରେ ୩୪୧ ରନ ସଂଗ୍ରହ କରିଥିଲା। ଆଦିତ୍ୟ ଆନନ୍ଦ ୬୦ ଏବଂ ତୋହିଦ ଅନସାରୀ ଅପରାଜିତ ୫୬ ରନ କରିଥିଲେ। ଜବାବରେ ଗଜପତି ମାତ୍ର ୭୨ ରନରେ ଅଲଆଉଟ ହୋଇଥିଲା। ବିଜୟୀ ସୁନ୍ଦରଗଡ଼ର ଆର୍ତ୍ତିକ ସାହୁ ୧୩ରନ ବିନିମୟରେ ୭ଟି ୱିକେଟ ଦଖଲ କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିଭଳି ବିଡ଼ାନାସୀ ଗ୍ରାଉଣ୍ଡରେ ମାଲକାନଗିରି ୨୦୩ ରନରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ଅମ୍ରିତ ମଣ୍ଡଳଙ୍କ ୧୬୫ ରନ ସହାୟତାରେ ମାଲକାନଗିରି ସମସ୍ତ ୱିକେଟ ହରାଇ ୩୩୭ ରନ କରିଥିଲା। ଜବାବରେ ଜଗତସିଂହପୁରର ଇନିଂସ ୧୩୪ ରନରେ ସୀମିତ ରହିଥିଲା। ଶତକୀୟ ପାଳି ଖେଳିଥିବା ଅମ୍ରିତଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ-ବି ୧୦୪ ରନରେ କୋରାପୁଟକୁ ପରାସ୍ତ କରିଛି। ୩୪ରନ ସଂଗ୍ରହ କରିବା ସହ ୩ ୱିକେଟ ଅକ୍ତିଆର କରିଥିବା ଅଭିଷେକ ସେନାପତି ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।


ଅମ୍ରିତ ମଣ୍ଡଳ


ଆର୍ତ୍ତିକ ସାହୁ

ଡ୍ରିମସ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ୭ ୱିକେଟରେ ଅନୁଗୋଳକୁ ହରାଇଥିଲା। ୧୩ରନ ବ୍ୟୟ କରି ୩ ୱିକେଟ ଦଖଲ କରିଥିବା ବିଜୟୀ ଦଳର କ୍ରୀଷ୍ଣା ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଅଡ଼ଶପୁର ଗ୍ରାଉଣ୍ଡରେ ମୟୂରଭଞ୍ଜ ୧୦ ୱିକେଟରେ କଳାହାଣ୍ଡିକୁ ହରାଇଥିଲା। ମୟୁରଭଞ୍ଜର ଲୋକନାଥ ପୃଷ୍ଟି ୫ରନ ବିନିମୟରେ ପାଞ୍ଚ ୱିକେଟ ସଫଳତା ପାଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବଲାଙ୍ଗୀର ୬୭ରନରେ ସମ୍ବଲପୁର-ଏକୁ ପରାସ୍ତ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS